


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-203 ◆SUNDAY ◆18 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୦୩ ◆ରବିବାର ◆୧୮ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ଓଇଆର୍‌ସିରେ ସରକାରୀ ଉଦ୍ୟୋଗଗୁଡ଼ିକର ଦାବି

# ବଢ଼ିବ ବିଜୁଳି ଶୁଳ୍କ !



**ସ୍ମାର୍ଟ ମିଟର, ଅତିରିକ୍ତ ସୁରକ୍ଷା ଜମା ନୋଟିସ୍ ପରେ ଦରବୃଦ୍ଧି ପ୍ରସ୍ତାବ ବେଢ଼ି ଉପରେ କୋରଡ଼ା**

**ସରକାରୀ ଉଦ୍ୟୋଗଙ୍କ ଲାଭଖୋର ମନୋବୃତ୍ତିକୁ ଶକ୍ତି ସମୀକ୍ଷକଙ୍କ କଡ଼ା ସମାଲୋଚନା**

**ସର୍ବଭାରତୀୟ ସ୍ତରଠାରୁ ଅଧିକ ବିଜୁଳି ଶୁଳ୍କ ଦେଉଛନ୍ତି ଓଡ଼ିଶାର ଉପଭୋକ୍ତା**

■ ଭୁବନେଶ୍ୱର, ୧୭।୧ (ସମିସ): ରାଜ୍ୟବ୍ୟାପୀ ସ୍ମାର୍ଟ ମିଟର, ବିତରକ କମ୍ପାନୀଙ୍କର ଅତିରିକ୍ତ ସୁରକ୍ଷା ଜମା(ଏଏସ୍‌ଡି) ଯାତନାରୁ ସାଧାରଣ ଲୋକେ ମୁକୁଳିପାରି ନ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷରୁ ରାଜ୍ୟରେ ବିଜୁଳି ଶୁଳ୍କ ବଢ଼ିବା ନେଇ ଆଶଙ୍କା ଦେଖାଦେଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିତରଣ ସେବାରେ ଥିବା ୪ଟି ଯାକ ବିତରକ କମ୍ପାନୀ ସାଙ୍ଗକୁ ସରକାରଙ୍କ ୪ଟି ପ୍ରମୁଖ ଶକ୍ତି ଉଦ୍ୟୋଗ ଗ୍ରୀଡ୍‌କୋ, ଓପିଟିସିଏଲ୍, ଓପିଜିସି ଏବଂ ଓଏଚ୍‌ପିସି ମଧ୍ୟ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ନିକଟରେ ଦାବି ରଖିଛନ୍ତି। ଓଇଆରସିରେ ବିଜୁଳି ଦର ନେଇ ଆସନ୍ତା ଫେବ୍ରୁଆରୀରୁ ଶୁଣାଣି ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଆର୍ଥିକ ବର୍ଷରେ ବିଜୁଳି ଦର ବୃଦ୍ଧି ବୋଲି ଆପାତତଃ ସ୍ଥିର ହୋଇସାରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ ମଧ୍ୟ ଗତ ବର୍ଷରେ ୬୬୪ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଦର୍ଶାଇ ବିଜୁଳି ମୂଲ୍ୟ ବୃଦ୍ଧି ପାଇଁ ଦାବି କରିଛନ୍ତି। ଅପରପକ୍ଷେ ଗ୍ରୀଡ୍‌କୋ ପୂର୍ବବର୍ଷରେ (୨୦୨୪-୨୫) ୩୪୭ କୋଟିଟଙ୍କା ଲାଭ କରିଥିବା ବେଳେ ପାଇକାରୀ ବିକ୍ରି ମୂଲ୍ୟକୁ ୟୁନିଟ ପିଛା ୫୮ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛନ୍ତି। ସେହିପରି ଓପିଟିସିଏଲ ୨୩୮ କୋଟିଟଙ୍କା ଲାଭ କରିଥିବା ବେଳେ ବିଦ୍ୟୁତ ସଂଚାରଣ ଖର୍ଚ୍ଚ ୟୁନିଟ ପିଛା ୧୦ ପଇସା ବୃଦ୍ଧି ପାଇଁ ଯୁକ୍ତି କରିଛି। ଓପିଜିସି ୫୩୪ କୋଟିଟଙ୍କା ଲାଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଶକ୍ତି କେନ୍ଦ୍ର ପାଇଁ (୧୩୨୦ ମେଗାୱାଟ) ଉତ୍ପାଦନ ମୂଲ୍ୟକୁ ବୃଦ୍ଧି କରିବା ପାଇଁ ଗତବର୍ଷ ଦରଖାସ୍ତ ଦାଖଲ କରିଥିଲେବି ଏପର୍ଯ୍ୟନ୍ତ ଆୟୋଗ ଫଇସଲା କରିନାହାନ୍ତି। ତେବେ କ୍ରୟଚୁକ୍ତି ଆଳରେ ଓଇଆର୍‌ସି ଅଧିନିୟମକୁ ଫାଙ୍କିଦେଇ ଓପିଜିସି ଉତ୍ପାଦନ ମୂଲ୍ୟକୁ ବର୍ଷକୁ ବର୍ଷ ବୃଦ୍ଧିକରି ସମୁଦାୟ ଲାଭକୁ ୨୩୪୮ କୋଟି ଟଙ୍କାରେ ପହଞ୍ଚାଇଛି। ▶ପୃଷ୍ଠା-୭

## ଟ୍ରମ୍ପଙ୍କୁ କ୍ରିମିନାଲ୍ କହିଲେ ଖାମନେଇ

# ଆମେରିକା ରାଷ୍ଟ୍ରପତି ଇରାନ ଜନତାଙ୍କ ହତ୍ୟାକାରୀ



■ ତେହରାନ, ୧୭।୧ (ଏଜେନ୍ସି): ଇରାନରେ ବଡ଼ଧରଣର ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ଜେନ୍-ଜେଡ୍ ଆନ୍ଦୋଳନକୁ ବନ୍ଦ କରିବା ପାଇଁ ଇରାନ ସରକାର ବଳପ୍ରୟୋଗ କରୁଛନ୍ତି। ଅତର୍କିତ ଗୁଳିମାଡ଼ କରି ବିକ୍ଷୋଭକାରୀଙ୍କ ଜୀବନ ନେଉଛନ୍ତି। ମାତ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିକ୍ଷୋଭକାରୀଙ୍କୁ ସମର୍ଥନ କରୁଛନ୍ତି। ସେ ସମସ୍ତ ପ୍ରକାରର ସହାୟତା ଦେବେ ବୋଲି କହିଛନ୍ତି। ଏପରି ସମୟରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ଟ୍ରମ୍ପଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଆମେରିକା ରାଷ୍ଟ୍ରପତିଙ୍କୁ ଅପରାଧୀ କହିଛନ୍ତି। ଦେଶରେ ଜାରି ହିଂସା, ଅପପ୍ରଚାର ଏବଂ ଜୀବନହାନି ପାଇଁ ଟ୍ରମ୍ପଙ୍କୁ ଦାୟୀ କରିଛନ୍ତି। ତାଙ୍କୁ ଇରାନ ଜନତାଙ୍କ ହତ୍ୟାକାରୀ କହି ଚେତାବନୀ ମଧ୍ୟ ଦେଇଛନ୍ତି। ହିଂସା ପାଇଁ ଦାୟୀ ଜାତୀୟ କିମ୍ବା ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରକାରୀ କାହାରିକୁ ଛାଡ଼ିବୁ ନାହିଁ ବୋଲି ଖାମନେଇ କହିଛନ୍ତି।

ଇରାନ ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଖାମନେଇ କହିଥିଲେ ଯେ ଏବେକାର ବିକ୍ଷୋଭ ପ୍ରଦର୍ଶନ ପୂର୍ବଠାରୁ ଅଲଗା ଥିଲା। କାରଣ ଏବେ ବିକ୍ଷୋଭରେ ଆମେରିକା ରାଷ୍ଟ୍ରପତି ସାମିଲ ହୋଇଯାଇଛନ୍ତି। ଇରାନ ବିରୋଧରେ ଆମେରିକା କେବଳ ଷଡ଼ଯନ୍ତ୍ର କରିନାହିଁ, ବରଂ ହିଂସାକୁ ପ୍ରୋତ୍ସାହନ ▶ପୃଷ୍ଠା-୭

## ମୁହାଁମୁହିଁ ଧକ୍କା ପରେ କାର୍-ଅଟୋରେ ନିଆଁ

# ଜଳିଗଲେ ୩ ଯୁବକ; ଜଣେ ମୃତ



■ ଫୁଲବାଣୀ, ୧୭।୧ (ସମିସ): ଫୁଲବାଣୀ ସହର ଉପକଣ୍ଠ ଦାତପାଜୁ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ନିକଟରେ ଆଜି ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ କାର୍ ସହ ବିପରୀତ ଦିଗରୁ ଆସୁଥିବା ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଗାଡ଼ି ଦୁଇଟି ଜଳିଯାଇଛି। ଅଟୋରେ ବସିଥିବା ଜଣେ ଯୁବକଙ୍କ ପୋଡ଼ି ହୋଇ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ଫୁଲବାଣୀ ବ୍ଲକ ଦାତପାଜୁ ପଞ୍ଚାୟତ ମିଣିଆକାଠି ଗ୍ରାମର ବରୁଣ ମଲ୍ଲିକ(୨୦) ବୋଲି ଜଣାପଡ଼ିଛି। ସେହିଭଳି ଅଟୋରେ ଥିବା ବରୁଣଙ୍କ ଭାଇ ବାବୁଲା ମଲ୍ଲିକ (୨୨) ଓ ଦଡ଼କି ପଞ୍ଚାୟତ ସିଙ୍ଗାପଡ଼ାର ଶୈଳେନ୍ଦ୍ର କହଁର(୫୦) ଗୁରୁତର ହୋଇଛନ୍ତି। ଉଭୟଙ୍କ ଶରୀରର ପ୍ରାୟ ୯୦ପ୍ରତିଶତ ପୋଡ଼ି ଯାଇଛି। ତେବେ କାରରେ କେତେଜଣ ଥିଲେ, ତାହା ଜଣାପଡ଼ିନାହିଁ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ▶ପୃଷ୍ଠା-୭

## ନିଲମ୍ବନର ଜବାବ ରଖିଲା ବିଜେଡି

# ଦଳବିରୋଧୀ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ ସନାତନ ଓ ଅରବିନ୍ଦ

**'ମିଡ୍ ନାଇଟ୍' ପରେ ଏବେ ମିଡ୍ ଡେ' ଅପରେସନ ବି ଫେଲ୍**

**ଦଳଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି**

**ତୃଣମୂଳ ସ୍ତରରୁ ମତାମତ ନେଇ ନବୀନ ନେଇଛନ୍ତି ନିଷ୍ପତ୍ତି**

■ ଭୁବନେଶ୍ୱର, ୧୭।୧ (ସମିସ): ବିଜେଡିକୁ ଦୁର୍ବଳ କରିବାକୁ ମିଡ୍ ଡେ' ଅପରେସନ୍ ଯୋଜନା ହୋଇଥିଲା। ପୂର୍ବରୁ 'ମିଡ୍ ନାଇଟ୍ ଅପରେସନ ଫେଲ୍ ହୋଇଥିଲା, ଏବେ ମିଡ୍ ଡେ' ଅପରେସନ ବି ଫେଲ୍ ହୋଇଛି। ଦଳ ବିରୋଧରେ ହେଉଥିବା ଏକ ବଡ଼ ଧରଣର ଷଡ଼ଯନ୍ତ୍ର ହେଉଥିବା ବେଳେ ଏଥିରେ ଅଂଶ ବିଶେଷଭାବେ ସନାତନ ମହାକୁଡ଼, ବିଜୟ ମହାପାତ୍ର ଓ ଅରବିନ୍ଦ ମହାପାତ୍ର ସାମିଲ ଥିଲେ। ଦଳର ଅନୁଶାନ ଭାଙ୍ଗିବା ତଥା ବିଶ୍ୱାସଘାତକତା କରିବା କାରଣରୁ ଦୁଇ ବିଧାୟକଙ୍କୁ ନିଲମ୍ବନ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ▶ପୃଷ୍ଠା-୭

# ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ଗାଡ଼ି ଚଢ଼ାଇ ହତ୍ୟା

**ବିଏନପି ନେତା ଗିରଫ**

**୩୦ ଦିନରେ ଅଷ୍ଟମ 'ହିନ୍ଦୁ' ହତ୍ୟା**

■ ଢାକା, ୧୭ ।୧ (ଏଜେନ୍ସି): ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ରାଜବାଡ଼ି ଜିଲ୍ଲାରେ ଏକ ପେଟ୍ରୋଲ ପମ୍ପରେ ୩୦ ବର୍ଷୀୟ ରିପନ ଶାହା ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ପେଟ୍ରୋଲ ଭରିବା ପରେ ପଇସା ନ ଦେଇ ପଳାଇଯାଉଥିବା ଏକ ଏସ୍‌ୟୁଭିକୁ ସେ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏସ୍‌ୟୁଭି ଡ୍ରାଇଭର ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇ ସେଠାରୁ ଫେରାର ହୋଇଯାଇଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ ଶୁକ୍ରବାର ଭୋର ୪.୩୦ରେ ଏହି ଘଟଣା ଘଟିଥିଲା। ଏକ କଳା ଏସ୍‌ୟୁଭି ଗାଡ଼ି ପେଟ୍ରୋଲ ପମ୍ପକୁ ଆସିଥିଲା ଓ ପାଖାପାଖି ▶ପୃଷ୍ଠା-୭

## ମହାନଦୀ ଜଳ ବିବାଦ: ବିରୋଧୀ ଦଳ ଓ ବୁଦ୍ଧିଜୀବୀଙ୍କ ଦାବି ମାନିଲେ ସରକାର

# ଛତିଶଗଡ଼ ସହ ଆଲୋଚନା ପୂର୍ବରୁ ସର୍ବଦଳୀୟ ବୈଠକ

**ଆସନ୍ତା ୨୩ରେ ଅଂଶୀଦାରମାନଙ୍କ ସହ ସରକାରଙ୍କ ଆଲୋଚନା**

**ଛତିଶଗଡ଼ ଆଲୋଚନାରେ ଉପସ୍ଥାପିତ ହେବ ବୈଠକର ନିଷ୍କର୍ଷ**

■ ଭୁବନେଶ୍ୱର, ୧୭।୧ (ସମିସ): ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିଜେଡି ସମେତ ବିଭିନ୍ନ ସଂଗଠନର ଦାବିକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଆସନ୍ତା ୨୩ ତାରିଖରେ ଦୁଇଟି ପର୍ଯ୍ୟାୟରେ ଏକ ସର୍ବଦଳୀୟ ବୈଠକ ଏବଂ ମହାନଦୀ ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସଂଗଠନ ସହ ରାଜ୍ୟ ସରକାର ଆଲୋଚନା କରିବେ। ଆଲୋଚନାର ନିଷ୍କର୍ଷର୍ ଭିତ୍ତିରେ ରାଜ୍ୟ ସରକାର ଆଲୋଚନା ପାଇଁ ଛତିଶଗଡ଼ ଯିବେ ବୋଲି ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଉଚ୍ଚସ୍ତରୀୟ କମିଟିରେ ନିଷ୍ପତ୍ତି ନିଆଯାଇଛି।

ଶନିବାର ସ୍ଥାନୀୟ ରାଜୀବ ଭବନରେ କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କମିଟିର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ମହାଦନୀ ଜଳ ବିବାଦ ମାମଲାରେ ରାଜ୍ୟ ବିଜେପି ସରକାର ଛତିଶଗଡ଼ ସହ ଆପୋସ ବୁଝାମଣା ଜାରି ରଖିଛନ୍ତି। ତେବେ ଏହି ଆପୋସ ଆଲୋଚନାର ସର୍ତ୍ତ କ'ଣ ଏବଂ ବୁଝାମଣାରେ କେଉଁ ବିଷୟବସ୍ତୁ ନିଆଯାଇଛି, ତାହାକୁ ସାର୍ବଜନୀନ କରିବାକୁ ବିରୋଧୀ ଦଳ ତଥା ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ ଦାବି କରି ଆସୁଥିଲେ। ତଦନୁଯାୟୀ, ଆସନ୍ତା ୨୩ ତାରିଖରେ ମହାନଦୀ ବିବାଦକୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ମହାନଦୀ ସହ ଜଡ଼ିତ ବିଭିନ୍ନ ସଂଗଠନ, ଅଂଶୀଦାର, ପରିବେଶବିତଙ୍କ ସହ ମଧ୍ୟ ସରକାର ବିଚାରବିମର୍ଶ କରିବେ। ଏହି ଦୁଇ ପର୍ଯ୍ୟାୟ ବୈଠକ ଆଲୋଚନାର ନିଷ୍କର୍ଷକୁ ନେଇ ପରବର୍ତ୍ତୀ ସମୟରେ ଛତିଶଗଡ଼ ସହ ଆଲୋଚନା କରାଯିବ। ଆସନ୍ତା ୩୧ ଓ ଫେବ୍ରୁଆରୀ ୧ ତାରିଖରେ ଛତିଶଗଡ଼ରେ ହେବାକୁ ଥିବା ଆଲୋଚନାରେ ଓଡ଼ିଶାର ତା'ର ପକ୍ଷ ରଖିବ। ଟ୍ରିବ୍ୟୁନାଲରେ ଆସନ୍ତା ଫେବୃଆରୀ ୭ ତାରିଖରେ ପରବର୍ତ୍ତୀ ଶୁଣାଣି ଥିବାରୁ ଏହାପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ▶ପୃଷ୍ଠା-୭







# ରାଉରକେଲା ବିମାନ ଦୁର୍ଘଟଣାରେ ଗୁରୁତର ଯାତ୍ରୀଙ୍କ ମୃତ୍ୟୁ



■ ରାଉରକେଲା, ୧୭।୧ (ସମିସ): ଗତ ୧୦ ତାରିଖ ଦିନ ଭୁବନେଶ୍ୱର-ରାଉରକେଲା ବିମାନ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯାତ୍ରୀଙ୍କ ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ସେ ହେଲେ, ସୁଶାନ୍ତ କୁମାର ବିଶ୍ୱାଳ (୪୮)। ତାଙ୍କ ଘର ରାଉରକେଲା ବେଦବ୍ୟାସ ଅନ୍ତର୍ଗତ ସିଂହଟୋଲାରେ। ସେ ରାଉରକେଲାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବା ବେଳେ ଗତ ୧୦ ତାରିଖରେ ଭଉଣୀ ଅନିତା ବିଶ୍ୱାଳଙ୍କ ସହ ଇଣ୍ଡିଆ ୱାନ୍ ଏୟାରର ୯ ସିଟ୍ ବିଶିଷ୍ଟ ବିମାନରେ ରାଉରକେଲା ଫେରୁଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜରୁରୀକାଳୀନ ▶ପୃଷ୍ଠା-୭

# ଆରମ୍ଭ ହେଲା ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍

କୋଲକାତା, ୧୭ ।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗ ମାଲଦାରେ ଭାରତର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଉଦ୍‌ଘାଟନ କରିଛନ୍ତି । ସେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଟ୍ରେନ୍ ପଶ୍ଚିମବଙ୍ଗର ହାଓଡ଼ା ଓ ଗୌହାଟୀ ମଧ୍ୟରେ ଚାଲିବ । ମୋଦୀ ଟ୍ରେନ୍‌ର ଡ୍ରାଇଭର ଓ ଟ୍ରେନ୍‌ରେ ଥିବା ପିଲାମାନଙ୍କ ସହ କଥା ହୋଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବନ୍ଦେ ଭାରତ ଟ୍ରେନ୍ ଲୋକଙ୍କ ଯାତାୟତକୁ ଆରମ ଦାୟକ କରିବ । ବିଦେଶରେ ଚାଲୁଥିବା ଟ୍ରେନ୍ ଭଳି ଭାରତରେ ଚାଲୁ ବୋଲି ଲୋକେ ଚାହୁଁଥିଲେ, ଏବେ ସେହି ସ୍ୱପ୍ନ ସାକାର ହୋଇଛି ବୋଲି ସେ କହିଛନ୍ତି । ଏହି ଟ୍ରେନ୍ ହାଓଡା ଓ ଗୌହାଟୀ ମଧ୍ୟରେ ଯାତ୍ରା ସମୟକୁ ଅଢ଼େଇ ଘଣ୍ଟାକୁ ହ୍ରାସ କରିବ । ବର୍ତ୍ତମାନ ହାଓଡାରୁ ଗୌହାଟୀ ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବାକୁ ୧୮ ଘଣ୍ଟା ସମୟ ଲାଗୁଛି । ଏଥିସହ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ୩, ୨୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ଓ ସଡ଼କ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି । ସେ ଆଭାସୀ ଭାବେ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍‌କୁ



ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଟ୍ରେନ୍‌ଗୁଡିକ ପଶ୍ଚିମବଙ୍ଗର ନ୍ୟୁ ଜଲପାଇଗୁଡି ଓ ଅଲିପୁରଦୁଆରକୁ ଭାରତର ବିଭିନ୍ନ ଅଂଶ ସହ ସଂଯୋଗ କରିବ । ରବିବାର ପ୍ରଧାନମନ୍ତ୍ରୀଙ୍କର ପଶ୍ଚିମବଙ୍ଗ ଓ ଆସାମରେ ଏକାଧିକ କାର୍ଯ୍ୟକ୍ରମ ରହିଛି ।

# ଏଥର ଗଣତନ୍ତ୍ର ଦିବସର ଥିମ୍ 'ବନ୍ଦେ ମାତରମ୍'

■ ପରେଡରେ ୩୦ଟି ଦଳ ବାହାରିବେ
■ ରାଫେଲ, ସୁଖୋଇ ସହ ୨୯ ବିମାନ ସାମିଲ; ଅନୁପସ୍ଥିତ ରହିବ ତେଜସ୍

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଆସନ୍ତା ଜାନୁଆରୀ ୨୬ରେ ଭାରତ ତା'ର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବ । ଏବର୍ଷ ମୁଖ୍ୟ ପରେଡ ବନ୍ଦେ ମାତରମ ଉପରେ ଆଧାରିତ ହେବ । ପରେଡ ସମୟରେ ସ୍ୱାଧୀନତାର ମନ୍ତ୍ର 'ବନ୍ଦେ ମାତରମ' ଏବଂ ସମୃଦ୍ଧିର ମନ୍ତ୍ର 'ଆତ୍ମନିର୍ଭର ଭାରତ' ଥିମ୍ ମୁଖ୍ୟ ହେବ । କର୍ତ୍ତବ୍ୟ ପଥରେ ୩୦ଟି ଦଳ ସେମାନଙ୍କ ଯୁଦ୍ଧ କୌଶଳ, କଳା ନୈପୁଣ୍ୟ ପ୍ରଦର୍ଶନ କରିବା ସହ ପରେଡରେ ଭାଗ ନେବେ । କର୍ତ୍ତବ୍ୟ ପଥରେ ଥିବା ଘେରାର ପୃଷ୍ଠଭୂମିରେ 'ବନ୍ଦେ ମାରତମ'ର ଧାଡ଼ିଗୁଡିକକୁ ଚିତ୍ରିତ କରୁଥିବା ଏକ ପୁରୁଣା ଚିତ୍ର ମଧ୍ୟ ତିଆରି କରାଯିବ । ମୁଖ୍ୟ ମଞ୍ଚରେ 'ବନ୍ଦେ ମାତରମ'ର ଲେଖକ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ । ଏଥର ଗଣତନ୍ତ୍ର ଦିବସ ପରେଡ୍‌ରେ ମୁଖ୍ୟଅତିଥି ଭାବେ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭାନ ଡେର୍ ଲେଏନ ଯୋଗ ଦେବେ । ପ୍ରଥମଥର ପାଇଁ ବାକ୍ଟ୍ରିଅନ ଓଟ ଓ ନୂତନ ଭୈରବ ବାଟାଲିଅନ ମଧ୍ୟ ପରେଡରେ ମାର୍ଚ୍ଚ ପାଷ୍ଟ କରିବେ । ଏଥର ଫ୍ଲାଏପୋଷ୍ଟରେ ରାଫେଲ, ସୁଖୋଇ-୩୦ ଓ ଆପାଚେ ସମେତ ୨୯ଟି ବିମାନ ସାମିଲ ହେବ । କିନ୍ତୁ ଏଥର ତେଜସ ଅନୁପସ୍ଥିତ ରହିବ । ପରେଡରେ ତେଜସର ଅନୁପସ୍ଥିତି ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ସଚିବ ଆରକେ ସିଂ କହିଛନ୍ତି ଯେ, ସେନୋ କିଛି ସର୍ବୋତ୍ତମ ପ୍ଲାଟ୍‌ଫର୍ମ ପ୍ରଦର୍ଶନ କରାଯାଉଛି । ଏଥିରେ କିଛି ସାମିଲ ରହିଛି ଓ ଆଉ କିଛି ବାଦ୍ ପଡ଼ିଛି । କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ କୌଣସି କାରଣ ନାହିଁ । ଗଣତନ୍ତ୍ର ଦିବସ ପରେଡ ଓ ବିଟିଂ ରିଟ୍ରିଟ୍ ସମାରୋହକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଭବନର ଜାନୁଆରୀ ୨୧ରୁ ୨୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ।

### ଉତ୍ତର ଭାରତରେ ଶୀତ ଲହରୀ ଜାରି

## ଘନକୁହୁଡ଼ି ଯୋଗୁଁ ୩୫ ଦୁର୍ଘଟଣା; ୫ ମୃତ

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଦେଶର ସମଗ୍ର ଉତ୍ତରଭାଗରେ ଥଣ୍ଡା ଓ ଶୀତ ଲହର ଜାରି ରହିଛି । କଶ୍ମୀର ଓ ହିମାଚଳ ପ୍ରଦେଶର ଉଚ୍ଚ ସ୍ଥାନଗୁଡିକରେ ଶୁକ୍ରବାର ପୁଣି ତୁଷାରପାତ ହୋଇଛି । ଫଳରେ ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ, ବିହାର ଓ ଝାଡ଼ଖଣ୍ଡ ସମେତ ୧୨ଟି ରାଜ୍ୟରେ ଜବରଦସ୍ତ ଥଣ୍ଡା ଅନୁଭୂତ ହୋଇଛି । ୟୁପିର ୫୩ଟି ସହରରେ ଘନ କୁହୁଡି ଛାଇ ହୋଇ ରହିଛି । ଫଳରେ ୧୦ଟି ଜିଲ୍ଲାରେ ୩୫ଟି ଗାଡ଼ ଧକ୍କା ହୋଇଛି । ଦୁର୍ଘଟଣାରେ ୫ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ବନ୍ଦେ ଭାରତ ସମେତ ୧୦୦ରୁ ଅଧିକ ଟ୍ରେନ୍ ବିଳମ୍ବିତ ହୋଇଛି । ସେହିପରି ଥଣ୍ଡା କାରଣରୁ ନୋଏଡ଼ା, ଗ୍ରେଟର ନୋଏଡ଼ା, ସାହାରନପୁର, ବଦାୟୁଁ ଓ ସମ୍ଭଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିଛି । ଅମୃତସରରେ ଘନ କୁହୁଡି କାରଣରୁ ସକାଳ ୭ଟା ପର୍ଯ୍ୟନ୍ତ ଦୃଶ୍ୟମାନ ଦୂରତା ଶୁନ ଥିଲା । ଦିଲ୍ଲୀରେ ଘନ କୁହୁଡି କାରଣରୁ ଦୃଶମାନ ଦୂରତା ୨୦ ମିଟରରୁ କମ୍ ଥିଲା । ସେହିପରି ମଧ୍ୟପ୍ରଦେଶରେ ମନ୍ଦସୋରରେ ପାରା ୨.୫ ଡିଗ୍ରୀ ଥିଲା । ହରିୟାଣାର ଭିବାନୀରେ ତାପମାତ୍ରା ୧.୫ ଓ ପଞ୍ଜାବର ନବାଂସହରର ତାପମାତ୍ରା ୦.୯ ଡ୍ରିଗୀ ରେକର୍ଡ କରାଯାଇଛି । ସେହିପରି ଉତ୍ତରାଖଣ୍ଡର ଉଚ୍ଚ ସ୍ଥାନଗୁଡିକରେ ନଦୀ-ନାଳ ପୂର୍ବପରି ଜମି ରହିଛି । ଉତ୍ତରାଖଣ୍ଡର ୪ଟି ଜିଲ୍ଲାରେ ନଦୀ-ନାଳ ଓ ଝରଣା ଜମି ରହିଛି । ଏଥିରେ ପିଥୋରାଗଡ଼, ଚାମୋଲୀ, ଉତ୍ତରକାଶୀ ଓ ରୁଦ୍ରପ୍ରୟାଗ ଭଳି ଉଚ୍ଚ-ଉଚ୍ଚ ଅଞ୍ଚଳ ସମେତ ୪ଟି ଜିଲ୍ଲାରେ ନଦୀ, ଝରଣା ଜଳ ପ୍ରପାତ ଜମି ରହିଛି ।

## ବରଫାବୃତ ହ୍ରଦରେ ଖସି ଦୁଇ ଯୁବକ ମୃତ

ଇଟାନଗର, ୧୭ ।୧(ଏଜେନ୍ସି): ଅରୁଣାଚଳ ପ୍ରଦେଶର ତୱାଙ୍ଗ ଜିଲ୍ଲାର ସେଲା ହ୍ରଦରେ ଶୁକ୍ରବାର କେରଳର ଦୁଇଜଣ ଯୁବକ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି । ଶୁକ୍ରବାର ଜଣଙ୍କର ଓ ଶନିବାର ଆଉ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଦୃଶ୍ୟମାନ ଦୂରତା କମ୍ ଥିବାରୁ ଡାଇଭରମାନଙ୍କୁ ମୃତଦେହ ଖୋଜି ପାଇବାରେ କଷ୍ଟ ହୋଇଥିଲା । ଦୁଇ ମୃତକ ହେଲେ ୨୬ ବର୍ଷୀୟ ଦିନୁ ଓ ୨୪ ବର୍ଷୀୟ ମହାଦେବ । ସେମାନେ ଆସାମର ଗୌହାଟୀ ଦେଇ ଅରୁଣାଚଳର ତୱାଙ୍ଗ ଯାତ୍ରା କରିଥିବା ଏକ ୭ଜଣିଆ ପର୍ଯ୍ୟଟକ ଦଳର ଅଂଶଥିଲେ । ଶୁକ୍ରବାର ଯୁବକଙ୍କର ଏହି ଦଳ ବରଫ ହ୍ରଦରେ ବୁଲୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଥଣ୍ଡା କାରଣରୁ ହ୍ରଦ ଜମି ଯାଇଥିଲା ଅର୍ଥାତ୍ ବରଫ ପାଲଟି ଯାଇଥିଲା । ବରଫ ଭାଙ୍ଗିଯିବା ଫଳରେ ଜଣେ ପାଣିକୁ ଖସି ପଡ଼ିଥିଲେ । ତାଙ୍କୁ ଉଦ୍ଧାର କରିବାକୁ ଯାଇ ଦିନୁ ଓ ମହାଦେବ ହ୍ରଦକୁ ଡେଇଁ ପଡ଼ିଥିଲେ । ପ୍ରଥମେ ପଡ଼ିଥିବା ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । କିନ୍ତୁ ଦିନୁ ଓ ମହାଦେବ ପାଣି ଭାସି ଯାଇ ମୃତ୍ୟୁବରଣ କରିଥିଲେ ।

## ପାକିସ୍ତାନରେ ଘନ କୁହୁଡ଼ି: ଦୁର୍ଘଟଣାରେ ୬ ଶିଶୁଙ୍କ ସମେତ ୧୪ ମୃତ

ଲାହୋର, ୧୭ ।୧(ଏଜେନ୍ସି): ପାକିସ୍ତାନର ପଞ୍ଜାବ ରାଜ୍ୟରେ ଘନ କୁହୁଡି ଯୋଗୁଁ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟ୍ରକ ପୋଲ ଉପରୁ ଶୁଖିଲା କେନାଲକୁ ଖସି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ୬ ଜଣ ଶିଶୁଙ୍କ ସମେତ ୧୪ ଜଣଙ୍କର ମୃତ୍ୟୁ ଘଟିଛି ଓ ୯ ଜଣ ଆହତ ହୋଇଛନ୍ତି । କୁହୁଡି କାରଣରୁ ଘଟିଥିବା ଭିନ୍ନ ଭିନ୍ନ ଦୁର୍ଘଟଣାରେ ପାକିସ୍ତାନରେ ମୋଟ୍ ୩୨ ଜଣ ମୃତ୍ୟୁବରଣ କରିଛନ୍ତି । ଲାହୋରରୁ ପ୍ରାୟ ୨୦୦ କିମି ଦୂର ସରଗୋଧା ଜିଲ୍ଲାରେ କୋଟ ମୋମିନ ଅଞ୍ଚଳରେ ଶନିବାର ସକାଳେ ଏହି ଦୁର୍ଘଟଣା ଘଟିଥିଲା । ପଞ୍ଜାବ ସରକାରଙ୍କ ସୂଚନା ଅନୁଯାୟୀ ଗୋଟିଏ ପରିବାରର ମୋଟ୍ ୨୩ ଜଣ ଏକ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଇସ୍‌ଲାମାବାଦ୍‌ରୁ ଫୈସଲାବାଦ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ଆତଙ୍କବାଦୀଙ୍କ ଟାର୍ଗେଟରେ ଦିଲ୍ଲୀ

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଗଣତନ୍ତ୍ର ଦିବସ ପାଳନ ପୂର୍ବରୁ ରାଜଧାନୀ ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ହେବାର ଆଶଙ୍କା ରହିଛି ବୋଲି ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡିକ ସତର୍କତା ଜାରି କରିଛନ୍ତି । ଗୁଇନ୍ଦା ବ୍ୟୁରୋ (ଆଇବି) ସହିତ ଜଡ଼ିତ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି ଯେ, ନିଷିଦ୍ଧ ଖଲିସ୍ତାନୀ ଓ ବାଂଲାଦେଶୀ ଆତଙ୍କବାଦୀ ସଂଗଠନଗୁଡିକ ଦିଲ୍ଲୀ ସମେତ ଦେଶର ଅନେକ ସହରଗୁଡିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିପାରନ୍ତି । ପଞ୍ଜାବର କିଛି ଗ୍ୟାଙ୍ଗଷ୍ଟର ଖଲିସ୍ତାନୀ ଓ ବିଦେଶରୁ କାର୍ଯ୍ୟ କରୁଥିବା କିଛି ମୌଳବାଦୀ ହ୍ୟାଣ୍ଡଲର ପାଇଁ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ଏଜେଣ୍ଡା ତଥା ଆଭିମୁଖ୍ୟକୁ ଆଗକୁ ବଢ଼ାଇବା ଓ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ ବିପର୍ଯ୍ୟସ୍ତ କରିବା ପାଇଁ ଆପରାଧିକ ନେଟୱର୍କକୁ ବ୍ୟବହାର କରୁଛନ୍ତି । ଏହି ଗ୍ୟାଙ୍ଗଷ୍ଟରମାନେ ହରିୟାଣା, ଦିଲ୍ଲୀ-ଏନ୍‌ସିଆର, ଉତ୍ତର ପ୍ରଦେଶ ଓ ରାଜସ୍ଥାନରେ ସକ୍ରିୟ ଅଛନ୍ତି ଓ ଧିରେ ଧିରେ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନଗୁଡିକ ସହ ସମ୍ପର୍କ ଦୃଢ କରୁଛନ୍ତି ।

# ପ୍ରଥମ ପର୍ଯ୍ୟାୟରେ ଇରାନରୁ ଫେରିଲେ ଭାରତୀୟ ଛାତ୍ରଛାତ୍ରୀ

■ ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିବା ପରେ କାନ୍ଦିଲେ
■ ଇରାନରେ ଭୟଙ୍କର ପରିସ୍ଥିତି

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ସରକାର ବିରୋଧୀ ହିଂସ୍ରକ ଆନ୍ଦୋଳନ ଓ ଅରାଜକତା କାରଣରୁ ଇରାନରେ ଫସି ରହିଥିବା ଭାରତୀୟ ଛାତ୍ରମାନେ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ଛାତ୍ରମାନେ ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିଥିଲେ । ଏମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ । କେତେକ ଭାରତ ସରକରାଙ୍କ ଉଦ୍ୟମରେ ଫେରିଥିବା ବେଳେ ଆଉ କେତେକ ନିଜ ଖର୍ଚ୍ଚରେ ଘରୋଇ ବିମାନରେ ଫେରିଥିଲେ । ବିମାନ ବନ୍ଦରରେ ଓହ୍ଲାଇବା ପରେ ଛାତ୍ରମାନେ ସେମାନଙ୍କ ପରିବାର ସଦସ୍ୟଙ୍କୁ ଆଲିଙ୍ଗନ କରିବା ସହ କାନ୍ଦି ପକାଇଥିଲେ । ଛାତ୍ରମାନଙ୍କୁ ନେଇ ପ୍ରଥମ ଦୁଇଟି ବାଣିଜ୍ୟିକ ବିମାନ ବିଳମ୍ବିତ ରାତିରେ ଅବତରଣ କରିଥିଲା । ଜାନୁଆରୀ ୧୫ରେ ଇରାନ ତା'ର ବାୟୁ ସୀମା ବନ୍ଦ କରିଥିଲା । ଫଳରେ ଭାରତରୁ କିଛି ବିମାନ ପ୍ରଭାବିତ ହୋଇଥିଲା । କିନ୍ତୁ ସ୍ଥିତି ସାମନ୍ୟ ହେବା ପରେ ବିମାନ ଚଳାଚଳ ଆରମ୍ଭ ହୋଇଥିଲା ଓ ଫଳରେ ଛାତ୍ରମାନେ ଭାରତ ଫେରିଥିଲେ । ଫେରିବା ପରେ ଛାତ୍ରମାନେ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ । ତେହେରାନସ୍ଥିତ ଭାରତୀୟ ଦୂତାବାସ ପରାମର୍ଶ ଜାରି କରିଥିଲା ଓ ଇରାନରୁ ସ୍ଥାନାନ୍ତର ପାଇଁ ଭାରତୀୟ ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ର ଓ ବ୍ୟବସାୟୀଙ୍କ ସହିତ ଯୋଗାଯୋଗ ରକ୍ଷା କରିଥିଲା ।



ଏବେ ମଧ୍ୟ ଇରାନ୍‌ରେ ୯ ହାଜରରୁ ଉର୍ଦ୍ଧ୍ୱ ଭାରତୀୟ ନାଗରିକ ଫସି ରହିଛନ୍ତି ।

ହିଂସା ସମୟରେ ସେମାନେ ଇରାନରେ କେଉଁ ପରିସ୍ଥିତିରେ ଫସି ରହିଥିଲେ, ତାହା ସେମାନେ ବର୍ଣ୍ଣନା କରିଥିଲେ । ଜମ୍ମୁ-କଶ୍ମୀର ଜଣେ ଛାତ୍ର କହିଛନ୍ତି ଯେ, ଇରାନରେ ପରିସ୍ଥିତି ବହୁତ ଖରାପ । ସେଠାରେ ହିଂସ୍ରକ ଓ ବିପଜ୍ଜନକ ପ୍ରତିବାଦ ହେଉଛି । ଜଣେ ଡାକ୍ତରୀ ଛାତ୍ରୀ ଅର୍ଶ ଡାହର କହିଛନ୍ତି ଯେ, ଭାରତୀୟ ଦୂତାବାସ ତାଙ୍କ ସହ ଯୋଗାଯୋଗ କରିଥିଲା । କିନ୍ତୁ ସେ ଏକ ଘରୋଇ ବିମାନରେ ନିଜ ଖର୍ଚ୍ଚରେ ଦିଲ୍ଲୀ ଆସିଛନ୍ତି । ଆଉ ଜଣେ କହିଛନ୍ତି ଯେ, ସେଠାରେ ଆମେ ଗୋଟିଏ ମାସ ଧରି ଫସି ରହିଥିଲୁ । ଗୋଟିଏ କିମ୍ବା ଦୁଇ ସପ୍ତାହ ପରେ ସମସ୍ୟା ଆରମ୍ଭ ହୋଇଥିଲା । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ଆମେ ନିଜ ନାଗରିକଙ୍କୁ ସହାୟତା କରିବା ପାଇଁ ସବୁ ପ୍ରକାର ପ୍ରୟାସ ଜାରି ରଖିଛୁ । ଭାରତୀୟଙ୍କୁ ବର୍ତ୍ତମାନ ଇରାନ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ବିଦେଶ ମନ୍ତ୍ରଣାଳୟ ଏ ନେଇ ହେଲ୍ପ ଲାଇନ ଜାରି କରିଛି ।

ଇରାନ୍‌ରେ ପାଖାପାଖି ଗତ ଦୁଇ ସପ୍ତାହ ଧରି ଜାରି ରହିଥିବା ହିଂସାରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି । ଇରାନ ମୁଦ୍ରା 'ରିୟାଲ'ର ମୂଲ୍ୟ ଐତିହାସିକ ଭାବେ ତଳକୁ ଖସିବା ଓ ସୃଷ୍ଟି ହୋଇଥିବା ଦରଦାମ ବୃଦ୍ଧି କାରଣରୁ ଡିସେମ୍ବର ୨୮ରୁ ବିରୋଧ ପ୍ରଦର୍ଶନ ତଥା ଆନ୍ଦୋଳନ ଆରମ୍ଭ ହୋଇଛି । ଦେଶରୁ ସବୁ ୩୧ଟି ରାଜ୍ୟରେ ଏହି ଆନ୍ଦୋଳନର ନିଆଁ ବ୍ୟାପିଛି ଓ ସ୍ଥିତି ଅଣାୟାତ ହୋଇଛି । ଅଧିକାଂଶ ଲୋକ ଗୁଳି ବାଜିବା କାରଣରୁ ମୃତ୍ୟୁ ବରଣ କରିଛନ୍ତି ।

# ଇରାନରେ ନରସଂହାର କରୁଛି ଭଡ଼ାଟିଆ ସେନା

ତେହରାନ, ୧୭।୧ (ଏଜେନ୍ସି): ଇରାନରେ ଇସଲାମିକ ସରକାରକୁ ଭୁଶୁଡ଼ାଇବା ପାଇଁ ଚାଲିଥିବା ଆନ୍ଦୋଳନକୁ ଦମନ କରାଗଲାଣି । ଦେଖିବା ମାତ୍ରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳି କରାଯାଉଛି । ଅନେକଙ୍କୁ ଗିରଫ କରାଯାଇଛି । ସହାୟତା ଦେବାକୁ କହିଥିବା ଆମେରିକା ଚୁପ୍ ହୋଇ ରହିଛି । ଆରବ ଦେଶଗୁଡ଼ିକର ଚାପରେ ୱାସିଂଟନ ଇରାନରେ ଆକ୍ରମଣ କରିନାହିଁ ବୋଲି କୁହାଯାଉଛି । ମାତ୍ର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଖଣ୍ଡନ କରିଦେଇଛନ୍ତି । ସେ ନିଜେ ନିଜକୁ ବୁଝାଇ ଥିବା କହିଛନ୍ତି । ତେବେ ଆମେରିକା ରାଷ୍ଟ୍ରପତି ଆନ୍ଦୋଳନକାରୀଙ୍କୁ ଉସୁକାଇ ତାଙ୍କ ହତ୍ୟାର କାରଣ ପାଲଟିଛନ୍ତି । ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ବିକ୍ଷୋଭକାରୀଙ୍କୁ ଦମନ କରିବା ପାଇଁ ଗୁଳି ମାଡ଼ କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସେନା ଏପରି କରିବାକୁ ମନା କରିଦେଇଥିଲା । ଏହା ପରେ ଖାମନେଇ ଭଡ଼ାରେ ଆତଙ୍କବାଦୀ ସଂଗଠନର ସଦସ୍ୟଙ୍କୁ ଆଣି ନରସଂହାର କରିଥିଲେ । ନିଜ ଦେଶର ହଜାର ହଜାର ନାଗରିକଙ୍କ ଜୀବନ ନେଇଥିଲେ । ଏଥିପାଇଁ ସିଆ ଆତଙ୍କବାଦୀ ସଂଗଠନ ଗୁଡ଼ିକର ସହାୟତା ନିଆଯାଇଥିଲା । ଧାର୍ମିକ ଯାତ୍ରା ନାମରେ ଇରାକରୁ ୫ ହଜାର ସଦସ୍ୟଙ୍କୁ ଡକା ଯାଇଥିଲା । ଏମାନଙ୍କ ମଧ୍ୟରୁ କିଛି ହିଜବୁଲ୍ଲା ସହ ଜଡ଼ିତ ଅଛନ୍ତି । ଏହି ଭଡ଼ାଟିଆ ଆତଙ୍କବାଦୀ ଖାମନେଇଙ୍କ ନିର୍ଦ୍ଦେଶରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଇ ଥିଲେ । ଫଳରେ ଅଚାନକ ମୃତ୍ୟୁସଂଖ୍ୟା ବଢ଼ିଥିଲା । ଏହା ଦେଖି ବିକ୍ଷୋଭ ଶାନ୍ତ ହେବାରେ ଲାଗିଥିଲା । ସରକାରୀ ଭାବେ ଆନ୍ଦୋଳନ ଜନିତ ମୃତ୍ୟୁସଂଖ୍ୟା ୩,୫୦୦ କୁହାଯାଇଛି । ମାତ୍ର ଅନ୍ୟ ରିପୋର୍ଟରେ ୧୨ ହଜାରରୁ ଅଧିକ ପ୍ରାଣ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଆନ୍ଦୋଳନକାରୀଙ୍କ ପ୍ରତି ଅନୁକମ୍ପା ନ ଦେଖାଇ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଖାମନେଇ ଚାହୁଁଥିଲେ । ସେଥିପାଇଁ ସେ ଇରାନ ଦକ୍ଷିଣ ସୀମା ସ୍ଥିତ ଇରାକ ରାଜ୍ୟ ମାୟସାନ ଏବଂ ବାସିତରୁ ଏହି ଆତଙ୍କବାଦୀଙ୍କୁ ଅଣା ଯାଇଥିଲା । ଏହି ଭଡ଼ାଟିଆ ସଦସ୍ୟ ସଶସ୍ତ୍ର ସଂଗଠନ ସହ ଜଡ଼ିତ ଥିଲେ । ଏମାନେ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲାହ, ହରକତ ହିଜବୁଲ୍ଲାହ, ଅଲ-ନୁଜାବା, କତାଇବ ସୈଦ ଅଲ-ସୁହାଦା ଏବଂ ବଦ୍ର ସଂଗଠନ ସହ ଜଡ଼ିତ । ଏହି ସବୁ ଗୋଷ୍ଠୀ ତେହରାନର ଆନୁଗତ୍ୟ । ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଏହି ସଂଗଠନ ଗୁଡ଼ିକୁ ଅର୍ଥ ଦେଉଛି । ଗତ ୧୧ ତାରିଖରେ ଏହି ୫ ହଜାର ସଦସ୍ୟଙ୍କୁ ୬୦ରୁ ଅଧିକ ୫୦ ସିଟ୍ ବିଶିଷ୍ଟ ବସ୍‌ରେ ଇରାନ ଅଣାଯାଇଥିଲା । ଏମାନଙ୍କୁ ସରକାରୀ କୋଠା, ସେନା ମୁଖ୍ୟାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୁତୟନ କରାଯାଇଥିଲା ।

# ମୁର୍ଶିଦାବାଦ୍ ହିଂସା ଯୋଗୁଁ ବିପଦରେ 'ଚିକେନ ନେକ୍'

କୋଲକାତା, ୧୭ ।୧(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ଶିଦାବାଦ୍‌ରେ ଚାଲିଥିବା ହିଂସ୍ରକ ବିକ୍ଷୋଭ ପ୍ରଦର୍ଶନ କାରଣରୁ ଚିକେନ ନେକ୍ କୁହାଯାଉଥିବା ସିଲିଗୁଡ଼ି କରିଡର ବିପଦରେ ପଡ଼ିଛି । ଝାଡ଼ଖଣ୍ଡରେ ଜଣେ ପ୍ରବାସୀ ଶ୍ରମିକ ଆଲାଉଦ୍ଦିନ ଶେଖଙ୍କ ସନ୍ଦେହଜନକ ମୃତ୍ୟୁ ଓ ପରେ ତାଙ୍କ ମୃତଦେହ ଫେରିବା ପରେ ମୁର୍ଶିଦାବାଦ୍‌ରେ ବ୍ୟାପକ ହିଂସା ସୃଷ୍ଟି ହୋଇଛି । ତାଙ୍କୁ ପିଟିପିଟ ହତ୍ୟା କରାଯାଇଛି ବୋଲି ଆଲାଉଦ୍ଦିନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ବିକ୍ଷୋଭକାରୀମାନେ ଏନ୍‌ଏଚ୍-୧୨ଓ ରେଳଲାଇନ୍‌କୁ ବନ୍ଦ କରିଦେଇଛନ୍ତି । ଏଠାରେ ଏକ ପ୍ରକାର ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ସିଲିଗୁଡି କରିଡର ବିପଦରେ ପଡ଼ିଛି ବୋଲି ବିଜେପି ତରଫରୁ କୁହାଯାଉଛି । ପଶ୍ଚିମବଙ୍ଗରୁ ହିଁ ମୁର୍ସିଦାବାଦ୍ ଦେଇ ସିଲିଗୁଡି ଓ ଉତ୍ତରପୂର୍ବକୁ ଯିବାକୁ ହୋଇଥାଏ । ଫଳରେ ଏହି ହିଂସା ଏବେ ଉତ୍ତରପୂର୍ବ ରାଜ୍ୟଗୁଡିକ ବିଚ୍ଛିର୍ଣ୍ଣ କରିବାର ଆଶଙ୍କା ସୃଷ୍ଟି କରିଛି ।

# ପୁଣି ମମତାଙ୍କୁ ମୋଦୀଙ୍କ ଟାର୍ଗେଟ

ମାଲଦା, ୧୭ ।୧(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦାରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପୁରଣା କଥାକୁ ଦୋହରାଇଛନ୍ତି । ପଶ୍ଚିମବଙ୍ଗ ପାଇଁ ଏବେ ଅନୁପ୍ରବେଶ ମୁଖ୍ୟ ସମସ୍ୟା ତଥା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି । ରାଜ୍ୟର ଏକାଧିକ ଅଞ୍ଚଳରେ ଜନସଂଖ୍ୟାର ସନ୍ତୁଳନ ବିପର୍ଯ୍ୟସ୍ତ ହେଉଛି । ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅନୁପ୍ରବେଶକାରୀଙ୍କୁ ଭୋଟରର ମାନ୍ୟତା ପ୍ରଦାନ କରୁଛି । ଫଳରେ ଗରିବ ଲୋକ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି । କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ ହେବା ମାତ୍ରେ ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଆୟୁଷ୍ମାନ ଯୋଜନା ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଟିଏମ୍‌ସି ଆପଣଙ୍କ ଦୁଃଖ ବିଷୟରେ ଚିନ୍ତିତ ନୁହେଁ । ଆୟୁଷ୍ମାନ ଯୋଜନା ଏଠାରେ କାର୍ଯ୍ୟକାରୀ କରାଯାଉନାହିଁ । ଏଭଳି କଠୋର ହୃଦୟର ସରକାରଙ୍କୁ ରାଜ୍ୟରୁ ହଟାଇବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି । ସେପଟେ ଶନିବାର ବିଜେପି ତରଫରୁ ସାମ୍ବାଦିକ ସମ୍ମିଳନୀ କରାଯାଇ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରାଯାଇଛି । ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଯେ, ମମତା ୧୦ ହଜାର ଟଙ୍କାରେ ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ନାଗରିକତା ପ୍ରଦାନ କରୁଛନ୍ତି ।

# ମହାରାଷ୍ଟ୍ର: ୨୯ ରୁ ବିଜେପି ଦଖଲରେ ୧୭ଟି ପୌରପାଳିକା

ମୁମ୍ବଇ, ୧୭ ।୧(ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ ବିଜେପି ବୃହତ ବିଜୟ ହାସଲ କରିଛି । ରାଜ୍ୟର ୨୯ଟି ପୌର ପାଳିକାରୁ ବିଜେପି ଏକାକି ୧୭ଟିକୁ ନିଜ ଦଖଲକୁ ଆଣିଛି । ଅର୍ଥାତ ଏହି ପୌରପାଳିକାଗୁଡିକରେ ବିଜେପିର ହିଁ ମେୟର ନିର୍ବାଚିତ ହେବା ନିଶ୍ଚିତ ହୋଇଛି । ସେହିପରି ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ୮ଟି ପୌର ପାଳିକାରେ ବାଜି ମାରିଛି । ଫଳରେ ବିଜେପି ମୋଟ୍ ୨୫ଟି ପୌରପାଳିକାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ସକ୍ଷମ ହୋଇଛି । ବିଜେପି- ଶିବସେନା (ସିନ୍ଦେ) ମେଣ୍ଟ ଉଦ୍ଧବ ଠାକରେଙ୍କଠାରୁ ବିଏମ୍‌ସି ଛଡ଼ାଇ ନେଇଛି । ଗତ ୩ ଦଶନ୍ଧି ଧରି ବିଏମ୍‌ସିରେ ଶିବସେନାର ପ୍ରାଧାନ୍ୟ ରହିଆସିଥିଲା ଓ ଏବେ ଏହା ଶେଷ ହୋଇଛି । ମୋଟ୍ ଉପରେ ୮୯ଟି ଆସନ ଜିତି ବିଜେପି ବୃହତ୍ତମ ଦଳ ଭାବେ ଉଭା ହୋଇଛି । ରାଜ୍ୟ ନିର୍ବାଚନ କମିସନ ଦ୍ୱାରା ଘୋଷିତ ଚୂଡାନ୍ତ ଫଳାଫଳ ଅନୁଯାୟୀ, ବିଜେପି ଓ ତା'ର ସହଯୋଗୀ ୨୯ଟି ପୌରପାଳିକାର ୨,୮୬୯ ଆସନରୁ ୧,୪୨୫ ଆସନ ଜିତିଛି । ସେହିପରି ଶିବସେନା ୩୯୯, କଂଗ୍ରେସ ୩୨୪, ଏନ୍‌ସିପି ୧୬୭, ଶିବସେନା (ୟୁବିଟି) ୧୫୫, ଏନ୍‌ସିପି (ଏସ୍‌ପି) ୩୬, ଏମ୍‌ଏନ୍‌ଏସ୍ ୧୩, ବିଏସ୍‌ପି ୬, ଏସ୍‌ଇସି ପଞ୍ଜିକୃତ ଦଳ ୧୨୯, ଅଣସ୍ୱୀକୃତିପ୍ରାପ୍ତ ଦଳ ୧୯୬ ଏବଂ ସ୍ୱାଧୀନ ପ୍ରାର୍ଥୀ ୧୯ଟି ଆସନରେ ବିଜୟ ହାସଲ କରିଛନ୍ତି ।



ମୁମ୍ବାଇ ପାଇଁ ଉଦ୍ଧବ-ସିନ୍ଦେ ମୁହାଁମୁହିଁ
ହୋଟେଲରେ ରହିଲେ ଶିବ ସେନା କର୍ପୋରେଟର

ତେବେ ସମସ୍ତଙ୍କର ନଜର ରହିଛି ମୁମ୍ବାଇ ଉପରେ । ନିର୍ବାଚନରେ ପରାଜୟ ବରଣ କରିଥିବା ଉଦ୍ଧବ ଠାକରେଙ୍କ ଶିବସେନା ବୃହାନମୁମ୍ବାଇ ପୌର ନିଗମ ମେୟର ହାତେଇବା ଲାଗି ଯୋଜନା କରିଥିବା ଜଣାପଡ଼ିଛି । ପରାଜୟ ସତ୍ତ୍ୱେ ଠାକରେଙ୍କ ଏହି ଯୋଜନା ଯୋଗୁଁ ଶିବ ସେନାର ସିନ୍ଦେ ଗୋଷ୍ଠୀରେ ଛନକା ପଶିଛି । ତେଣୁ ତାଙ୍କର ୨୯ ଜଣ କର୍ପୋରେଟରଙ୍କୁ ତାଜ ହୋଟେଲରେ ଲୁଚାଇ ରଖିଛନ୍ତି । ୨୨୭ ସଭ୍ୟ ବିଶିଷ୍ଟ ନିଗମରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ଠାକରେଙ୍କ ସେନାକୁ ମିଳିଛି ୬୫ଟି ଆସନ । ସିନ୍ଦେଙ୍କୁ ମିଳିଛି ୨୯ । ସିନ୍ଦେଙ୍କ ସହାୟତାରେ ବିଜେପି ମେୟର ପଦବୀ ପାଇବା ନିଶ୍ଚିତ । କିନ୍ତୁ ସିନ୍ଦେଙ୍କ ସେନାରେ ବିଭାଜନ ଘଟାଇବାକୁ ଯୋଜନା କରିଛନ୍ତି ଠାକରେ । ଏହି ନିର୍ବାଚନରେ କଂଗ୍ରେସ ମେଣ୍ଟକୁ ୨୪ଟି ଆସନ ମିଳିଥିବା ବେଳେ ଓୱେସିଙ୍କ ଏଏମଆଇଇଏମକୁ ମିଳିଛି ୮ ଆସନ । ସେହିଭଳି ରାଜ ଠାକରେଙ୍କ ସେନାକୁ ମିଳିଛି ୬ ଆସନ ।

# ସାବତ ପୁଅଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ନର୍ସଙ୍କୁ ୨ ବର୍ଷ ଜେଲ


ଫ୍ଲୋରିଡା, ୧୭ ।୧(ଏଜେନ୍ସି): ଆମେରିକା ଫ୍ଲୋରିଡ଼ାରେ ଜଣେ ନର୍ସ ନିଜ ୧୫ ବର୍ଷର ସାବତ୍ ପୁଅଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ଦଣ୍ଡିତ କରାଯାଇଛି । ଏହି ନର୍ସ ହେଉଛନ୍ତି ୩୫ ବର୍ଷୀୟା ଆଲେକ୍ସିସ ଭନ ୟେଟ୍ସ । ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି ଓ ତାଙ୍କ ଲାଇସେନ୍ସକୁ ମଧ୍ୟ ରଦ୍ଦ କରାଯାଇଛି । ୨୦୨୪ ଜୁଲାଇରେ ତାଙ୍କ ସ୍ୱାମୀ ଫ୍ରାଙ୍କ୍ ଆଲେକ୍ସିସଙ୍କୁ ନିଜ ନାବାଳକ ପୁଅଙ୍କ ସହ ସୋଫାରେ ଯୌନ ସମ୍ପର୍କ ସ୍ଥାପନ କରୁଥିବାର ଦେଖିଥିଲେ ଓ ଏ ନେଇ କୋର୍ଟଙ୍କୁ ଅବଗତ କରାଇଥିଲେ । ଏଥିରେ କ୍ରୋଧିତ ହୋଇ ସେ ପତ୍ନୀଙ୍କ ସହ ଝଗଡ଼ା କରିଥିଲେ ଓ ପୁଲିସରେ ଅଭିଯୋଗ କରିଥିଲେ । ୨୦୨୫ ସେପ୍ଟେମ୍ବରରେ ୟେଟ୍ସଙ୍କୁ ଜେଲ୍ ପଠାଯାଇଥିଲା । ୟେଟ୍ସଙ୍କ ସ୍ୱାମୀ ଗତମାସରେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ । ପୁଅ ଗ୍ରୀଷ୍ମଋତୁରେ ବାପାଙ୍କୁ ଭେଟିବାକୁ ଆସିଥିଲା । କିନ୍ତୁ ୟେଟ୍ସ ନିଜର ଦୁଇ ଛୋଟ ପିଲାଙ୍କୁ ଶୁଆଇବା ପରେ ସାବତ ପୁଅଙ୍କ ସହ ସମ୍ପର୍କ ରଖିଥିଲେ ବୋଲି ପୁଲିସ କହିଛି ।

# ଗୋଆରେ ଦୁଇ ରୁଷୀୟ ମହିଳାଙ୍କୁ ଗଳା କାଟି ହତ୍ୟା କଲା ରୁଷ ନାଗରିକ

ପଣଜୀ, ୧୭ ।୧(ଏଜେନ୍ସି): ଗୋଆରେ ଦୁଇଜଣ ରୁଷୀୟ ମହିଳାଙ୍କୁ ହତ୍ୟା କରାଯାଇଥିବାର ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ଶୁକ୍ରବାର ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ଦୁଇ ମହିଳାଙ୍କ ହତ୍ୟା ମାମଲାରେ ପୁଲିସ ଜଣେ ୩୭ ବର୍ଷୀୟ ରୁଷିଆ ନାଗରିକଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଉଛନ୍ତି ଆଲେକ୍ସି ଜିଓନୋଭ । ଦୁଇ ମୃତ ମହିଳା ହେଲେ ୩୭ ବର୍ଷୀୟା ଏଲେନା କାଷ୍ଟାନାନୋଭା ଓ ୩୭ ବର୍ଷୀୟା ଏଲେନା ଭାନେଭା । ଉଭୟ ମହିଳାଙ୍କୁ ସମାନ ଢଙ୍ଗରେ ଗଳାକାଟି ହତ୍ୟା କରାଯାଇଛି ବୋଲି ପୁଲିସ କହିଛି । ଏମାନଙ୍କ ହାତ ଶରୀର ପଛ ପଟେ ବନ୍ଧା ଯାଇଥିଲା । ପୂର୍ବରୁ ଗୁରୁବାର ରାତିରେ ଗୋଆର ଆରାମ୍ବୋଲରର ଏକ ଭଡ଼ା ଘରୁ ଅଭିଯୁକ୍ତଙ୍କ ଲିଭ୍ ଇନ୍ ପାର୍ଟନର ଏଲେନା କାଷ୍ଟାନାନୋଭାଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ମାମଲାଟି ସାମ୍ନାକୁ ଆସିଥିଲା । ଘର ମାଲିକଙ୍କ ଅନୁଯାୟୀ ଘଟଣାଟି ରାତି ୧୧ଟାରେ ଘଟିଥିଲା । ପୁଲିସ ଘଟଣାସ୍ଥଳରୁ ୮ କିମି ଦୂରରେ ମୋର୍ଜିମ ଅଞ୍ଚଳରେ ଆଉ ଜଣେ ରୁଷୀୟ ମହିଳାଙ୍କ ଭାନେଭାଙ୍କୁ ହତ୍ୟା କରାଯାଇଥିବାର ସୂଚନା ପାଇଥିଲା । ତଦନ୍ତ ପରେ ଜଣା ପଡ଼ିଛି ସେ ଭାନେଭା ଅଭିଯୁକ୍ତ ଓ କାଷ୍ଟାନାନୋଭା ଉଭୟଙ୍କ ବନ୍ଧୁ ଥିଲେ । ପୁଲିସ ଦେଇଥିବା ବୟାନ ଅନୁଯାୟୀ, କାଷ୍ଟାନାନୋଭା ଓ ଅଭିଯୁକ୍ତ ପ୍ରାୟ ଏକମାସ ଧରି ଏକ କୋଠାରୀରେ ଭଡ଼ାରେ ରହୁଥିଲେ । କିନ୍ତୁ ଜାନୁଆରୀ ୧୪ରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । କାଷ୍ଟାନାନୋଭା ପାଖରେ

## ୮ କିମି ଦୂରରେ ମିଳିଲା ମୃତଦେହ

ରହୁଥିବା ଅନ୍ୟ ଜଣେ ରୁଷୀୟ ମହିଳାଙ୍କୁ ହସ୍ତକ୍ଷେପ କରିବାକୁ କହିଥିଲେ । କିନ୍ତୁ ସେ ମନା କରିଦେଇଥିଲେ । ହତ୍ୟା ପରେ ଅଭିଯୁକ୍ତ ବାଲକୋନୀ ଡେଇଁ ଚାଲିଯାଇଥିଲା । ଏହପରେ ଅଭିଯୁକ୍ତ ଜାନୁଆରୀ ୧୫ରେ ସନ୍ଧ୍ୟାରେ ପ୍ରାୟ ୮ କିମି ଦୂର ମୋର୍ଜିମ ଗାଁକୁ ଯାଇ ଭାନିଭାଙ୍କୁ ହତ୍ୟା କରିଥିଲେ । ଅଭିଯୁକ୍ତ ଆଲେକ୍ସି ଜିଓନୋଭ କାହିଁକି ଦୁଇ ମହିଳାଙ୍କୁ ହତ୍ୟା କରିଛନ୍ତି, ସେ ନେଇ ପୁଲିସ ତଦନ୍ତ କରୁଛି । ଏବେ ଏହି ଘଟଣା ରୁଷୀୟ



ପର୍ଯ୍ୟଟକଙ୍କ ଭ୍ରମଣ ହେଉଥିବା ଅଞ୍ଚଳରେ ରହୁଥିବା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି

## କେନ୍ଦୁଝରେ ପୁଲିସର ଧରପଗଡ଼ ଅଭିଯାନ

# ଗୋରୁମାଫିଆଙ୍କ ୫୦ କୋଟିର ସଂପତ୍ତି ଠାବ

କେନ୍ଦୁଝର/ବାରିପଦା/ରାଇରଙ୍ଗପୁର/ଭଦ୍ରକ/ଯାଜପୁର/ଆନନ୍ଦପୁର/ତୁରୁମୁଙ୍ଗା/କରଞ୍ଜିଆ/ବିଶୋଇ/ତେଲକୋଇ,୧୭ ।୧(ସମିସ): ଅବୈଧ ଗୋ-ଚାଲାଣ ବିରୋଧରେ କେନ୍ଦୁଝର ପୁଲିସ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି । କେନ୍ଦୁଝର ଜେଏମ୍‌ଏଫ୍‌ସି କୋର୍ଟଙ୍କ ଆଦେଶ ବଳରେ



ଆଜି ଭୋର୍‌ରେ କେନ୍ଦୁଝର ପୁଲିସର ପାଖାପାଖି ୬୫ଟି ଟିମ୍ କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧା ଜିଲ୍ଲାର ୪୬ଟି ସ୍ଥାନରେ ଚଢ଼ଉ କରିଛି । ବିଶେଷକରି ଗୋରୁ-ମାଫିଆଙ୍କ ଘରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ପୁଲିସ ୯ଜଣ ଗୋ-ମାଫିଆଙ୍କୁ ଅଟକ ରଖିବା ସହ ସେମାନଙ୍କର ଅଚଳାଚଳ ସମ୍ପତ୍ତି ଠାବ କରିଛି । ଠାବ ସଂପତ୍ତି ମଧ୍ୟରେ ୧ କୋଟିରୁ ଉର୍ଦ୍ଧ୍ୱ ନଗଦ ଟଙ୍କା, କେଜିଏରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର, ୩କେଜିରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର, ପାଖାପାଖି ୨୫ଟି ଦାମୀ କାର୍ ଓ ବାଇକ୍, ବହୁତଳ କୋଠା, ସପିଂ ମଲ୍ ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଛି । ଏସବୁ ସଂପତ୍ତିର ମୋଟ ମୂଲ୍ୟ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କେନ୍ଦୁଝର ପୁଲିସ କହିଛି । ଦୁଇଜଣ ଅତିରିକ୍ତ ପୁଲିସ ଅଧୀକ୍ଷକଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ୫ଜଣ ଡିଏସ୍‌ପି, ୨୫ ଇନ୍ସପେକ୍ଟର୍, ୩୬ ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କ ସମେତ ୧୮ ପ୍ଲାଟୁନ୍ ଫୋର୍ସ ସାମିଲ ଥିଲେ ।

ଅଟକ ଅଭିଯୁକ୍ତମାନେ ହେଲେ, ଭଦ୍ରକ ଟାଉନ୍ ଥାନା ଅଞ୍ଚଳର ଶେଖ ରାଜନ ଓରଫ୍ ତାଜୁଦ୍ଦିନ, କେନ୍ଦୁଝର ଘଟଗାଁ ଥାନା ସାନ୍ତରାପୁର ଟିପୁ ସୁଲତାନ, ତୁରୁମୁଙ୍ଗା ଥାନା ଅଞ୍ଚଳର

■ ୫ ଜିଲ୍ଲାର ୪୬ରୁ ଉର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ; ୯ ଅଟକ
■ ଠାବ ସଂପତ୍ତିରେ କେଜିଏ ସୁନା, ୩ କେଜି ରୁପା, ବହୁତଳ କୋଠା, ସପିଙ୍ଗ ମଲ୍

କୁନୁ ସାହୁ, ମଣ୍ଟୁ ଓରଫ୍ ଅର୍ଜୁନ ସାହୁ, ସିପୁ ସାହୁ, ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଞ୍ଚଳର ଟୁନା ଓରଫ୍ ମୃତ୍ୟୁଞ୍ଜୟ ମହାପାତ୍ର, ଖାରପୋଖରିଆର ଥାନା ଅଞ୍ଚଳର ସୁଜିତ୍ ମହାନ୍ତି, କୁନୁ ପଠାନ୍ ଓରଫ୍ ଶେଖ ଆକବର, ହରିଚନ୍ଦନପୁର ଥାନା ଜାମୁଯୋଡ଼ି ଗ୍ରାମର ନାସିର, ମୟୂରଭଞ୍ଜ ଜିଲ୍ଲା ତେଣ୍ଟୋପଶି ଗ୍ରାମର ଶେଖ ନଇମ । ସେମାନଙ୍କୁ ପଚରାଉଚରା କରାଯାଉଛି । କେନ୍ଦୁଝର ଜିଲ୍ଲା ଦୈତାରୀ ଥାନାରେ ଆନିମଲ୍ କ୍ରୁଏଲିଟି ଆକ୍ଟ ଆଧାରରେ ରୁଜୁ ମାମଲା (୧୦୭/୨୫) ଏବଂ କେନ୍ଦୁଝର ଜେଏମ୍‌ଏଫ୍‌ସି କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ଘର ଉପରେ ଚଢ଼ଉ କରାଯାଇଥିଲା ।

---

## ପରିଚାଳନା କମିଟିରେ ଏସ୍‌ଓପି ଚୂଡ଼ାନ୍ତ

# ସରକାରଙ୍କ ଅନୁମୋଦନ ପରେ ରତ୍ନ ଅଳଙ୍କାର ଗଣତିମଣତି

ପୁରୀ,୧୭।୧(ସମିସ): ଶନିବାର ପରିଚାଳନା କମିଟି ବୈଠକରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ପାଇଁ ଏସ୍‌ଓପି ଚୂଡ଼ାନ୍ତ ହୋଇଛି । ପୂର୍ବରୁ ପ୍ରସ୍ତୁତ ୧୧ ପୃଷ୍ଠାର ଚିଠା ମାର୍ଗଦର୍ଶିକାକୁ ପରିଚାଳନା କମିଟି ଅନୁମୋଦନ ଦେଇଛି । ଏହି ମାର୍ଗଦର୍ଶିକାକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ । ସରକାରଙ୍କ ଅନୁମୋଦନ ପରେ ବହୁପ୍ରତୀକ୍ଷିତ ରତ୍ନଅଳଙ୍କାର ଗଣତିମଣତି ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ।

ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଶନିବାର ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗଣତିମଣତି କେଉଁଦିନ ହେବ ତା' ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ତିଥି, ଲଗ୍ନ, ବାର ଦେଖି ଏବଂ ସମ୍ପୃକ୍ତ ସେବକ ନିଯୋଗ ସହ କଥାବାର୍ତ୍ତା କରି ଆରମ୍ଭ ଦିନ ସ୍ଥିର ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଶୁଭଦିନ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ମଧ୍ୟ ସୂଚନା ଦିଆଯିବ । ଗଣତିମଣତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ନ ହେବ ଏବଂ ବାହାର କାଠରୁ ଭକ୍ତଙ୍କ ଦର୍ଶନରେ ଯେପରି ବାଧା ନ ଉପୁଜିବ, ତା' ଉପରେ ଧ୍ୟାନ ଦିଆଯିବ । ଏଥିସହ ଗଣତିମଣତିର ଡିଜିଟାଇଜେସନ୍ ପ୍ରକ୍ରିୟା କେଉଁଭଳି ହେବ, କେଉଁମାନେ ଭିତର ରତ୍ନଭଣ୍ଡାରକୁ ପ୍ରବେଶ କରିବେ, କେତେଜଣ ଜଗମୋହନରେ ରହିବେ, ପାଳିଆ ସେବାୟତଙ୍କୁ କିପରି ପାସ୍ ଦିଆଯିବ, ସୁରକ୍ଷା ବ୍ୟବସ୍ଥା କ'ଣ ରହିବ, ସେନେଇ ଆଲୋଚନା ହୋଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ଶ୍ରୀଜୀଉମାନେ ବ୍ୟବହାର କରୁଥିବା ରତ୍ନ ପଲଙ୍କ ନୂଆ ସେଟ୍ ତିଆରି ହୋଇଛି । ଏହା କେଉଁଦିନ ଲାଗିବ, କେଉଁ ଶୁଭବେଳାରେ ଲାଗି କରାଯିବ, ସେବକମାନଙ୍କ ସହିତ କଥା ହେବା ପରେ ସ୍ଥିର ହେବ । ପରିଚାଳନା କମିଟିରେ ଏହାକୁ ଅନୁମୋଦନ କରାଯାଇଛି ।

କୌଣସି ପ୍ରଶାସନିକ ଅଧିକାରୀ ମନ୍ଦିର ଭିତରେ ମୋବାଇଲ ଫୋନ୍ ବ୍ୟବହାର କରିପାରିବେ ନାହିଁ ବୋଲି ପୂର୍ବରୁ ସ୍ଥିର ହୋଇଛି । ଜରୁରୀକାଳୀନ ବ୍ୟବହାର ପାଇଁ ଦରକାର ପଡ଼ିଲେ, ସେମାନେ ଗାରଦ କିମ୍ବା ଶାଖା କାର୍ଯ୍ୟାଳୟକୁ ଯାଇ ଫୋନ୍ କରିବେ । ଖୁଲମ୍‌ଖୁଲା ଫୋନ୍‌ରେ କଥା ହୋଇପାରିବେ

■ ତିଆରି ହୋଇଛି ଶ୍ରୀଜୀଉଙ୍କ ନୂଆ ରତ୍ନପଲଙ୍କ ସେଟ୍
■ ସେବାୟତଙ୍କ ପାଇଁ ମୋବାଇଲ କଟକଣା, ସହାୟକଙ୍କୁ ସମ୍ପୂର୍ଣ୍ଣ ମନା

ସେହିପରି ଗୁଣ୍ଡିଚା ମନ୍ଦିର ଖୋଲିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏଥିପାଇଁ ପ୍ରସ୍ତୁତ ଏସ୍‌ଓପିକୁ ଅନୁମୋଦନ ଦିଆଯାଇଛି । କିନ୍ତୁ, କେଉଁଦିନ ମନ୍ଦିର ଖୋଲାଯିବ, ସେନେଇ ପରିଚାଳନା କମିଟିର ସେବାୟତ ପ୍ରତିନିଧିମାନେ ବୁଲି ଦେଖିବା ପରେ ଲଗ୍ନ ସ୍ଥିର ହେବ । ଭକ୍ତଙ୍କୁ ଯାଞ୍ଚ କରାଯାଇ ଭିତରକୁ ଛଡ଼ାଯିବ । ପୁରୀ ମେଡିକାଲ କଲେଜ ପାଇଁ ଅଧିକୃତ କରାଯାଇଥିବା ଜମି ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଥିଲା । ବିଗତ ଦିନରେ ରାଜ୍ୟ ସରକାର ମନ୍ଦିର ପ୍ରଶାସନକୁ ୨କୋଟି ଟଙ୍କା ଦେଇଥିଲେ । କିନ୍ତୁ ସେହି ଜମିର ବେଞ୍ଚମାର୍କ ମୂଲ୍ୟ ପ୍ରାୟ ୩୭କୋଟି ୫୦ ଲକ୍ଷ ଟଙ୍କା ହେଉଛି । ବାକି ୩୫ କୋଟି ଟଙ୍କା ରାଜ୍ୟ ସରକାର ଦେବେ ବୋଲି ନିର୍ଦ୍ଧାରିତ ହୋଇଛି । ତେଣୁ ନାହିଁ । ଏହି କଟକଣା ସେବାୟତଙ୍କ ପାଇଁ ଲାଗୁ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ସେବାୟତଙ୍କ ସହାୟକମାନେ ମନ୍ଦିର ଭିତରେ ଆଦୌ ଫୋନ୍ ବ୍ୟବହାର କରିପାରିବେ ନାହିଁ । ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ସେହିପରି ନାଟମଣ୍ଡପରେ ଏସି ଲଗାଯିବା ବ୍ୟବସ୍ଥା ଶୀଘ୍ର ହେବ । ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ରାମ୍ପରେ ପରିବର୍ତ୍ତନ କରାଯାଇଛି । ପ୍ରୋଟୋକଲ ଦର୍ଶନ ବ୍ୟବସ୍ଥା କେବଳ ଶ୍ରୀମନ୍ଦିର ପ୍ରଶାସନ କରିବ । ଏଥିସହ ଦିବ୍ୟାଙ୍ଗଙ୍କ ଦର୍ଶନ ନେଇ ଆଲୋଚନା ହୋଇଥିବା ମୁଖ୍ୟ ପ୍ରଶାସକ କହିଛନ୍ତି । ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

---

## ମହିଳା ନିର୍ଯାତନା ଓ ହିଂସାର ସମାଧାନ କରିବେ ମହିଳା

# ୧୦ଟି ଆକାଂକ୍ଷୀ ଜିଲ୍ଲାରେ 'ନାରୀ ଅଦାଲତ' ଶୁଭାରମ୍ଭ

ଭୁବନେଶ୍ୱର,୧୭ ।୧(ସମିସ): ମହିଳା ଅଧିକାର ସମ୍ପର୍କରେ ସଚେତନତାକୁ ସହଜ କରାଯିବା ସହ ତୃଣମୂଳ ସ୍ତରରେ ଆଲୋଚନା ଏବଂ ମଧ୍ୟସ୍ଥତା ମାଧ୍ୟମରେ ଦ୍ୱରିତ, ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବିବାଦର ସମାଧାନ କରାଯିବା । ଏହାଦ୍ୱାରା ଘରୋଇ ହିଂସା, ଯୌତୁକ, ଶିଶୁ ସୁରକ୍ଷା ଏବଂ ସମ୍ପତ୍ତି ଅଧିକାର ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଦୂର କରାଯିବା ସହ ପଞ୍ଚାୟତ ସ୍ତରରେ ସମୟାନୁବର୍ତ୍ତୀ ଏବଂ ସୁଲଭ ନ୍ୟାୟ ସୁନିଶ୍ଚିତ ହେବ । ଶନିବାର ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ବିଭିନ୍ନ ଯୋଜନା, ଅଭିଯାନ ଓ

■ କୋର୍ଟ କିମ୍ବା ଥାନାକୁ କରାଯିବନି ଭାରାକ୍ରାନ୍ତ
■ ବିବାଦର ସମାଧାନ ପାଇଁ ନିଯୁକ୍ତ ହେବେ ନ୍ୟାୟ ସଖି

ପ୍ରକଳ୍ପ ସହ ୧୦ଟି ଜିଲ୍ଲାରେ ପାଇଲଟ୍ ପ୍ରକଳ୍ପ ଭାବେ 'ନାରୀ ଅଦାଲତ'ର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମତବ୍ୟକ୍ତ କରିଛନ୍ତି ।

ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନାରୀ ଅଦାଲତ ମାଧ୍ୟମରେ 'ନ୍ୟାୟ ସଖି' ନିଯୁକ୍ତି କରିବାର ପ୍ରକ୍ରିୟା ବାସ୍ତବ ରୂପାୟନ ହୋଇଛି । 'ନାରୀ ଅଦାଲତ', ମଧ୍ୟସ୍ଥତା ଆଇନ ମାଧ୍ୟମରେ ପାରିବାରିକ ଓ ଦେୱାନୀ ମାମଲାର ସହଜ ସମାଧାନ କରି ବିବାଦ ହ୍ରାସ କରିବା ସହ ଏକ ଭେଦଭାବମୁକ୍ତ ମହିଳା-କୈନ୍ଦ୍ରିକ ସମାଜ ଗଠନ କରିବ । ତାଲୁକା ଆଇନ ସେବା ପ୍ରାଧିକରଣର ସହଯୋଗରେ ମହିଳାମାନଙ୍କୁ ନ୍ୟାୟିକ କ୍ଷମତା ପ୍ରଦାନ କରିବା ଏବଂ ଏହି ଉଦ୍ୟମକୁ ସ୍ୱଚ୍ଛ ଓ ଫଳପ୍ରଦ କରିବାକୁ ସେ ଆହ୍ୱାନ ଦେଇଥିଲେ । ବିଶେଷକରି ଗାଁ ଗହଳିରେ ରହୁଥିବା ମହିଳାମାନଙ୍କୁ ଆଇନ ବିଷୟରେ ଅବଗତ କରିବା, ସେମାନଙ୍କ ଅଧିକାର ବାବଦରେ ସଚେତନ କରିବା ନିମନ୍ତେ ନାରୀ ଅଦାଲତ ଆରମ୍ଭ ହୋଇଛି । ଏହି ଅଦାଲତରେ ଜୁଡିସିଆଲ ଅଫିସର, ପ୍ରୋସିକ୍ୟୁଟିଂ ଅଫିସର, କିରାଣି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କେବଳ ମହିଳା ରହିବେ । ଗାଁଗହଳିରେ ମହିଳାମାନଙ୍କ ଅଧ୍ୟକ୍ଷତାରେ ଅଦାଲତ ବସିବ ।



ସାଧାରଣତଃ ଘରୋଇ ହିଂସା, ଯୌତୁକ ନିର୍ଯାତନା, ପରକୀୟା ପ୍ରୀତି ଆଦି ସମସ୍ୟାକୁ ନେଇ ଥାନା କିମ୍ବା କୋର୍ଟକୁ ଭାରାକ୍ରାନ୍ତ ନ କରି ଗାଁ ମଧ୍ୟରେ ଏହାର ସମାଧାନ କରାଯିବ । ଆଗାମୀ ଦିନରେ ସାରା ରାଜ୍ୟରେ ଏହି ଅଭିଯାନ ବ୍ୟାପକ କରାଯିବାକୁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

କାର୍ଯ୍ୟକ୍ରମରେ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଅନ୍ତର୍ଗତ ସପ୍ତାହବ୍ୟାପୀ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ର ମଧ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଶୁଭାରମ୍ଭ କରିଛନ୍ତି । ଲିଙ୍ଗ ଆଧାରିତ ଚୟନମୂଳକ ଗର୍ଭପାତକୁ ରୋକିବା, ଲିଙ୍ଗ ସମାନତାକୁ ପ୍ରୋତ୍ସାହନ ଦେବା ଏବଂ କନ୍ୟାଶିଶୁ ପ୍ରତି ସମାଜିକ ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଜାନୁଆରୀ ୨୪ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ଅଭିଯାନରେ ରାଜ୍ୟର ୩୦ଟି ଜିଲ୍ଲାରେ ସଚେତନତା ପଦଯାତ୍ରା, ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା, କୃତୀ ଓ ସଫଳ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହାସହ କେନ୍ଦ୍ରୀୟ ପ୍ରାୟୋଜିତ 'ପାଳନା' (ଅଙ୍ଗନୱାଡି-କମ୍-କ୍ରେଚ୍) ଯୋଜନାର କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଉନ୍ମୋଚିତ ହୋଇଥିଲା । ସେହିପରି ୨.୪୯ କୋଟି ଟଙ୍କା ବ୍ୟୟରେ ଯାଜପୁରରେ ନିର୍ମିତ ଉତ୍କଳ ବାଳାଶ୍ରମର ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠାକୁ ଆଭାସୀ ମାଧ୍ୟମରେ ଉଦଘାଟ୍‌ନ କରାଯାଇଛି । ଏଥିସହ ଖୋର୍ଦ୍ଧା ଏବଂ ଗଜପତି ଜିଲ୍ଲାରେ ଦୁଇଟି ସମନ୍ୱିତ ବାତ୍ସଲ୍ୟ ସଦନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା, ଆଇନ ବିଭାଗର ପ୍ରମୁଖ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ନାରୀ ଅଦାଲତର ସଦସ୍ୟ ଏବଂ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ ।

---

## ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବିରୋଧ

# ୨୪ରୁ କଟକକୁ ଗଡ଼ିବ ନାହିଁ ଘରୋଇ ବସ୍

କଟକ,୧୭ ।୧(ସମିସ): ଗ୍ରାମାଞ୍ଚଳ ତଥା ବ୍ଲକ୍‌ରୁ ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ତୀବ୍ର ବିରୋଧ କରିଛି ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ । କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପରେ କଟକରେ ଏହି ବସ୍ ସେବା ସଦର ମହକୁମାକୁ ସମ୍ପ୍ରସାରିତ ହେବା ଦୁର୍ଭାଗ୍ୟଜନକ ବୋଲି ସଂଘ କହିଛି । ଆସନ୍ତା ୨୩ ତାରିଖ ସୁଦ୍ଧା ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ କରାନଗଲେ, ୨୪ତାରିଖରୁ କଟକକୁ କୌଣସି ଘରୋଇ ବସ୍ ଗଡ଼ିବ ନାହିଁ ବୋଲି ସଂଘ ଚେତାବନୀ ଦେଇଛି । ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ରୁଟ୍ ବିସ୍ତାରକୁ ବିରୋଧ କରି ଏହି ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି ।

ଶନିବାର ଓଡ଼ିଶା ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୮ଟି ଜିଲ୍ଲାର ୧୮ଟି ବସ୍ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ । ସଂଘ ପକ୍ଷରୁ ସରକାରଙ୍କୁ ଏକ ଚରମ ସମୟସୀମା ଦିଆଯାଇଛି । ଜାନୁଆରୀ ୨୩ ସୁଦ୍ଧା ସରକାର ଯଦି ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବନ୍ଦ ନ କରନ୍ତି, ତେବେ ଆନ୍ଦୋଳନ ଜୋରଦାର ହେବ । ପ୍ରତିବାଦ ସ୍ୱରୂପ, ଜାନୁଆରୀ ୨୪ରୁ ସମଗ୍ର କଟକ ଜିଲ୍ଲାରେ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି । ଏହା ବାଦ୍ ଯଦି ସରକାର ପଦକ୍ଷେପ ନନିଅନ୍ତି, ତାହେଲେ ସମଗ୍ର ରାଜ୍ୟରେ ଘରୋଇ ବସ ସେବା ବନ୍ଦ କରି ଦିଆଯିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

ପ୍ରକାଶଥାଉକି, ପୂର୍ବର ଲକ୍ଷ୍ମୀ ବସ୍ (ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବସ ସେବା)କୁ ଜିଲ୍ଲା ସଦର ମହକୁମାକୁ ଚଳାଚଳକୁ ବିରୋଧ କରାଯିବା ଫଳରେ ତତ୍କାଳୀନ ସରକାର ଏହାକୁ ସ୍ଥଗିତ ରଖିଥିଲେ । ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା । କିନ୍ତୁ, ବର୍ତ୍ତମାନ ଏହି ବସ୍‌ଗୁଡ଼ିକ ଜିଲ୍ଲା ମୁଖ୍ୟାଳୟ ସମେତ ଅନ୍ୟାନ୍ୟ ପ୍ରମୁଖ ରୁଟ୍‌ରେ ଚାଲୁଛି, ଯାହା ଘରୋଇ ବସ୍ ମାଲିକଙ୍କ ବ୍ୟବସାୟକୁ ଗଭୀର ଭାବେ ପ୍ରଭାବିତ କରୁଛି । ବିଶେଷକରି, ସରକାରୀ ବସ୍‌ରେ ମାତ୍ର ୫ଟଙ୍କା ଭଡ଼ା ରହିଥିବାରୁ ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି ।

---

## ସୀମାନ୍ତରେ ପୁଲିସ-ମାଓବାଦୀ ଗୁଳିବିନିମୟ

# ମାଓନେତା ପାପା ରାଓ ସମେତ ୨ ମାଓବାଦୀ ନିହତ

ମାଲକାନଗିରି,୧୭।୧(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ପୁଲିସ ଗୁଳିରେ ଦୁର୍ଦ୍ଧର୍ଷ ମାଓନେତା ପାପା ରାଓଙ୍କ ସମେତ ୨ ମାଓବାଦୀ ନିହତ ହୋଇଛନ୍ତି । ସେମାନଙ୍କଠାରୁ ଏକେ-୪୭ ବନ୍ଧୁକ ସମେତ କିଛି ମାଓ ସାମଗ୍ରୀ ଜବତ ହୋଇଛି । ପାପା ରାଓ ସହ କିଛି ମାଓବାଦୀ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଏବଂ ଡିଆରଜି ଯବାନଙ୍କ ପକ୍ଷରୁ ଜାତୀୟ ଉଦ୍ୟାନରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳି ଚଳାଇଥିଲେ । ପୁଲିସ ପକ୍ଷରୁ ମଧ୍ୟ ପାଲଟା ଜବାବ ଦିଆଯାଇଥିଲା । ଦୀର୍ଘ ସମୟ ଧରି ଗୁଳିବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ପରେ ସର୍ଚ୍ଚ ଅପରେସନ୍ ବେଳେ ଯବାନମାନେ ୨ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିବା ସହ ଏକେ-୪୭ ବନ୍ଧୁକ ସହ କିଛି ମାଓ ସାମଗ୍ରୀ ଜବତ କରିଥିଲେ । ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବ୍ୟାପକ କରିଦିଆଯାଇଛି ।

---


## ଅଖିଳେଶଙ୍କ ସ୍ୱାସ୍ଥ୍ୟ ମନ୍ତ୍ର

# ସାମଗ୍ରିକ ସ୍ୱାସ୍ଥ୍ୟ ସେବା ସ୍ଲୋଗାନ ନୁହେଁ; କାର୍ଯ୍ୟକ୍ରମ ହେଉ

ଭୁବନେଶ୍ୱର,୧୭।୧(ସମିସ): ସୁସ୍ଥ ଜନସଂଖ୍ୟା ହେଉଛି ଜାତୀୟ ଉନ୍ନତିର ମୂଳ ଇଂଜିନ । ଓଡ଼ିଶା ସମେତ ସାରା ଭାରତ ବର୍ଷରେ ଲୋକମାନଙ୍କ ପାଇଁ ସାମଗ୍ରିକ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ହେବା ଆବଶ୍ୟକ । ଏହା ଏକ ସ୍ଲୋଗାନ ନ ହୋଇ କାର୍ଯ୍ୟକ୍ରମରେ ପରିଣତ ହେବା ଉଚିତ ବୋଲି ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ।

ଭୁବନେଶ୍ୱରରେ ଶନିବାର ଆୟୋଜିତ ଭିଜନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦେଇ ଅଖିଳେଶ କହିଥିଲେ ଯେ 'ପ୍ଲାନ୍ ଡେଭ୍‌ଲପମେଣ୍ଟ୍ ଏବଂ ଆସେଣ୍ଟ୍' ମନ୍ତ୍ରକୁ ଆଧାର କରି ସମସ୍ତେ କାର୍ଯ୍ୟ କରିବା ଉଚିତ । ଭାରତରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଓ ତାହା ସହ ସଂପୃକ୍ତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି, ସ୍ୱାସ୍ଥ୍ୟ ଓ ସୁସ୍ଥତାର ସମ୍ପୂର୍ଣ୍ଣ ଆକାର ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । କେବଳ "ସ୍ୱାସ୍ଥ୍ୟ" ନୁହେଁ; ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଲୋଚନା କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଯାଦବ କହିଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଆଲୋକ ରଞ୍ଜନ କହିଥିଲେ, ସମାଜର ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଶ୍ରୀ ଯାଦବ ଇଚ୍ଛାଧୀନ ବଜେଟ୍ ବ୍ୟବହାର କରିଥିଲେ । ସମାଜବାଦୀ ପାର୍ଟି ସରକାର ଅଧୀନରେ ଆମ୍ବୁଲାନ୍ସ




ସେବା ଗୋଟିଏ କ୍ରାନ୍ତିକାରୀ ପଦକ୍ଷେପ ଥିଲା । କାର୍ଯ୍ୟକ୍ରମର ପ୍ରଥମ ଭାଗରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦକ୍ଷତାସମ୍ପନ୍ନ ବ୍ୟକ୍ତିତ୍ୱ ନିଜ ମତ ରଖିଥିଲେ । ପ୍ରସିଦ୍ଧ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା ଆଲ୍କା ଦାହିୟା, ଡା. ପଙ୍କଜ ଭାରତୀ, ଶିଶୁ ରୋଗ ବିଶେଷଜ୍ଞ ଡା. ଆଶୁତୋଷ ବର୍ମା, ସ୍ୱାସ୍ଥ୍ୟ ଓ ଚିକିତ୍ସା କ୍ଷେତ୍ରର ଶିକ୍ଷକ ରାଜୀବ ରାୟ ପ୍ରମୁଖ ନିଜର ମତ ରଖିଥିଲେ । ସାଂସଦ ଡା. ରାଜୀବ ରାୟଙ୍କ ଆହ୍ୱାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବେଳେ ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ଅଭିଷେକ ମିଶ୍ରଙ୍କ ଦ୍ୱାରା ସଂଚାଳିତ ହୋଇଥିଲା । ଏହି ସମ୍ମେଳନରେ ବିଭିନ୍ନ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞ ଓ ସମର୍ଥକମାନେ ଯୋଗଦେଇଥିଲେ ।

ଭିଜନ୍ ଇଣ୍ଡିଆ ସମ୍ମେଳନର ଉଦ୍ଦେଶ୍ୟ ହେଉଛି ଭାରତର ଉନ୍ନତି ପାଇଁ ପ୍ରଗତିଶୀଳ, ବ୍ୟବହାରିକ ଓ ସମାବେଶୀ ପଦକ୍ଷେପକୁ ପ୍ରୋତ୍ସାହନ ଦେବା । ସ୍ଥାନୀୟ ହୋଟେଲ ତାଜ୍ ବିଭାନ୍ତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଜେଡି ମହିଳା ନେତ୍ରୀ ସୁମିତ୍ରା ଜେନା, ସିପିଏମ ନେତ୍ରୀ କମ୍ରେଡ୍ ପୁଷ୍ପା, ସିପିଏମ୍‌ଏଲ୍ ନେତା ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ଼ ବ୍ଲକ ନେତା ଜ୍ୟୋତି ମହାପାତ୍ର ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।



# ଜମୁଛି ବରୁଣେଶ୍ୱର ମେଳା | ଯାତ୍ରୀଙ୍କ ଗହଳିରେ ଉଛୁଳିଲା ପଡ଼ିଆ





**ବିଞ୍ଝାରପୁର, ୧୭।୧(ସମିସ)**

ଶନିବାର ପ୍ରସିଦ୍ଧ ବରୁଣେଶ୍ୱର ମେଳାର ଚତୁର୍ଥ ଦିବସ ଅବସରରେ ମେଳା ପଡ଼ିଆରେ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କ ଭାରି ଗହଳି ଦେଖିବାକୁ ମିଳିଛି। କ୍ରମାଗତ ଭାବେ ଭିଡ଼ ବଢୁଥିବା ବେଳେ ଶୀତୁଆ ସନ୍ଧ୍ୟାରେ ମେଳା ପଡ଼ିଆ ଲୋକାରଣ୍ୟ ହୋଇପଡ଼ିଥିଲା। ମେଳା ପଡ଼ିଆର ବିଭିନ୍ନ ପସରା ଓ ଷ୍ଟଲଗୁଡ଼ିକରେ ଲୋକମାନଙ୍କର ଭିଡ଼ ଲାଗି ରହିଥିଲା। ପିଲାମାନେ ଖେଳନା ଷ୍ଟଲ ଓ ଦୋଳି ପାଖରେ ଯୁବପିଢ଼ି ଗୁପଚୁପ, ଚାଟ ଓ ଫାଷ୍ଟ ଫୁଡ ଷ୍ଟଲଗୁଡ଼ିକରେ ଭାରି ଭିଡ଼ ଲଗାଇଥିଲେ। ମେଳା ପଡ଼ିଆରେ ଦୁଇ ଶହରୁ ଅଧିକ 'ହର୍-ଏକ-ମାଲ' ଷ୍ଟଲ ଲାଗିଥିବା ଜଣାପଡ଼ିଛି। ଏଠାରେ ୨୦ ଟଙ୍କାରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାମଗ୍ରୀ ମିଳୁଥିବାରୁ ବିଶେଷକରି ମହିଳାମାନେ ଏହି ଷ୍ଟଲମାନଙ୍କରେ ଭିଡ଼ ଲଗାଇ କିଣାକଟାରେ ବ୍ୟସ୍ତ ଥିବା ଦେଖାଯାଇଛି।

ବରୁଣେଶ୍ୱର ମେଳା ପଡ଼ିଆରେ ଶନିବାର ସନ୍ଧ୍ୟାରୁ ଅପେରା ପରିବେଷଣ ଆରମ୍ଭ ହୋଇଥିବା ବେଳେ ଅପେରା ଦେଖିବାକୁ ଦର୍ଶକମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଥିଲା। ଟିକେଟ ପାଇଁ କାଉଣ୍ଟର ସାମ୍ନାରେ ଲମ୍ବା ଲାଇନ୍ ଲାଗିଥିବା ଦୃଶ୍ୟ ମେଳାର ଆକର୍ଷଣକୁ ଆହୁରି ବଢ଼ାଇଥିଲା।

ବରୁଣେଶ୍ୱର ମେଳାରେ ଏବେ ଆଧୁନିକତାର ଛାପ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି। ପୂର୍ବରୁ ଏଠାରେ ସୋଲା, ମଟର, ବାରମଜା, ବରା-ଆଳୁଦମ, ରସଗୋଲା, ଛେନାପୋଡ଼ ଭଳି ପାରମ୍ପରିକ ଖାଦ୍ୟ ସାମଗ୍ରୀ ବିକ୍ରୟ ହେଉଥିଲା। ବର୍ତ୍ତମାନ ଗୁପଚୁପ, ଚାଟ, ପିଜା, ବର୍ଗର, ଠୁଙ୍କାପୁରୀ ଭଳି ଆଧୁନିକ ଖାଦ୍ୟ ସାମଗ୍ରୀର ବ୍ୟାପକ ବିକ୍ରୟ ହେଉଛି, ଯାହାକୁ ଯୁବବର୍ଗ ବେଶ ଆନନ୍ଦରେ ଗ୍ରହଣ କରୁଛନ୍ତି। ସେହିପରି ପୂର୍ବରୁ ମେଳାରେ ମାଟି ନିର୍ମିତ ସାମଗ୍ରୀ ବିକ୍ରୟ ହେଉଥିଲାବେଳେ ବର୍ତ୍ତମାନ କଂସା, ପିତଳ, ଷ୍ଟିଲ ସାମଗ୍ରୀ ସହିତ ନାମୀଦାମୀ କମ୍ପାନୀର ଟିଭି, ଫ୍ରିଜ, ଟ୍ରାକ୍ଟର ଓ ମଟରସାଇକେଲ ପର୍ଯ୍ୟନ୍ତ ବିକ୍ରୟ ହେଉଥିବା ଦେଖାଯାଉଛି।

## ସଂସ୍କୃତିକା ହ୍ୟାଣ୍ଡଲୁମ୍ ଉଦ୍‌ଘାଟିତ

**ଯାଜପୁର, ୧୭।୧(ସମିସ):** ଯାଜପୁର ମାନସାପୋଲ ନିକଟରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଉଦ୍ୟମରେ ଆମ ସଂସ୍କୃତି ପରମ୍ପରାକୁ ନେଇ ଖୋଲିଲା ସଂସ୍କୃତିକା ହ୍ୟାଣ୍ଡଲୁମ। ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ପୌରପାଳିକାର ଅଧକ୍ଷା ରଞ୍ଜୁଲତା ହୋତା, ବିଜୁ ଜନତା ଦଳର ସଭାନେତ୍ରୀ ସବିତା ରାଉତ ଯୋଗ ଦେଇ ଆମ ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବା ସହ ଆତ୍ମନିର୍ଭରଶୀଳ ପାଇଁ ମିଶନ ଶକ୍ତି ମହିଳାଙ୍କ ଏଭଳି ଉଦ୍ୟମକୁ ବେଶ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲ୍ଲିକ, ସରପଞ୍ଚ ଦେବାଶିଷ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଣେଶ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମହିଳା ଓ ପୁରୁଷଙ୍କ ପାଇଁ ହାତ ତିଆରି ସମ୍ବଲପୁରୀ, ଟେରାକୋଟା, ହ୍ୟାଣ୍ଡଲୁମ୍, ମାଣିଆବନ୍ଧୀ ଆଦି ବସ୍ତ୍ର ସ୍ୱତନ୍ତ୍ର ରିଆତି ମୂଲ୍ୟରେ ଉପଲବ୍ଧ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀ ସସ୍ମିତା ସାହୁ, ନିବେଦିତା ମାନ୍ଧାତା ସୂଚନା ଦେଇଥିଲେ।



## ଏମ୍‌ବିସିଟି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମଙ୍ଗଳପୁର/ଦଶରଥପୁର, ୧୭।୧(ସମିସ):** ଦଶରଥପୁର ବ୍ଲକ ମଲ୍ଲିକାପୁର ଏମ୍‌ବିସିଟି କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଖେଳର ପ୍ରଥମ ଦିନରେ ୪ଟି କ୍ୱାଟର ଫାଇନାଲ ମ୍ୟାଚ ଅଲ ଷ୍ଟାର ଚାଉଳିଆ ଏବଂ ବଦ୍ରି ଇଲେଭେନ ଷ୍ଟାର ମଙ୍ଗଳପୁର ମଧ୍ୟରେ, ଏମଟିସିଟି ଖୋସାଲପୁର ଓ ଜେଜେସିସି ବିରଜାପୁର ମଧ୍ୟରେ, ଜାଗୁର ସ୍ପୋର୍ଟିଂ କ୍ଲବ ବିରିପଟା ଓ ଆନନ୍ଦପୁର ମଧ୍ୟରେ, ଗେମ ଚେଞ୍ଜର ରାମକୃଷ୍ଣପୁର ଓ ଜନତା କିଲର ଅହିୟାସ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏଥିରେ ଚାଉଳିଆ, ଖୋସାଲପୁର, ଆନନ୍ଦପୁର, ଅହିୟାସ ୪ଟି ଟିମ୍ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ବିଶ୍ୱରଞ୍ଜନ ଦାସ ଓ ସୌମ୍ୟରଞ୍ଜନ ସାମଲ ଦାୟିତ୍ୱ ତୁଲାଇଥିବା ବେଳେ ସୌମ୍ୟରଞ୍ଜନ ସାମଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଏମ୍‌ବିସିଟି କ୍ଲବର ସଭାପତି ବିଶ୍ୱରଞ୍ଜନ ଦାସ, ଚୌଧୁରୀ ବିଶ୍ୱଜିତ ମହାନ୍ତି, ସୀତାକାନ୍ତ ନାୟକ, ସ୍ମୃତି ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।



### ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା

## କୋର୍ଟ ଜିମାରେ ରିମାଣ୍ଡରେ ଆସିଥିବା ଅଭିଯୁକ୍ତ

**ଧର୍ମଶାଳା, ୧୭।୧(ସମିସ):** ଦୁର୍ଲ୍ଲଭ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତ ଉତ୍ତର ପ୍ରଦେଶର ବିକାଶ ଯାଦବକୁ ଧର୍ମଶାଳା ଥାନା ପୁଲିସ୍ କୋର୍ଟରୁ ୩ ଦିନିଆ ରିମାଣ୍ଡରେ ଆଣିଛି। ପଚରାଉଚରା ସମୟରେ ଅସୁସ୍ଥତା ଅନୁଭବ କରିବାରୁ ପୁଲିସ୍ ଅଭିଯୁକ୍ତକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି। ତିନିଦିନ ଥାନାରେ ରଖି ବିକାଶକୁ ପଚରାଉଚରା କରି ଆଜି ପୁଲିସ ବିକାଶକୁ କୋର୍ଟ ଜିମା ଦେଇଛି। ତେବେ ରିମାଣ୍ଡରେ ଅଣାଯାଇଥିବା ଅଭିଯୁକ୍ତ ବିକାଶ ପାଖରୁ ଅଷ୍ଟଧାତୁ ଚୋରି ସମ୍ପର୍କିତ ତଥ୍ୟ ହାସଲ କରିବାରେ କିଛିଟା ସଫଳ ହୋଇଛି। ସୂଚନା ଅନୁସାରେ, ପାଟପୁର ପଞ୍ଚାୟତ ବଡ଼ବାରିସାହି ଗ୍ରାମସ୍ଥିତ ଶ୍ରୀସିଦ୍ଧବଳଦେବ ଜିଉ ମନ୍ଦିରରୁ ୨୦୨୨ ନଭେମ୍ବର ୧୧ତାରିଖ ରାତିରେ ୬ଟି ଦୁର୍ଲ୍ଲଭ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏନେଇ ମନ୍ଦିରର ଟ୍ରଷ୍ଟି ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଧର୍ମଶାଳା ପୁଲିସ ଏନେଇ ୬୦୯/୨୨ରେ ଏକ ମାମଲା ରୁଜୁ କରି ଲୋକଦେଖାଣିଆ ତଦନ୍ତ କରି ଚୁପ ହୋଇ ବସିରହିଥିଲା। ଏବେ ଥାନାରେ ନୂତନ ଅଧିକାରୀଙ୍କ ଯୋଗଦନ ପରେ ମନ୍ଦିର ଚୋରୀ ଘଟଣାର ତଦନ୍ତ କରାଯାଇ କିଛି ଦିନ ତଳେ ଉତ୍ତରପ୍ରଦେଶରୁ ପୁଲିସ ବିକାଶକୁ ଗିରଫ କରି ଆଣି କୋର୍ଟଚାଲାଣ କରିଥିଲା।

## ବରୀ ରୋଗୀ କଲ୍ୟାଣ ସମିତିର ବୈଠକ



**ବରୀ, ୧୭।୧(ସମିସ):** ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀକଲ୍ୟାଣ ସମିତି ବୈଠକ ସମିତିର ଅଧକ୍ଷ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବରୀବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ନ ମିଳିବା ଓ ରୋଗୀ କଲ୍ୟାଣ ସମିତିର ବୈଠକରେ ପ୍ରସ୍ତାବିତ କାର୍ଯ୍ୟରେ ଅନିୟମିତତା ଦେଖାଯିବା ସହ ଦାୟିତ୍ୱରେ ଥିବା ଅଧିକାରୀ ନିୟମିତ ଚିକିତ୍ସାଳୟ ନ ଆସିବା ଘଟଣାକୁ ନେଇ ବର୍ଷିଥିଲେ ବିଧାୟକ। ଡାକ୍ତର କର୍ମଚାରୀମାନେ ପାଳି କରି ଡିୟୁଟି କରୁଛନ୍ତି। ଏମିତି ଅନେକ ସମସ୍ୟାକୁ ନେଇ ବିଧାୟକ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ପୂର୍ବ ବର୍ଷର ବୈଠକରେ ହୋଇଥିବା ପ୍ରସ୍ତାବିତ କାର୍ଯ୍ୟ ଓ ଖର୍ଚ୍ଚ ଉପରେ ଆଲୋଚନାବ ସହ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନଥିବା, ପାନୀୟ ଜଳ, ଶୌଚାଳୟ ଓ ତିନି ଫେଜ୍ ବିଦ୍ୟୁତ୍ ବ୍ୟବସ୍ଥା ସହ ନିର୍ମାଣ ହୋଇ ରହିଥିବା ନୂତନ ଗୃହକୁ ବରୀବାସୀଙ୍କ ସେବାରେ ଲଗାଇବାକୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରି ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ବରୀ ବାସୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା କ୍ଷେତ୍ରରେ ଯଦି କୌଣସି ଅବହେଳା ଦେଖାଯାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଶ୍ରୀ ମଲ୍ଲିକ ଚେତାବନୀ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ତହସିଲଦାର ଦିପ୍ତିମୟୀ ବେହେରା, ସିଡିପିଓ ତରଙ୍ଗିଣୀ ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ସବ୍ୟସାଚୀ ଦାସ, ଡକ୍ଟର ଶଶିକାନ୍ତ ସାହୁ, ପ୍ରଫୁଲ୍ଲ କୁମାର ନାୟକ ଓ କମିଟି ମେମ୍ବର ବିଜୟ କୁମାର ସାହାଣୀ, ପ୍ରମୋଦ ନାଥଶର୍ମା, ଦିଲ୍ଲୀପ ବେହେରା, ଦୁଷ୍ମନ୍ତ ମଲିକଙ୍କ ସମେତ ବିଭିନ୍ନ ବିଭାଗିୟ ଅଧିକାରି ଉପସ୍ଥିତ ଥିଲେ।

## ବାବା ସନ୍ଥନ କ୍ରିକେଟ | ଭୁରୁଙ୍ଗାକୁ ହରାଇ ପଦ୍ମନାଭପୁର ଚାମ୍ପିଅନ

**ବରୀ, ୧୭।୧(ସମିସ):** ବରୀ ବ୍ଲକ ଅନ୍ତର୍ଗତ ସନ୍ଥନ ପଡ଼ିଆ ଠାରେ ଅନୁଷ୍ଠିତ ବାବା ସନ୍ଥନ କ୍ରିକେଟ ମ୍ୟାଚ୍ ଫାଇନାଲରେ ୟୁନାଇଟେଡ ଭୁରୁଙ୍ଗାକୁ ହରାଇ ସାଇରାମ ଇଲେଭେନ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣମେଣ୍ଟର ପ୍ରାୟୋଜକ ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଦିଲୀପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ମଲିକ, ସମିତି ସଭ୍ୟ ପ୍ରୀତିରଞ୍ଜନ ଜେନା, କେଦାର ସାମଲ, ପ୍ରସନ୍ନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌କୁ ସେକ ମେହେବୁବ ଅଲି ଓ ମଣ୍ଟୁ ସୁନା ପରିଚାଳନା କରିଥିବା ବେଳେ କ୍ଲବ୍‌ର ସମସ୍ତ ଟୁର୍ଣ୍ଣାମେଣ୍ଟ ସଫଳ ଆୟୋଜନରେ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ, ଫାଇନାଲ ମ୍ୟାଚ୍‌ରେ ଭୁରୁଙ୍ଗା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ଖେଳି ୨ ୱିକେଟ ବିନିମୟରେ ୧୦୩ ରନ୍ ସଂଗ୍ରହ କରିଥିବାବେଳେ ପଦ୍ମନାଭପୁର ୬.୪ ଓଭର ଖେଳି ୨ ୱିକେଟ ବିନିମୟରେ ୧୦୪ ରନ କରି ଚାମ୍ପିଅନ ହୋଇଥିଲା।

## ତେଲିବାହାଲୀ ପାର୍କରେ ଅଗ୍ନିକାଣ୍ଡ

**ଦାନଗଦ, ୧୭।୧(ସମିସ):** ଯାଜପୁର ରୋଡ୍ ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ତେଲିବାହାଲୀ ପାର୍କରେ ଆଜି ଅପରାହ୍ଣରେ ହଠାତ ଅଗ୍ନିକାଣ୍ଡ ଘଟି ପ୍ରାୟ ୫ ଏକର ଜାଗାରେ ଲଗାଯାଇଥିବା ବହୁ ମୂଲ୍ୟବାନ ଗଛ ସବୁ ଜଳିପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଯାଜପୁର ରୋଡ୍ ବନାଞ୍ଚଳ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଦମକଳ ବାହିନୀକୁ ଫୋନ କରିଥିଲେ। ଏକାଥରେ ୪ଟି ଦମକଳ ବାହିନୀ ପହଞ୍ଚିଥିଲେ ହେଁ ନିଆଁକୁ ଆୟତ୍ତ କରିବାକୁ ଦୀର୍ଘ ୪ ଘଣ୍ଟା ଲାଗିଯାଇଥିଲା। ତେବେ କ୍ଷୟକ୍ଷତି କେତେ ଟଙ୍କାର ହୋଇଛି ତାହା ଏଯାଏ ଜଣା ପଡ଼ିନାହିଁ। ଅଗ୍ନିକାଣ୍ଡ ପରେ ପାର୍କ ମଧ୍ୟକୁ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି। ସୂଚନା ଯୋଗ୍ୟ ଯେ କଳିଙ୍ଗନଗର ମହୋତ୍ସବ ବା ମହାପାଟ ପଡ଼ିଆକୁ ସୌନ୍ଦର୍ଯ୍ୟକରଣ କରିବା ସହ ଲୋକଙ୍କ ମନୋରଞ୍ଜନ ପାଇଁ ଜିଲ୍ଲା ଡିଏମଏଫ ପାଣ୍ଠିରେ ୨୦୨୩-୨୪ ମସିହାରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ପାର୍କ ବନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ଯାହାକି ସରକାର ବଦଳିବା ପରେ ଏହାର ରକ୍ଷଣା ବେକ୍ଷଣ ସମ୍ଭବ ହୋଇ ନ ଥିଲା। ଫଳରେ ପାର୍କ ଲଗାଯାଇଥିବା ଗଛ ଭିତରେ ଆଣ୍ଠୁଏ ଲେଖାଏ ଘାସ ଗଛ ସବୁ ଜଙ୍ଗଲ ପରି ସୃଷ୍ଟି ହୋଇଥିଲା। ଆଜି କୌଣସି କାରଣରୁ ଏଥିରେ ଅଗ୍ନିକାଣ୍ଡ ଘଟିବାରୁ ଏସବୁ ଜଳି ପାଉଁଶ ହୋଇଥିଲା।

## ହୃଦ୍‌ଘାତରେ ଖେଳ ଶିକ୍ଷକଙ୍କ ପରଲୋକ

**ବଡ଼ଚଣା, ୧୭।୧(ସମିସ):** ଯାଜପୁର ଜିଲ୍ଲା ଶାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ସାଇଲପଡ଼ା ସ୍ଥିତ ମହାପୁରୁଷ ବନମାଳି ମହାବିଦ୍ୟାଳୟ ଖେଳଶିକ୍ଷକ ଅଶୋକ କୁମାର ସାହୁ (୫୦)ଙ୍କର ଆଜି କଲେଜ ପରିସରରେ ହୃଦ୍‌ଘାତରେ ପରଲୋକ ହୋଇଥିବା ଜଣାପଡ଼ିଛି। କଲେଜ ପରିସରରେ ହଠାତ ଅଶୋକଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା ଏବଂ ଅସୁସ୍ଥ ଅବସ୍ଥାରେ କଲେଜରୁ ତାଙ୍କୁ ନିକଟସ୍ଥ ବଡ଼ଚଣା ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅଶୋକଙ୍କ ଘର ଧର୍ମଶାଳ ବ୍ଲକର ଚଢ଼େଇଧରା ଅଞ୍ଚଳରେ। ତାଙ୍କର ମୃତ୍ୟୁରେ କଲେଜ ଅଧକ୍ଷଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ଶୋକପ୍ରକାଶ କରିଛନ୍ତି।


## ନାବାଳିକା ଅପହରଣ ଘଟଣାରେ ଯୁବକ ଅଟକ

**ଯାଜପୁର, ୧୭।୧(ସମିସ):** ଗତ ତିନି ମାସ ତଳେ ବରୀ ଥାନା ବାଲିଆପାଳ ଅଞ୍ଚଳର ଜନୈକ ନାବାଳିକା ଘରୁ ଫେରାର ହୋଇଥିବାର ଖବର ଆସିଥିଲା। ଏ ନେଇ ନାବାଳିକାର ଦାଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ନାବାଳିକା ଜଣକ ଛତିଶଦେବିଲ ପଞ୍ଚାୟତ ଅରିଖିଆବାଙ୍କ ଅଞ୍ଚଳର ଭଗବାନ ପରମାଣିକ ସହ ପଳାଇ ଆସିଥିବା ଜଣାପଡ଼ିଥିଲା। ଉଭୟ ବିବାହ କରିବାକୁ ଯୋଜନା କରୁଥିବା ବେଳେ ଯାଜପୁରର ରୁଚିକା ଫାଉଣ୍ଡେସନ ଏ ସମ୍ପର୍କରେ ଜାଣି ଅଭିଯୁକ୍ତଙ୍କ ଘରେ ପହଞ୍ଚିଥିଲେ। ବରୀ ପୁଲିସର ସହାୟତାରେ ଏକ ମାମଲା ରୁଜୁ କରାଯାଇ ଜିଲା ଶିଶୁ ସୁରକ୍ଷା ବିଭାଗକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ତେବେ ଶନିବାର ଦିନ ଏକ ଟିମ୍ ଉକ୍ତ ଅଭିଯୁକ୍ତର ଘରେ ଚଢ଼଼ଉ କରାଯାଇଥିବା ବେଳେ ଅଭିଯୁକ୍ତ ଭଗବାନ ପରମାଣିକକୁ ଯାଜପୁର ସଦର ଥାନାରେ ଅଟକ ରଖାଯାଇଛି। ତେବେ ନାବାଳିକା ଜଣକ ଫେରାର ଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ନାବାଳିକା ଭୁବନେଶ୍ୱରରେ ରହୁଥିବା ପୁଲିସକୁ କୁହାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ବାଳକର ମୃତଦେହ ଉଦ୍ଧାର

**କୁଦଳ, ୧୭।୧(ସମିସ):** ବଡ଼ଚଣା ବ୍ଲକ କୋଲଣଗିରି ପଞ୍ଚାୟତ ମୃଷାଟିକିରି ନିକଟସ୍ଥ ବାଲିଅନ୍ତା ତୋଟାରୁ ଗୋଟିଏ ବାଳକର ମୃତଦେହ ମିଳିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ କୋଲଣଗିରି ପଞ୍ଚାୟତର କୁନା ଦଳାଇଙ୍କ ପୁଅ ଆକାଶ ଦଳାଇ (୧୪) ଗତ ୧୪ ତାରିଖ ଠାରୁ ଘରୁ କେଉଁ ଆଡ଼େ ପଳାଇ ଯାଇଥିଲେ। ପରିବାର ଲୋକେ ବନ୍ଧୁବାନ୍ଧବ ଘର ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିନଥିଲା। ତେବେ ତାଙ୍କର ମୃତଦେହ ଆଜି ବାଲିଅନ୍ତା ତୋଟାରୁ ମିଳିଥିବା ବେଳେ ତାଙ୍କ ବେକରେ ରଶିଦେବା ଭଳି ଏକ ଦାଗ ଦେଖିବାକୁ ମିଳିଛି। ଏହି ଖବର ଗାଁରେ ପ୍ରଚାରିତ ହେବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ତେବେ ବାଲିଚନ୍ଦ୍ରପୁର ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇନଥିବା ଥାନାଧିକାରୀ ସମରଜିତ୍ ନାୟକଙ୍କ ଠାରୁ ପ୍ରକାଶ।

## ଶିକ୍ଷାବିତ୍ ଗଗନ ମିଶ୍ରଙ୍କ ପରଲୋକ



**ଯାଜପୁର, ୧୭।୧(ସମିସ):** ଶିକ୍ଷାବିତ୍ ଗଗନ ବିହାରୀ ମିଶ୍ରଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଯାଜପୁର ଟାଉନର ବିଡି ହାଇସ୍କୁଲରେ ପ୍ରଧାନଶିକ୍ଷକ ଥିଲେ। ସେ ସହରର ଗଗନ୍ ସାର୍ ନାମରେ ବେଶ୍ ପରିଚିତ ଥିଲେ। ସେ ଜଣେ ମେଳାପୀ, ଧର୍ମପରାୟଣ, ପରୋପକାରୀ, ମିତଭାଷୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ସହରରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଶିକ୍ଷାବିତ୍ ବିଶ୍ୱମ୍ଭର ମିଶ୍ର ସମେତ ବହୁ ଶିକ୍ଷାବିତ୍ ଶୋକବ୍ୟକ୍ତ କରିଛନ୍ତି।

## ଧର୍ମଶାଳା କଂଗ୍ରେସର ସମ୍ମିଳନୀ

**ଧର୍ମଶାଳା, ୧୭।୧(ସମିସ):** ଧର୍ମଶାଳା ହାଟପଡ଼ିଆ ମାଉସୀମା' ମନ୍ଦିର ପ୍ରାଙ୍ଗଣରେ ସଙ୍ଗଠନ ମଜବୁତ କରିବା ଆଳରେ ଏକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ବିଜେଡି ଦଳ ଛାଡି ଅନେକ ଆଗଧାଡିର ନେତା ଓ କର୍ମୀମାନେ ବିଜେପି ଶିବିରକୁ ଯାଉଥିବା ବେଳେ କଂଗ୍ରେସ ଦଳର ଆଜିର ବୈଠକ ବେଶ ଗୁରୁତ୍ୱ ବହନ କରୁଛି। ଅଜିର ଏହି କାର୍ଯ୍ୟକ୍ରମରେ ଆଗକୁ କଂଗ୍ରେସ ଦଳର ସଙ୍ଗଠନ କିଭଳି ମଜବୁତ ହେବ ସେ ନେଇ ଅଲୋଚନା କରାଯାଇଥିବା ବେଳେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏକ ବଡ ଧରଣର ସଭା ଆୟୋଜନ କରାଯିବ ବୋଲି କଂଗ୍ରେସ ନେତା ଶ୍ରୀ ମିଶ୍ର ଉପସ୍ଥିତ ଲୋକମାନଙ୍କୁ କହିଥିଲେ।



## ଆଇନ୍ ସଚେତନତା ସଭା

**ଯାଜପୁର, ୧୭।୧(ସମିସ):** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ପକ୍ଷରୁ ଯାଜପୁର ମୁଖ୍ୟ ଦପ୍ତରରେ ଥିବା ବିରଜା ମହିଳା ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ଅଧକ୍ଷତା କରିଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ଗୌର ସୁନ୍ଦର ଦାସ, ମୁଖ୍ୟ ବିବାହ ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ ଓ ଆଡଭୋକେଟ୍ କୁଳମଣି ନାୟକ ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟ ଅଧାପିକା ବୃନ୍ଦ ଓ ଛାତ୍ରୀମାନେ ଯୋଗଦେଇଥିଲେ। ପରେ ସମୂହ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଅଧକ୍ଷ ସମସ୍ତଙ୍କୁ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ମହାବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

### ଟିପ୍ପ ବୋଝେଇ ହାଇୱା ଧକ୍କାରେ ସାଇକଲ ଚାଳକ ମୃତ

## ପ୍ରତିବାଦରେ ଗାଡ଼ି ଜାଳି ଦେଲେ ଉତ୍ତ୍ୟକ୍ତ ଲୋକ



**ଜେନାପୁର, ୧୭।୧(ସମିସ)**

ଜେନାପୁର ଥାନା ଅନ୍ତର୍ଗତ ବରଡ଼ା- ତୁରଙ୍ଗ ରାସ୍ତା କାଦୁଅ ମାଗୁରା ଛକ ନିକଟରେ ଟିପ୍ପ ବୋଝେଇ ହାଇୱା ଗାଡି ଧକ୍କାରେ ଜଣେ ସାଇକଲ ଚାଳକର ମୃତ୍ୟୁ ହୋଇଯାଇଛି। ମୃତ ସାଇକଲ ଚାଳକ କାଦୁଅ ମାଗୁରା ଗ୍ରାମର ବାସୁଦେବ ସାହୁ (୭୦) ବୋଲି ଜଣାପଡ଼ିଛି। ସେ ହାଟକୁ ଯାଉଥିବା ସମୟରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ କିଛି ଲୋକ ନିଆଁ ଲଗାଇ ଦେଇଛନ୍ତି। ତେବେ ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲେ ମଧ୍ୟ ଅସହାୟ ଅବସ୍ଥାରେ କେବଳ ବୁଝାସୁଝା କରୁଥିବା ଦେଖାଯାଇଛି। କିନ୍ତୁ ସ୍ଥାନୀୟ ଲୋକେ ଅଗ୍ନିଶମ ଗାଡ଼ି କିମ୍ବା କର୍ମଚାରୀଙ୍କୁ ସେଠାକୁ ନ ଛାଡ଼ିବାରୁ ଗାଡ଼ିଟି ରାସ୍ତା ପାର୍ଶ୍ୱରେ ହୂତୁ ହୁତୁ ହୋଇ ଜଳିଯାଇଥିଲା। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରଖିବା ସହ କ୍ଷତିପୂରଣ ଦାବିରେ ଅଡ଼ି ବସିଛନ୍ତି।

ସୂଚନାଯୋଗ୍ୟ, ସମାନ ପରିସ୍ଥିତରେ ଗତ ଡିସେମ୍ବର ୨ ତାରିଖରେ ମଧ ଏକ ହାଇୱା ଧକ୍କାରେ କଲେଜ ଛାତ୍ରର ମୃତ୍ୟୁ ହୋଇଥିବା ବେଳେ ଏଭଳି ପରିସ୍ଥିତି ଦେଖା ଯାଇଥିଲା। ଗୋଟିଏ ଗାଡ଼ି ଦୁର୍ଘଟଣା ଘଟାଇଥିବା ବେଳେ ୪ଟି ହାଇୱାକୁ ଲୋକମାନେ ଜାଳି ଦେଇଥିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ସୁଦ୍ଧା ପୁଲିସ କେବଳ ଦେଖଣାହାରି ସାଜିଛି। ପୂର୍ବ ମାମଲାରେ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା କାରଣରୁ ଆଜିର ଘଟଣାର ପୁନରାବୃତ୍ତି ହୋଇଥିବା ଆଲୋଚନା ହେଉଛି। ରାସ୍ତା ଉପରେ ମୃତଦେହ ପଡ଼ି ରହିଥିବା ବେଳେ ଉତ୍ତ୍ୟକ୍ତ ଲୋକେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି। ଉକ୍ତ ରାସ୍ତାରେ ଅନେକ ସମୟରେ କଳାପଥର ବୋଝେଇ ଗାଡ଼ି ଗୁଡ଼ିକ ଦୁର୍ଘଟଣା ଘଟାଉ ଥିବାରୁ ସାଧାରଣ ଲୋକ ଯାତାୟାତ ପାଇଁ ଏକ ରାସ୍ତା ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉ ନାହିଁ। ଖଣି ଖାଦାନରୁ ଆସୁଥିବା ଗାଡ଼ି ଓ ସାଧାରଣ ଲୋକ ମାନେ ଯାତାୟାତ କରୁଥିବା ଗାଡି ମଟର ଗୋଟିଏ ରାସ୍ତାରେ ଯାତାୟାତ କରୁଥିବାରୁ ଅସାବଧାନତା କାରଣରୁ ଅନେକ ନିରୀହ ଜୀବନ ଯାଉଛି। ପ୍ରଶାସନର ନିରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



# ରାସ୍ତା ମଝିରେ ଝୁଲୁଛି ନେତାଙ୍କ ମାଳମାଳ ହୋର୍ଡିଂ



ବାସୁଦେବପୁର,୧୭।୧(ସମିସ): ବାସୁଦେବପୁର ସହରରେ ନୂନତ ବର୍ଷକୁ ନେଇ ଚାରିଆଡ଼େ ଶୁଭେଚ୍ଛା ବ୍ୟାନର ଛାଇ ହୋଇଯାଇଛି। ସହରର ଦୁଇପାଶ୍ୱର୍ ରାସ୍ତା ବ୍ୟାନରରେ ଭର୍ତ୍ତି ହୋଇ ଯାଇଥିବାବେଳେ ରାସ୍ତା ମଝିକୁ ବି ନେତା ମନ୍ତ୍ରୀମାନେ ଛାଡ଼ି ନ ଥିବା ଭଳି ସଙ୍ଗିନ ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା ମଝି ଡିଭାଇଡରରେ ବସିଥିବା ଲାଇଟ୍ ଖୁଣ୍ଟିରେ ମାଳମାଳ ବିକଟାଳ ହୋର୍ଡିଂ ଯାତାୟାତରେ ବାଧା ସୃଷ୍ଟି କରୁଥିବାବେଳେ କେତେକ ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରର ମର୍ଯ୍ୟାଦା ବଢ଼ାଇବା ପରିବର୍ତ୍ତେ ଦୁର୍ଘଟଣାକୁ ଆମନ୍ତ୍ରିତ କରୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ଲାଗିଥିବା ନେତା ମନ୍ତ୍ରୀଙ୍କ ହୋର୍ଡିଂ ଆକାର ବଳିଯାଇଛି ଲାଇଟ୍ ଖୁଣ୍ଟ ଓ ଡିଭାଇଡରକୁ। ଯାହାକି ଗାଡ଼ି ମୋଟର ଚାଳକମାନଙ୍କୁ ଗାଡ଼ି ଚଳାଇବା ପାଇଁ ସାମ୍ନା ପଟର ଦୃଶ୍ୟ ଅଡୁଆ ସୃଷ୍ଟି କରୁଛି। ଏଥିସହିତ ଧାମରା ବନ୍ଦରକୁ ଯାତାୟାତ କରୁଥିବା ଭାରୀଯାନ ଡାହାଣ ପାଶ୍ୱର୍ର ହୋର୍ଡିଂକୁ ସୁରକ୍ଷିତ ରଖି ବାମପାଶ୍ୱର୍ରେ ଚାପି ହୋଇ ଯାଉଥିବା ଦେଖିବାକୁ ମିଳୁଛି। ଫଳରେ ସହରର ସଂକୀର୍ଣ୍ଣ ରାସ୍ତାରେ ଅନ୍ୟ ଛୋଟଛୋଟ ଗାଡ଼ି ସହିତ ବାଇକ୍ ଆରୋହୀ ଓ ବାଇକ୍ ଆରୋହୀ ଅବା ପଥଚାରୀ ବିପଦର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି। ଏ ଦିଗରେ ପୌର ପ୍ରଶାସନ ଦୃଷ୍ଟିଦେବା ପାଇଁ ଦାବି ହୋଇଛି।

ପ୍ରକାଶ ଥାଉକି, ସ୍ଥାନୀୟ ସହରର ମାତାଜୀ ମଠ ଛକଠାରୁ ଦୋକାନ ବଜାର ଲାଗିଥିବାବେଳେ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳର ଛାମୁଆ ନେତାମାନେ ବ୍ୟାନର ମାଧ୍ୟମରେ ଲୋକମାନଙ୍କୁ ଇଂରାଜୀ ନବ ବର୍ଷର ଶୁଭେଚ୍ଛା ବାର୍ତ୍ତା ବାଣ୍ଟିବାରେ ବ୍ୟସ୍ତ ରହିଛନ୍ତି। ଏହି ବ୍ୟାନର ଓ ହୋର୍ଡିଂ ଦୀର୍ଘ ୩ କିଲୋମିଟର ସହର ଶେଷ ତାରେଣୀ ଛକ ପର୍ଯ୍ୟନ୍ତ ଛାଇ ହୋଇଯାଇଛି। ବିଶେଷ ଭାବେ ରାସ୍ତା ମଝି ଲାଇଟ୍ ଖୁଣ୍ଟିରେ ହୋର୍ଡିଂ ବି ଲାଇଟ ଲାଗିଥିବା କାରଣରୁ ଯାତାୟାତର ବ୍ୟାଘାତ ଦେଉଥିବା ଅଭିଯୋଗ ସାମ୍ନାକୁ ଆସିଛି।

ସହର ମଧ୍ୟରେ ମଝିରେ ମଝିରେ ଲୋକମାନଙ୍କୁ ରାସ୍ତା ପାର୍ ହେବା ସମୟରେ ଆଗପଛରୁ ଯାତାୟାତ କରୁଥିବା ଭାରୀଯାନ ସତର୍କତାର ସହ ଚଳାଇବା କଷ୍ଟକର ବ୍ୟାପାର ସାବ୍ୟସ୍ତ ହେଉଛି। ତେବେ ପୌର ପ୍ରଶାସନର ଦୃଷ୍ଟି ଆଢୁଆଳରେ ଏହି ପର୍ବ ଚାଲିଥିବା ଏକ ବିଶେଷ ସୂତ୍ରରୁ ସୂଚନାପ୍ରାପ୍ତ ହୋଇଛି। ବେଧଡ଼କ ଭାବେ ଲଗାଯାଇଥିବା ଏହି ବ୍ୟାନର ହୋର୍ଡିଂ ପାଇଁ ଜନସାଧାରଣଙ୍କୁ ଶୁଭେଚ୍ଛା ବାର୍ତ୍ତା ଯାତାୟାତର ଅଡୁଆ ସୃଷ୍ଟି କରୁନାହିଁ ତ ବୋଲି ପ୍ରଶ୍ନ ଉଠିଛି। ବେଧଡ଼କ ଭାବେ ବ୍ୟାନର ଲଗାଇ ଲୋକମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଗିଳେଇ ଦେବା ପରି ଲାଗୁଥିବା କେତେକ କୁହାକୁହି ହେଉଥିବା ଶୁଣିବାକୁ ମିଳିଛି। ସେ ଯାହା ବି ହେଉ ବ୍ୟାନର ଲାଗୁ କି ହୋର୍ଡିଂ ଦୁର୍ଘଟଣାକୁ ଆମନ୍ତ୍ରଣ କରୁ ପଛେ, ସେଥିରେ ଦୁଃଖ ନାହିଁ କାହିଁକି ନା ଏଥିପାଇଁ ଆମ୍ଭର ରାଜସ୍ୱ ବ୍ୟାଗ ଭର୍ତ୍ତି ହେଉଛି ବୋଲି ମଧ୍ୟ ଲୋକେ ଆଲୋଚନା କରୁଛନ୍ତି। ତେବେ ପ୍ରକାଶ ପାଇଥିବା ଜନ ଅସନ୍ତୋଷ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ସ୍ୱାଇଁଙ୍କ ସହିତ ହୋର୍ଡିଂ ଲଗାଇବା ପ୍ରସଙ୍ଗରେ ଯୋଗାଯୋଗ କରିବାରୁ ଲଗେଇଥିବା ସଂସ୍ଥାକୁ ଆମେ ନୋଟିସ୍ କରିଛୁ ଅଉ ଦୁଇରୁ ତିନିଦିନ ଭିତରେ କାଢ଼ି ନ ନେଲେ ଅମେ କାଢ଼ି ଦେବୁ କହିଛନ୍ତି।

## ଗୋଟିଏ ରାତିରେ ୨ଟି ସ୍ଥାନରୁ ଚୋରି

ଭଣ୍ଡାରିପୋଖରୀ/ବାରିକପୁର,୧୭।୧(ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ୍ ଫାଣ୍ଡି ଅଞ୍ଚଳରେ ଶୁକ୍ରବାର ରାତିରେ ୨ଟି ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ତେସିଙ୍ଗା ପଞ୍ଚାୟତ ବିଶୋଳ ଗ୍ରାମର ଦୟାନିଧି ସାହୁଙ୍କ ପରିବାର ଲୋକେ ଘରେ ଶୋଇଥିବାବେଳେ ଚୋର ଦଳ ଚତୁରତାର ସହିତ ତାଙ୍କ ଘରୁ ଚୋରି କରିଥିଲେ। ଘରେ ଥିବା ଆଲମିରା ଭାଙ୍ଗି ସୁନା ଓ ଟଙ୍କା ନେଇଥିବା ସେ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଖବର ଲେଖା ହେବା ଯାଏଁ ଥାନା ପକ୍ଷରୁ ମାମଲା ରୁଜୁ ହୋଇ ନ ଥିବା ସୂଚନା ଦିଆଯାଇଛି। ଅନୁରୂପ ଭାବେ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ଗାଁର ଆଲୋକ ଭାରତୀଙ୍କ ଘରୁ ବିଳମ୍ବିତ ରାତିରେ ଚୋରମାନେ ସୁନା ଗହଣା ନେଇଯାଇଥିବା ଅଭିଯୋଗ ହୋଇଛି। ରାତିରେ ୩ଜଣ ବ୍ୟକ୍ତି ଆସି ଘରର ଜଣେ ମହିଳାଙ୍କ ପାଟିକୁ ଚାପି ରଖିଥିଲେ। ଅନ୍ୟ ଦୁଇଜଣ ତାଙ୍କ ବାକ୍ସ ଓ ଟ୍ରଙ୍କ୍‌କୁ ନେଇ ଏକ ନିଛାଟିଆ ସ୍ଥାନରେ ପକାଇବା ସହ ସେଥିରେ ଥିବା ସୁନା ଗହଣାକୁ ନେଇ ପଳାଇ ଯାଇଥିବା ପରିବାର ପକ୍ଷରୁ ଜଣାଯାଇଛି। ଏ ଘଟଣାରେ ଥାନାରେ ଅଭିଯୋଗ ହୋଇ ନ ଥିବା ମଧ୍ୟ ଜଣାଯାଇଛି।



## ଭଦ୍ରକ-ଚାନ୍ଦବାଲି ରାସ୍ତା; ପଡୁପଡୁ ଉଠିଲାଣି ପିଚୁ

ଭଦ୍ରକ/ଦୋଳସାହି,୧୭।୧(ସମିସ): ଭଦ୍ରକ-ଚାନ୍ଦବାଲି ରାଜପଥରେ ଚାଲିଛି ପ୍ୟାଚିଂ କାର୍ଯ୍ୟ। ଏହି ରାଜପଥର ସମସ୍ତ ବଜାରରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିବାବେଳେ ଅନ୍ୟ ସ୍ଥାନରେ ପିଚୁ ରାସ୍ତା ହୋଇଛି। ନିର୍ମାଣ ହୋଇଥିବା ଏହି ପିଚୁ ରାସ୍ତାର ସମସ୍ତ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ଦେଖିବାକୁ ମିଳୁଥିବାବେଳେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ହୋଇଥିବା ଦେଖିବାକୁ ମିଳୁଛି। ଏହି ସମସ୍ତ ଫାଟ ସୃଷ୍ଟି ହୋଇଥିବା ସ୍ଥାନରେ ପିଚୁ ପ୍ୟାଚିଂ କାର୍ଯ୍ୟ ହେଉ ନ ଥିବା ସହ ଯେଉଁ ଯେଉଁ ସ୍ଥାନରେ ପିଚୁ ପ୍ୟାଚିଂ କାର୍ଯ୍ୟ ହେଉଛି ସେହି ସମସ୍ତ ସ୍ଥାନରେ ପିଚୁ ଉଠୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ନିମ୍ନମାନର ନିର୍ମାଣ କରି ଜନପ୍ରତିନିଧି ଓ ପ୍ରଶାସନ ଅର୍ଥ ଆତ୍ମସାତ୍ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ନିର୍ମାଣ ଚାଲିଥିବା ଏହି ପ୍ୟାଚିଂ କାର୍ଯ୍ୟ ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



## ଶିଶୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶିକାଙ୍କ ଧାମନଗର ଗସ୍ତ ଓ ସମୀକ୍ଷା

ଧାମନଗର,୧୭।୧(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶିଶୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଧାମନଗର ପରିଦର୍ଶନ କରି ରୋଗୀମାନଙ୍କର ବିଭିନ୍ନ ସମସ୍ୟା ଓ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାରିପାର୍ଶ୍ୱର ପରିବେଶ, ସୁରକ୍ଷା ଓ ସ୍ୱଚ୍ଛତା କିପରି ଅଛି ବୁଲି ଦେଖିବା ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଧାମନଗର ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ମାଝି ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଶିଶୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶିକା ଡା. ଅନିନ୍ଦିତା ପଟ୍ଟନାୟକ(କନ୍‌ସଲ୍‌ଟାଣ୍ଟ ଶିଶୁ ସ୍ୱାସ୍ଥ୍ୟ), ଡା. ସନ୍ଦିପନା ପତି (ଯୁଗ୍ମ ନିର୍ଦ୍ଦେଶିକା ତାଲିମ), ଡା. ଔରୁଲିପି ଗୁଣବନ୍ତା ବିଭାଗ ମୁଖ୍ୟ ଭୁବନେଶ୍ୱରରୁ ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ରୋଗୀମାନଙ୍କୁ ଉତମ ସେବା ଯୋଗାଇଦେବା, ଔଷଧ ସୁବଣ୍ଟନ କରିବା, ଏକ୍ସରେ, ମେଡିକାଲ ଡାକ୍ତର ସମସ୍ୟା, ଷ୍ଟାଫ୍ କ୍ୱାର୍ଟର ସମସ୍ୟା, ପରିବେଶକୁ ଭଲଭାବରେ ସଫାସୁତରା ରଖିବା ଇତ୍ୟାଦି ବିଷୟରେ ଗୁରୁତ୍ୱାରୋପ କରିଥିବାବେଳେ ବିଭାଗର କାଗଜପତ୍ର ଯାଞ୍ଚ କରି ଅଧିକାରୀଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଡା. ହିମାଂଶୁ ନାଥ, ରାକେଶ ଦାସ, ସୁବ୍ରତ ବରାଳ, ମଧୁଶ୍ରୀ ସାହୁ, ଦିବ୍ୟଜ୍ଞାନ ନାୟକ, ଆୟୁଷ ଡାକାତର ସଞ୍ଜୟ ହୁଇଁ, ଡା. ଶ୍ରୀମାଧବ ସେଠୀ, ଭଦ୍ରକରୁ ରାଜେଶ ଆଚାର୍ଯ୍ୟ (ଏପିଏମ୍), ସୁଶାନ୍ତ ମହାପାତ୍ର (ଟିଭି ରୋଗ ବିଶେଷଜ୍ଞ) ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଅଂଶଗ୍ରହଣ କରିଥିବା ସମସ୍ତ କାର୍ଯ୍ୟ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ବୋଲି ଅଧିକାରୀ ଡା. ମାଝୀ ସୂଚନା ଦେଇଛନ୍ତି।



## ଏଫ୍‌ଏକ୍ୟୁ ମାନ ନୁହେଁ କହି ଧାନ ଫେରାଇଦେଲେ

ଅସୁରାଳି,୧୭।୧(ସମିସ): ଧାମନଗର ବ୍ଲକ୍‌ରେ ଧାନ ମଣ୍ଡିକୁ ନେଇ ଅନିଶ୍ଚିତତା ମଧ୍ୟରେ ଚାଷୀ। ଜାନୁଆରୀ ୫ରୁ କଣ୍ଟା ପୂଜା କରି ନିରବରେ ବସିଛି ଯୋଗାଣ ବିଭାଗ। ଚାଷୀଟିଏ ଧାନ ଅମଳ କରି ଏକ ମାସ ହେଲା ମଣ୍ଡିରେ ଧାନ ଦେବ ବୋଲି ଅନେଇ ବସିଛି। ଶନିବାର ଧାନ କିଣିବା ପାଇଁ ୪ ଜଣ ଚାଷୀଙ୍କୁ ସମ୍ପାଦକ ଯୋଗାଯୋଗ କରିଥିଲେ। ଚାଷୀମାନେ ମଧ୍ୟ ଧାନ ନେଇ ପହଞ୍ଚିଥିଲେ। ଚାଷୀ ରାମ ଜନାର୍ଦ୍ଦନ ଦାସ, ବିଷ୍ଣୁମୋହନ ବେହୁରିଆ, ମନୋଜ ସାହୁ ଓ ଚକ୍ରଧର ମୈକାପ ଧାନ ନେଇ ଆସିଥିଲେ। ଉପସ୍ଥିତ ସରକାରୀ କର୍ମଚାରୀ ତଥା ତହସିଲ୍‌ଦାର ସାଇ ଲୋକନାଥ ସେଠୀ, ବିଡିଓ ବନ ବିହାରୀ ଧିନ୍ଦା, ଯୋଗାଣ ଅଧିକାରୀ ରସାନନ୍ଦ ବେହେରା, ମଣ୍ଡି ନୋଡାଲ ଅଫିସର ରାଜୀବ ଲୋଚନ ସେଠୀ, ନୋଡାଲ ଅଫିସର ରାକେଶ ସେନାପତି, ଏରିଆ ଅଫିସର ସୁବ୍ରତ ତ୍ରିପାଠୀ ଓ ମିଲର ପ୍ରମୁଖ ଉପସ୍ଥିତ ରହି ଧାନର ମାନକୁ ଅନୁଧ୍ୟାନ କରିଥିଲେ। ମାତ୍ର କୌଣସି ଚାଷୀଙ୍କର ଧାନର ମାନ ଏଫ୍‌ଏକ୍ୟୁ ସହିତ ସମାନ ନ ହେବାରୁ ଧାନକୁ ଫେରାଇଦେବା ପାଇଁ ଅଧିକାରୀମାନେ କହିଥିଲେ। ଏଣୁ ଏହାକୁ ବିରୋଧ କରି ଚାଷୀମାନେ ହୋ-ହଲ୍ଲା କରିଥିଲେ।



ବରଗଡ଼ ସମବାୟ ସମିତିରେ ୪୨୦ ଚାଷୀ ପଞ୍ଜିକୃତ ହୋଇଛନ୍ତି। ୧୫ ହଜାର କ୍ୱିଣ୍ଟାଲ ଧାନ କିଣିବାର ଟାର୍ଗେଟ ମଧ୍ୟ ଦିଆଯାଇଛି। ମାତ୍ର ଏହି ଧାନ ଫେରାଇବା ଘଟଣାକୁ ଦେଖି ଲାଗୁଛି କିପରି ଦିଆଯାଇଥିବା ଟାର୍ଗେଟ ପୂରଣ କରାଯିବ। ଚାଷୀଟିଏ ବର୍ଷଯାକର ଝାଳବୁହା ପରିଶ୍ରମ କରି ଏଇ ଧାନ ପଛରେ ଲଗେଇ ଦେଉଛି। ମାତ୍ର ସରକାରଙ୍କ ପ୍ରଦତ୍ତ ଏଫ୍‌ଏକ୍ୟୁ ମାନ ସହ ଅସମାନ ହେବାରୁ ଧାନକୁ ଫେରାଇ ଦିଆଯାଉଛି। ଯାହା ଚାଷୀଙ୍କ ଦାନାକୁ ପ୍ରଭାବିତ କରୁଛି। ଏହି ଘଟଣାରେ ଚାଷୀଗଣ ସେଠାରେ ଧାନ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଚରା ଚାଷୀ କଥା କିଏ ବୁଝିବ? ସରକାର ନା ମଣ୍ଡି ଅଧିକାରୀ? ୧୦ ମାସର ପରିଶ୍ରମ କ'ଣ ପାଣିରେ ପଡ଼ିଯିବ? ଏହି ପ୍ରଶ୍ନର ଉତ୍ତର ଖୋଜି ବୁଲୁଛି ଚାଷୀକୂଳ। ଏହି ସମସ୍ୟାର ସମାଧାନ ନ ହେଲେ ଚାଷୀକୂଳ ଜିଲ୍ଲାପାଳ ଅଫିସ ଘେରଉ କରିବେ ବୋଲି ଚେତାବନୀ ଦେଇଛି।

## ବାରାପୁର ମକର ମହୋତ୍ସବ ଉଦ୍‌ଯାପିତ

ବାସୁଦେବପୁର,୧୭।୧(ସମିସ): ଉଦ୍‌ଯାପିତ ହେଲା ୩ ଦିନ ଧରି ଚାଲିଥିବା ମକର ମହୋତ୍ସବ। ଶୀତୁଆ ସନ୍ଧ୍ୟାରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ। ବାସୁଦେବପୁର ବ୍ଲକ୍‌ର ଆର୍ଡୁଂ ପଞ୍ଚାୟତର ମହାବୀର କ୍ଲବ୍ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ବାରାପୁର ମକର ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବୀର କ୍ଲବ୍‌ର ସଭାପତି ବିଦ୍ୟୁଭୂଷଣ କର ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁଖ୍ୟବକ୍ତା ଭାବେ ସିମୁଳିଆ ଅଞ୍ଚଳର ବିଜେଡି ନେତା ଶଶୀକୁମାର ସାହୁ, ବରେଣ୍ୟ ଅତିଥି ଅଜିତ୍ ନାୟକ, ମନ୍ମଥ ସାହୁ, ଗୌତମ ସେଠୀ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ଜିଲ୍ଲା ପରିଷଦ ସଭ୍ୟ ଯଦୁନାଥ ନାୟକ ଯୋଗଦେଇ କହିଥିଲେ ବାରାପୁର ମକର ମହୋତ୍ସବ ସମସ୍ତଙ୍କୁ ଏକତା ଡୋରିରେ ବାନ୍ଧି ଭାଇ ଚାରା ସୃଷ୍ଟି କରେ। ବାରାପୁର ଅଞ୍ଚଳର କୁନିକୁନି ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ବାରାପୁର ମହୋତ୍ସବ ଏକ ସୁଯୋଗ ସୃଷ୍ଟି କରିଛି। ସମାଜର ସଫଳ ବ୍ୟକ୍ତି ଭାବେ ବିଜ୍ଞାନ ଶିକ୍ଷକ ବିଜୟ ବେହେରା, ସନାତନ ପାଢ଼ୀ ଓ ସଫଳ ଚାଷୀ ଅନୀଲ ପଣ୍ଡାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ନୃତ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦର୍ଶକ ଶୀତୁଆ ସନ୍ଧ୍ୟାକୁ ଖାତିର୍ ନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଜା ଉଠାଇଥିଲେ। ବିଶେଷ କରି ପୂର୍ବତନ ବିଧାୟକ ଶ୍ରୀ ରାଉତରାୟଙ୍କ ସଙ୍ଗୀତ ପରିବେଷଣକୁ ଦର୍ଶକ ଉପଭୋଗ କରିଥିଲେ। ସିନେ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକ ମନରେ ଉଷ୍ମତା ଭରି ଦେଇଥିଲା।




## ମା' ରଟନ୍ତୀ କାଳୀ ପୂଜା ଆରମ୍ଭ

**ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି ଅପେରା, ମୀନାବଜାର**

ଅସୁରାଳି,୧୭।୧(ସମିସ): ଅସୁରାଳି ଗାଁରେ ପ୍ରାୟ ୭୭ ବର୍ଷ ଧରି ମା' ରଟନ୍ତୀ କାଳୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଆସୁଛି। ୧୯୪୮ରେ ସ୍ୱର୍ଗତ ବଳରାମ ନାୟକ, ବାବାଜୀ ନାୟକ, ପଞ୍ଚାନନ ଦାସ, ଗୌରାଙ୍ଗ ଦାସ, ବ୍ରଜକିଶୋର ସାହୁ, ବୈରାଗୀ ନାୟକ, ବାଞ୍ଛାନିଧି ସାହୁ, ଶଙ୍କର୍ଷଣ ଦାସ ଓ ଅନ୍ୟାନ୍ୟ ସମାଜସେବୀଙ୍କ ନେତୃତ୍ୱରେ, ସନ୍ଥ ସଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଛୋଟ କୁଟୀରରେ ଆରମ୍ଭ ହୋଇଥିବା ଏହି ପୂଜା କ୍ରମେ ଜିଲ୍ଲାର ଅନ୍ୟତମ ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହୋତ୍ସବରେ ପରିଣତ ହୋଇଛି। କେବଳ ପୂଜା ନୁହେଁ ଏହା ସହିତ ଯାତ୍ରା, ସିନେମା, ସର୍କସ, ମିନାବଜାର, ପାଲା, ଭଜନ, ଧର୍ମସଭା ଓ ଆଧ୍ୟାତ୍ମିକ ଆଲୋଚନା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଏହା ଛଡ଼ା ଆଞ୍ଚଳିକ କଳାକାରଙ୍କ ଦ୍ୱାରା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷର ତିଥି ଅନୁଯାୟୀ, ମାଘ ମାସ କୃଷ୍ଣ ପକ୍ଷର ୪ ଦିନଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତଥା ଇଂରାଜୀ ମାସ ଅନୁଯାୟୀ, ଜାନୁଆରୀ ୧୭ରୁ ୨୬ ପର୍ଯ୍ୟନ୍ତ ନିୟମିତ ପୂଜା, ଆରତି, ପ୍ରବଚନ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଓଡ଼ିଶୀ, ସମ୍ବଲପୁରୀ, ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯିବ। ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ "ଯାତ୍ରା ଓଁକାର' ଦ୍ୱାରା ଫ୍ରି ଅପେରା ଶୋ' (୧୮ରୁ ୨୬ ତାରିଖ) ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା କମିଟି ସଭାପତି ଡ. ସଦାନନ୍ଦ ଦାସ, ସମ୍ପାଦକ ଅଜୟ ସ୍ୱାଇଁ, ସହସମ୍ପାଦକ ଅମୂଲ୍ୟ ବେହେରା, ଉପଦେଷ୍ଟା ଅଙ୍କୁର କବି, କୋଷାଧ୍ୟକ୍ଷ ପ୍ରତାପ ସ୍ୱାଇଁ ଓ ଅନ୍ୟାନ୍ୟ ସଦସ୍ୟ ଏହି ବର୍ଷର ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାସରତ ଅଛନ୍ତି। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନର ସହଯୋଗ ମଧ୍ୟ ନିଆଯାଇଛି। ଅସୁରାଳି ସାର୍ବଜନୀନ ମା' ରଟନ୍ତୀ କାଳୀ ପୂଜା କମିଟି ଓ ବଣିକ ସଂଘ ପକ୍ଷରୁ ସମସ୍ତ ଭକ୍ତଜନ, ଗ୍ରାମବାସୀ ଓ ଅତିଥିମାନଙ୍କୁ ଏହି ମହାସମାରୋହରେ ଯୋଗଦେଇ ମା'ଙ୍କ କୃପାଲାଭ କରିବା ସହିତ ଉତ୍ସବକୁ ସଫଳ କରିବାକୁ ସବିନୟ ଅନୁରୋଧ କରାଯାଇଛି। ଏହି ପୂଜା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ଏହା ଅସୁରାଳିର ସାମୁଦାୟିକ ସଂହତି, ସାଂସ୍କୃତିକ ଉନ୍ନତି ଓ ଲୋକପ୍ରିୟତାର ଜୀବନ୍ତ ଉଦାହରଣ।




## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,୧୭।୧(ସମିସ): ସାଧାରଣତନ୍ତ୍ର ଦିବସ-୨୦୨୬ ଉପଲକ୍ଷେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ କନିଷ୍ଠ ଓ ବରିଷ୍ଠ ବର୍ଗ ପାଇଁ ବକ୍ତୃତା ପ୍ରତିଯୋଗିତା ଗତ ୧୬ତାରିଖ ତାରିଖରୁ ଆରମ୍ଭ ହୋଇଯାଇଛି। ଭଦ୍ରକ ଜିଲ୍ଲା ପ୍ରଶାସନ ଓ ରୋଟାରୀ କ୍ଲବ୍ ଅନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭଦ୍ରକ ପୌର ପରିଷଦ ଓ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତା ପାଇଁ ଡ. ରାଧାରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର ଓ ଡ. ପ୍ରଫୁଲ୍ଲ କୁମାର ସାହୁ ବିଚାରକ ଭାବେ ଯୋଗଦେଇଥିବା ବେଳେ ଇଂରାଜୀ ବକ୍ତୃତା ପାଇଁ ଡ. ଗୋଲକ ବିହାରୀ ସାହୁ, ଡ. ସମୀର ହୁଇ ଓ ହରମୋହନ କୁଅଁର ବିଚାରକ ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ରୋଟାରୀ କ୍ଲବ୍ ପକ୍ଷରୁ ପ୍ରଦତ୍ତ ପୁରସ୍କାର ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାର ସମାପନ ଅବସରରେ ରୋଟାରୀ କ୍ଲବ୍‌ର ସନ୍ତୋଷ ନାୟକ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଭାସ୍କର ଚନ୍ଦ୍ର ପାଢ଼ୀଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



## ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ନାୟକଙ୍କ ଶ୍ରାଦ୍ଧ ଦିବସ



ଅସୁରାଳି,୧୭।୧(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ତଥା ଜନନେତା ସ୍ୱର୍ଗତ ଯୁଧିଷ୍ଠିର ନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ ଧୂଷୁରୀଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମୃତି ସଂସଦ ତରଫରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧୂଷୁରୀ ଆଇଆଇସି ଅଜୟ ସୁଦର୍ଶନ ବାଗେ, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଅଧ୍ୟାପକ ଶ୍ରୀଧର ସାହୁ, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ନିରୋଦ ବେହେରା, ଧୂଷୁରୀ ଥାନା ଏଏସ୍‌ଆଇ ଅଶିଷ ଦେଓ, ବରିଷ୍ଠ ନେତା ପ୍ରଦୀପ ମାଝୀ, ଯୁବନେତା ଦେବାନନ୍ଦ ହୋତା, ସମାଜସେବୀ ଦେବେନ୍ଦ୍ର ପଣ୍ଡା, ସାମ୍ବାଦିକ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି କମିଟିର ସମ୍ପାଦକ ନିଶିକାନ୍ତ ନାୟକ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଉପସଭାପତି ପ୍ରଶାନ୍ତ ନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ସଭାପତି ରତିକାନ୍ତ ନାୟକ।

**ଧାମନଗର ଏନ୍‌ଏସି ସମ୍ପ୍ରସାରଣରେ ରୋକ୍**

## ମୁସ୍ତାଫାପୁର ଓ ଦଳାଙ୍ଗରେ ବିରୋଧର ସ୍ୱର ଶାଣିତ

ଦୋବଲ,୧୭।୧(ସମିସ): ଧାମନଗର ଏନ୍‌ଏସିକୁ ପୌର ପରିଷଦରେ ପରିଣତ କରିବା ପାଇଁ ପ୍ରଶାସନ ପକ୍ଷରୁ ଚାଲିଥିବା କସରତ ଏବେ ଜନଅସନ୍ତୋଷର ପରିଧି ଭିତରକୁ ଠେଲି ହୋଇଯାଇଛି। ସରକାରୀ ନିୟମ ଅନୁଯାୟୀ, ଜନସଂଖ୍ୟା ବୃଦ୍ଧି କରି ମାନ୍ୟତା ହାସଲ ପାଇଁ ୧୮ଟି ନୂଆ ରାଜସ୍ୱ ମୌଜାକୁ ମିଶାଇବାକୁ ଯୋଜନା ହୋଇଥିବାବେଳେ ଦଳାଙ୍ଗ ଓ ମୁସ୍ତଫାପୁର ଭଳି ଅଞ୍ଚଳରେ ବିରୋଧର ସ୍ୱର ଶାଣିତ ହେବାରେ ଲାଗିଛି।

ଓଡ଼ିଶା ପୌର ପରିଷଦ ଆଇନ୍-୧୯୫୦ ଅନୁଯାୟୀ, କୌଣସି ଅଞ୍ଚଳକୁ ପୌର ପରିଷଦ ବା ମ୍ୟୁନିସିପାଲିଟିର ମାନ୍ୟତା ମିଳିବା ପାଇଁ ସେଠାକାର ସର୍ବନିମ୍ନ ଜନସଂଖ୍ୟା ୨୫ହଜାରରୁ ଅଧିକ ହେବା ଆବଶ୍ୟକ। ବର୍ତ୍ତମାନ ଧାମନଗର ଏନ୍‌ଏସିର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୨୨ ହଜାର ୯୨୦ ରହିଛି। ଯଦି ପ୍ରସ୍ତାବିତ ୧୮ଟି ନୂଆ ମୌଜା ଏଥିରେ ସାମିଲ୍ ହୁଅନ୍ତି, ତେବେ ଏହି ସଂଖ୍ୟା ୩୫ ହଜାର ୭୬୦ରେ ପହଞ୍ଚିବ। ଯାହା ପୌର ପରିଷଦ ଗଠନ ପାଇଁ ପଥ ପରିଷ୍କାର କରିବ। ଏହି କଳେବର ବୃଦ୍ଧି ପାଇଁ ୨୦୨୩ ଜାନୁଆରୀ ମାସରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। 'ଆରବୀ ଆସୋସିଏଟ୍‌ସ' ପକ୍ଷରୁ ଜିଆଇଏସ୍/ଜିଆର୍‌ଏସ୍ ସର୍ଭେ କରାଯିବା ପରେ ନିକଟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସାଂସଦ ଓ ମନ୍ତ୍ରୀଙ୍କ ପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଜନଶୁଣାଣି ସମୟରେ ଦଳାଙ୍ଗ ପଞ୍ଚାୟତର ବାସିନ୍ଦାମାନେ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ପଞ୍ଚାୟତ ଶାସନରେ ହିଁ ଖୁସି ଅଛନ୍ତି। ସେମାନଙ୍କର ପ୍ରମୁଖ ଯୁକ୍ତିଗୁଡ଼ିକ ହେଲା, ଗ୍ରାମଗୁଡ଼ିକ ଏନ୍‌ଏସି ମୁଖ୍ୟାଳୟଠାରୁ ୪ରୁ ୫ କିଲୋମିଟର ଦୂର, ଯାହା ପ୍ରଶାସନିକ ସୁବିଧା ପାଇବାରେ ବାଧା ସୃଷ୍ଟି କରିବ। ସେହିପରି ପୌରସଂସ୍ଥାରେ ସାମିଲ୍ ହେଲେ ହୋଲ୍ଡିଂ ଟ୍ୟାକ୍ସ ଏବଂ ୱାଟର ଟ୍ୟାକ୍ସ ଭଳି ନୂଆ ନୂଆ କର ଦେବାକୁ ପଡ଼ିବ। ସହରୀକରଣ ଦ୍ୱାରା ସେମାନଙ୍କ ଚାଷ ଜମି ନଷ୍ଟ ହେବା ସହ ପାରମ୍ପରିକ ଜୀବନଶୈଳୀ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଲୋକେ କହିଛନ୍ତି। ଖାଲି ଦଳାଙ୍ଗ ନୁହେଁ, ମୁସ୍ତଫାପୁର ପଞ୍ଚାୟତରେ ମଧ୍ୟ ବିରୋଧର ନିଆଁ ଜଳିବାକୁ ଆରମ୍ଭ କଲାଣି। ସୂଚନା ଅନୁସାରେ, ସେଠାକାର ବିରୋଧୀ ଦଳର କର୍ମୀ ଓ ଜନପ୍ରତିନିଧିମାନେ ମଧ୍ୟ ଏହି ମିଶ୍ରଣ ପ୍ରସ୍ତାବକୁ ଖାରଜ କରିବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଯଦି ଗୋଟିଏ ପରେ ଗୋଟିଏ ଗାଁ ଏହିଭଳି ବିରୋଧ କରନ୍ତି, ତେବେ ଧାମନଗରକୁ ପୌର ପରିଷଦ ମାନ୍ୟତା ଦେବା ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ।



# ସ୍ୱର୍ଗଦ୍ୱାର




ସୁଶୀଳ କୁମାର ପାଣିଗ୍ରାହୀ

ଫେରିଲା ପରେ
ସ୍ୱର୍ଗଦ୍ୱାର ଆଡ଼କୁ ମୁହଁ କରି
କହିଲି : ଦିନେ ଆସିବି
ଏଇଠୁ ଏକାକୀ ବାହାରି ପଡ଼ିବି
ଅନନ୍ତ ଯାତ୍ରାରେ

ଅନୁଭବ କଲି
କିଛି ଛାଡ଼ି ଆସିଛି ଭିତରେ
ଜଳୁଥିବା ଚିତାଗ୍ନିରେ
ଅହଂ ମୋର ଜଳିଯାଇଛି ବୋଧେ

ସାମ୍ନାରେ ସମୁଦ୍ରର
ଗଭୀରତା
ପାଖରେ ନଭଶ୍ଚୁମ୍ବୀ ଅଟ୍ଟାଳିକାର
ଉଚ୍ଚତା
ପାଦତଳେ ବାଲିକଣିକା ପରି
ମୁହୂର୍ତ୍ତ
ମୁଠାରେ ଧରି
ପଶି ପାରିବିନି
ଖାଲି ହାତରେ ଆସିବାକୁ
ପଡ଼ିବ ମୋତେ




ଚିତାଜୁଇର ଆଲୁଅ
ହଟାଇ ଦେଇଛି ମୋ ଆଖିର ଅନ୍ଧାର
ଜଳୁଥିବା କାଠ
ଉପାଡ଼ି ଦେଇଛି
ମୋହମାଟିରେ ପୋତିକରି ରଖିଥିବା
ମୋର ଦୁଇ ପାଦ
ଧୂଆଁ ଭିତରେ
ଦିଶୁଛି କେବଳ ନିଆଁର ତେଜ
ଏହା ସତ୍ୟ
ଏହା ହିଁ ସତ୍ୟ

ସ୍ୱର୍ଗଦ୍ୱାରରୁ ବାହାରିଲା ପରେ
ଲାଗୁଛି ମୋ ଭିତରେ
ଅଛି ଖାଲି ଗୋଟିଏ ମଣିଷ ।

କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ-୨୦୩
ଜଲାନ ଗଳି, ସମ୍ବଲପୁର-୨
ମୋ:୮୧୪୪୨୨୮୨୦୨

# ପବନ ବହୁଛି ଯେମିତି





ତ୍ରିନାଥ ସିଂହ

ପବନ ବହୁଛି ଯେମିତି
କିଏ ଜାଣେ କେତେବେଳେ କୋଉକଥା !

ଅଗଣାରେ ଶୁଖୁଛି ଯୋଉ ଜାମାପଟା
କୁଲାରେ ବଡ଼ି ଓ ବାଉଁଶ କରଡ଼ି
କାନ୍ଥିନୀରେ ଆଚାର-ବୋତଲ, ଆମ୍ବୁଲ-ପାଛିଆ...
ସବୁ ଘିନିଆସ ।

ବାରଣ୍ଡାରେ
ସାନପୁଅର ସାଇକଲ୍ ଓ ଚିତ୍ରାଙ୍କନ ଖାତା...
ଖାତାରେ ଆଙ୍କିଛି ସିଏ ନିରୀହ ସ୍ୱପ୍ନଙ୍କୁ ସଜେଇ
ଯୋଉ ସୁନ୍ଦର ଛବିଳ ଘରର ନକ୍ସା
ପାହାଡ଼ତଳ ନଈରେ ଗୀତ ଗାଇଗାଇ
ନାଆ ମେଲିଦେଇଛି ଯୋଉ ନାଉରିଆ...
ସବୁ ଘିନିଆସ ।

ସରକାର ବାହାଦୂର କେତେକଥା କହୁଛନ୍ତି
ପ୍ରଜାକୁଳଙ୍କର ସ୍ୱାର୍ଥରକ୍ଷାକୁ ନେଇ-
ଖାଦ୍ୟଠାରୁ ଶିକ୍ଷା ଯାଏଁ
ଆର୍ଥିକ ସୁରକ୍ଷାଠାରୁ ସାମାଜିକ ନିରାପତ୍ତା ଯାଏଁ ...
ହେଲେ ଏତେବଡ଼ ପଡ଼ିଆରେ
ଚାକୁଣ୍ଡାଗଛଟିଏ ବି ନାହିଁ କୋଉଠି
ଖରା ଟିକେ ବଢ଼ିଗଲେ ଠିଆହେଇ ପଡ଼ିବାକୁ !

ସେଇ ଯୋଉ ଗଛ ଦେଖୁଛ, ଗହଳିଆ...ଘଞ୍ଚ...
ସେଠି ଠିଆ ହୁଅନାହିଁ
କେତେବେଳେ ବି ଚଡ଼ଚଡ଼ି ମାରି ଦେଇପାରେ
ଗଛକୁ

ସେଇ ଯୋଉ ରାସ୍ତା ଦେଖୁଛ, ମଚମଚ୍ କଳା...
ସେ ରାସ୍ତାରେ ଯାଅନାହିଁ
କେତେବେଳେ ବି ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ
ଧ୍ୱସ୍ତ ହେଇ ଯାଇପାରେ ପାଦତଳର ମାଟି

ଏଇ ନୀଳ-ନିର୍ଭୟ ଆକାଶ ତଳେ ବି
ତୋଳନାହିଁ ଘର
କେତେବେଳେ ବି ଭୁଶୁଡ଼ି ଯାଇପାରେ
ଏତେ ବଡ଼ ଆକାଶ
ମୁଣ୍ଡ ଗୁଞ୍ଜିଥିବା ଘର ଉପରେ ତୁମର...!!

କଡ଼ା ଇସ୍ତ୍ରୀ ମାରି
ଧଳା ସୁତୁରା ଯୋଉ ଜାମାଯୋଡ଼ ପିନ୍ଧି ବାହାରିଛ ଘରୁ
ଫେରିବାବେଳକୁ ହୁଏତ ସେ ସବୁ
ରକ୍ତରଞ୍ଜିତ ଦିଶୁଥିବ ତୁମ ରକ୍ତରେ
ହୁଏତ ରକ୍ତ ସାଲୁବାଲୁ ହେଇଯାଇଥିବ ତୁମର ଆଖି
ପ୍ରିୟ ପରିଜନଙ୍କର ବୀଭତ୍ସ ମୃତଦେହ ଦେଖି...


କିଏ ଜାଣେ, କେତେବେଳେ କୋଉକଥା !

ଯାଅ, ଘିନିଆସ
କାନ୍ଥିନୀରୁ ଆଚାର-ବୋତଲ, ଆମ୍ବୁଲ-ପାଛିଆ
ପୁଅର ଚିତ୍ରାଙ୍କନ ଖାତାରୁ
ସେ ଆଙ୍କିଥିବା ସ୍ୱପ୍ନ-ଛବିଳ-ଘର
ପାହାଡ଼ତଳ ନଈରେ ନୌକା ବାହୁଥିବା ନାଉରିଆର
ଭାବ-ବିହ୍ୱଳ-ଗୀତ...
ସବୁ ଘିନିଆସ ।

ପବନ ବହୁଛି ଯେମିତି...
କିଏ ଜାଣେ, କେତେବେଳେ କୋଉକଥା !!

ଭବିଷ୍ୟନିଧି କାର୍ଯ୍ୟାଳୟ, ପାନପୋଷ ମାର୍ଗ,
ରାଉରକେଲା - ୭୬୯୦୧୨
ମୋ: ୮୮୯୫୦୯୯୪୬୪

# ବାପା ଓ ବରଗଛ



ଅଞ୍ଜନ ଚାନ୍ଦ

ଗାଁ ମୁଣ୍ଡରେ ଆମର ଗୋଟେ ଭଲ ଘର ଥିଲା । ଉଚ୍ଚ ପିଣ୍ଡା । ସୁନ୍ଦର କାଠ କବାଟ । ଗଳି ରାସ୍ତା ଦୁଇ ପଟେ ମାଟିଛାତ ପଡ଼ିଥିବା ଦୁଇଟି ଶୀତଳ କୋଠରି । ପଛ ପାଖରେ ଲମ୍ବା ଚାଳିଆ ତଳେ ଚୁଲି ଓ ରୋଷେଇ ସଜ । କାଠ, କୁଟା, ଅନାବନା ଜିନିଷ ରହିବା ପରେ ଯେତିକି ଜାଗା ବଳି ପଡ଼େ ସେଠାରେ ଖାଇବା କାମଟି ବି ହୁଏ ।

ସେ ଘରଟି ଥିଲା ଗାଁର ଶେଷ ଘର । ତା'ପରେ ଉତ୍ତର ଗଡ଼ିଆ । ଆମ ବଂଶ ଆଠ ଘରର ଇଜିମାଲି । ସେ ଗଡ଼ିଆର ବନ୍ଧକୁ ଲାଗି ଖଣ୍ଡେ ଜଳାଭୂଇଁ । ସେଇଠୁ ଭୁଆ ବିଲ ଲମ୍ବିଥାଏ କାହିଁ ଯେ କେତେ ଦୂର । ସଞ୍ଜ ଆଗରୁ ଯେତେବେଳେ ଦନ୍ତୁରିତ କୃଷ୍ଣ ପାଚେରୀ ସେପଟେ ସୂର୍ଯ୍ୟ ଲୁଚିଯାଏ ମନେ ହୁଏ, ଯେମିତି ଆଉ କେଉଁ ଗୋଟେ ନୂଆ ଦେଶ ସେଠାରେ ପସରା ମେଲିଛି ।

ଆମ ପରି ଛୋଟ ପିଲାଙ୍କ ପାଇଁ ସେଇ ଉତ୍ତର ଗଡ଼ିଆ, ତା' ବନ୍ଧରେ ଥିବା ଗଛବୃଛ ଅନେକ ରହସ୍ୟ ଲୁଚାଇ ରଖିଥାଏ । ଗଡ଼ିଆ ଓ ଜଳାଭୂଇଁକୁ ଯେଉଁ ନାଳଟି ଲାଗିଥାଏ ତା'ର ପାଣି ଖୁବ୍ ସଫା ଏବଂ ଦଳେ କୁନି ମାଛ ସେଠାରେ ଅନବରତ ଲୁଚକାଳି ଖେଳରେ ମାତିଥା'ନ୍ତି । ଗଡ଼ିଆ ଆଡ଼ିରେ ମିଠା ଜାମୁକୋଳି ଗଛରେ ପଲେ ମାଙ୍କଡ଼ । ତାଳ ଗଛ ଅଗରେ ଝୁଲୁଥାଏ ବାଇଚଢ଼େଇ ବସା । କ'ଣ ଗୋଟେ ଅପୂର୍ବ ଚିଜକୁ ଦୁଇ ହାତରେ ଧରି ଖାଉଥାଏ ଗୁଣ୍ଡୁଚିମୂଷା । ଜଳ ଭିତରକୁ ଝାମ୍ପ ମାରି ମାଛ ଧରୁଥାଏ ମାଛରଙ୍କା । ଜଳାଭୂଇଁରେ କେତୋଟି ବଗ ଧ୍ୟାନରେ ବସିଥାନ୍ତି । ସେମାନଙ୍କ ସହିତ ଆମର ନିତିଦିନିଆ ସମ୍ପର୍କ । ସେ ସମ୍ପର୍କରେ ମିତ୍ରତା ନଥିଲେ ବି ଆନ୍ତରିକତା ରହିଥାଏ । ଆମ ଦରିଦ୍ର ଶୈଶବକୁ ସେମାନେ ହିଁ ଆନନ୍ଦମୟ କରି ରଖିଥା'ନ୍ତି । ଦିନଗୁଡ଼ିକ ଖୁସିରେ ବିତିଯାଉଥାଏ । ଅଥଚ କ'ଣ ହେଲା କେଜାଣି ଦିନେ ସେଇ ସୁନ୍ଦର ଘର ଓ ଚମତ୍କାର ଜାଗାକୁ ଛାଡ଼ି ବାପା ଚାଲିଆସିଲେ ବରଜ ବାଡ଼ିକୁ ।

ଗାଁର ଦକ୍ଷିଣକୁ ବିରାଟ ମଶାଣି ପଦା । ବାଲି ରାସ୍ତାଟିଏ ହାଟ ପଦାକୁ ପଡ଼ିଛି । ସେଇ ରାସ୍ତା ଆର ପଟେ ଗୋଟେ ବୁଦୁବୁଦୁକିଆ ଅପନ୍ତରା ଜାଗାର ନାଁ ବରଜବାଡ଼ି । କେଜାଣି କେବେ ସେଠାରେ ପାନବରଜ ଥିଲା । ଏବେ କେବଳ ବଡ଼ ବଡ଼ ବାଲିକୁଦ । କଳା ପାଣିର ଗୋଟେ ଟୁଆଗଡ଼ିଆ । ଗଡ଼ିଆ କୂଳରେ ଖଣ୍ଡେ ଜାଗା ସଫା ହୋଇ ଛିଟା କାନ୍ଥ ଓ ନଡ଼ା ଛପର ଘରଟିଏ । ଚାଳ ଏତେ ତଳକୁ ନଇଁ ପଡ଼ିଛି ଯେ, ମୋ ପରି ଛୋଟ ପିଲାଙ୍କୁ ଛାଡ଼ି ବଡ଼ମାନଙ୍କୁ ଭିତରକୁ ପଶିବାକୁ ହେଲେ ଝୁଙ୍କି ପଡ଼ି ସଲାମ କରିବାକୁ ହୁଏ ।

ସେଦିନ ମନେ ହୋଇଥିଲା ବାପାଙ୍କ ପରି ଶତ୍ରୁ ବୋଧହୁଏ ସଂସାରରେ ନାହିଁ । ଗାଁ ଭିତରେ ନିଜ ଲୋକଙ୍କଠାରୁ ଦୂରକୁ ଆଣି ମଶାଣି ପଦାର ଭୂତମାନଙ୍କ ପାଖରେ ଆମକୁ ରଖିଲେ । ସେ ବି ନିଜେ କେଉଁ ଭଲରେ ଥିଲେ । ବିରସ ମୁହଁଟିକୁ କାନ୍ଧ ଉପରେ ଥୋଇ ନିରବରେ ବସି ରହୁଥିଲେ । ତାପରେ ଦୀର୍ଘଶ୍ୱାସ ଛାଡ଼ି ଉଠି ଯାଉଥିଲେ କାମକୁ । ବାଡ଼ି ସଫା କରୁଥିଲେ । ବିଲରୁ ମାଟି ଆଣି ଖଳା ତିଆରି କଲେ । ଚାରିପଟେ ବାଡ଼ ସଜାଡ଼ି ଫୁଲ ଓ ଫଳଗଛ ଲଗାଇଲେ । ଏସବୁ କାମ ଭିତରେ ଦିନେ ଦେଖିଲି କେଉଁଠୁ ବରଗଛଟିଏ ଆଣି ସେ ରାସ୍ତା ପାଖରେ ଲଗାଇଲେ ।

-"ଏତେ ବଡ଼ ଗଛ କ'ଣ ଲାଗିବ?" - ରାସ୍ତାରେ ଯିଏ ଯାଉଥିଲେ କହୁଥିଲେ । ବାପା ତାଙ୍କର ନଶୁଣି କାମରେ ଲାଗିଥା'ନ୍ତି । ସେ ସବୁଦିନ ସେମିତି । ମନକୁ ଯାହା ଆସିବ କାହା କଥା ଶୁଣିବେ ନାହିଁ । କାହାକୁ କିଛି କହିବେ ନାହିଁ । ନିଜ କାମ ଭିତରେ ଏମିତି ମଜି ଯାଇଥିବେ ଯେମିତି ବାହାର ଦୁନିଆ ସହିତ ତାଙ୍କର କିଛି ସମ୍ପର୍କ ନାହିଁ ।



ବାପାଙ୍କ ଅନବରତ ଯତ୍ନରେ ବରଗଛଟି ସେଇ ନୂଆ ଜାଗାରେ ନିଜକୁ ଚଳେଇ ନେଲା । କିଛିଦିନ ଉଦାସ ରହି ସେ ପୁଣି ଥରେ ଚେଇଁଲା । ନୂଆ ଶାଖା ପ୍ରଶାଖା ଆନନ୍ଦରେ ଆକାଶକୁ ମେଲାଇ ଦେଲା । ସେଦିନ ଖୁବ୍ ବିରଳ ଚେନାଏ ହସ ବାପାଙ୍କ ମୁହଁରେ ଦେଖିଲି । ଗଛ ଚାରିପଟେ ମାଟିର ପିଣ୍ଡି ତିଆରି କରି ସେ ସୌଧଟିଏ ଗଢ଼ିବା ପରି ଆନନ୍ଦରେ ବିଭୋର ଦିଶିଲେ ।

ବାପାଙ୍କର ପାଖ ଦୃଷ୍ଟି ଭଲ ନଥିଲା । ଜହ୍ନମାମୁ କି ରହସ୍ୟ ଗପ ବହି ଖଣ୍ଡେ ପଢ଼ିବା ବେଳକୁ ଗୋଟେ ପୁରୁଣା ଚଷମାକୁ ପୋଛିପାଛି ଆଖିରେ ଦେଉଥିଲେ । କିନ୍ତୁ ସେ ଯେ ଆଗକୁ ଲମ୍ବିଥିବା ସମୟର ବହୁ ଦୂରକୁ ଦେଖି ପାରୁଥିଲେ ଏହା ଅନେକ ଦିନ ପରେ ବୁଝିଲି ।

ହାଟ ପଦାକୁ ପଡ଼ିଥିବା ବାଲି ରାସ୍ତାରେ ମାଟି ପଡ଼ିଲା । କେଉଁ ପାହାଡ଼ ଦେହରୁ ପଥର ଆଣି ବିଛାଇ ଦିଆଗଲା । ତା' ଉପରେ ଘର୍ଘର୍ ହୋଇ ଚାଲିଲା ହଜାର ମହଣି । ଶେଷରେ ନାଲି ଗୋଡ଼ି ବିଛାଇ ତିଆରି ହେଲା ସୁନ୍ଦର ରାସ୍ତା । ଗାଡ଼ି ମୋଟର ସହିତ ଅନ୍ନପୂର୍ଣ୍ଣା ଓ ମହାଲକ୍ଷ୍ମୀ ଦୁଇ ଖଣ୍ଡ ବସ୍ ଗାଁରୁ ସହରକୁ ଯିବା ଆସିବା କଲା ।

ବରଗଛ ମୂଳର ମାଟିପିଣ୍ଡିକୁ ବାପା ପକ୍କା କରିଦେଲେ । ଦଇନ କକା ଗୁମୁଟି ପକାଇ ସେଠାରେ ହରେକମାଲ ଦୋକାନ ଖୋଲିଲେ । ଗଛ ଉପରେ କେତେ ଚଢ଼େଇ, ତଳେ ମଣିଷ, ଗୋରୁ ଗାଈ । ପାଖ ଗାଁର ପିଲାମାନେ ସେଠାକୁ ଖେଳିବାକୁ ଆସିଲେ । ଆମ କୈଶୋର ସେଇ ବରଗଛ ତଳେ ପୁଣି ଚଳଚଞ୍ଚଳ ହେଲା । ଚାରିପଟେ ଥିବା ଗାଁର ଲୋକ, ବାଟ ଚଲା ବାଟୋଇ, ସମସ୍ତଙ୍କ ସହିତ ଗଛଟିର ସମ୍ପର୍କ ଦିନକୁ ଦିନ ନିବିଡ଼ ହୋଇ ଉଠିଲା ।

ସମୟ ଯେବେ ପଛକୁ ଯାଏ ତା' ଗତିର ପ୍ରଖରତା ଅନୁଭବ କରିହୁଏ । ବୁଝିହୁଏ ସେଇ ବିଗତ ସମୟ ସହିତ ଆମେ କେତେ ସବୁ ଦୁର୍ଲଭ ଚିଜ ହରାଇ ବସିଛୁ । ଆହା, କୁଆଡ଼େ ଗଲା ସେ ସୁନ୍ଦର ପିଲାଦିନ । ବାପାଙ୍କ ଶାସନର ଆବରଣ ତଳେ ଛପି ରହିଥିବା ସ୍ନେହ, ଗାଳି ଭିତରେ ଲୁଚିଥିବା ଆଶିଷ, ସେତେବେଳେ କିଛି ତ ବୁଝି ହେଉନଥାଏ । ଯେବେ ସବୁ କଥା ବୁଝି ହୁଏ ସେବେ ବୋଧେ ବାପା ଆଉ ନଥାନ୍ତି ସଂସାରରେ । ଜୀବନ ଯାକ କେତେ ସଂଘର୍ଷ କରି ତଥାପି ଦର୍ପରେ ଚାଲୁଥିବା ଲୋକଟି ଦିନେ ଏଇ ମାତ୍ର ଖଟରୁ ତଳକୁ ଖସି ପଡ଼ି ମରଣ ପାଖରେ ହାରିଯାଏ । ମଶାଣି ପଦାରେ ତାଙ୍କର ସେଇ ପ୍ରିୟ ବରଗଛଠାରୁ କିଛି ଦୂରରେ ଧୂଆଁ ହୋଇ ଉଡ଼ିଯାଏ କେଉଁ ଅଜଣା ଦେଶକୁ ।

ଏଇ ନିକଟରେ ମୁଁ ପରିବାର ସହିତ ଗାଁକୁ ଯାଇଥିଲି । ସେଦିନର ବାଲିବନ୍ତ ମଫସଲ ଏବେ ଅନେକ ବଦଳିଛି । ନାଲି ଗୋଡ଼ି ରାସ୍ତା ହୋଇଛି ପ୍ରଶସ୍ତ ପିଚୁ ସଡ଼କ । କେତେ ଗାଡ଼ି ମୋଟର ଅନବରତ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଧାଉଁଛି । ଛକ ଛକରେ ଦୋକାନ ବଜାର । ଲୋକମାନେ ଗାଁ ଭିତରୁ ଉଠି ଆସି ରାସ୍ତା ପାଖରେ ପକ୍କା ଘର କରୁଛନ୍ତି । ବରଗଛଟି ଏବେ ବିପୁଳ କଳେବରରେ ମାଟି ତଳକୁ ଓହଳ ଲମ୍ବାଇଛି । ତଳେ ଥିବା ପକ୍କା ପିଣ୍ଡି ତଥାପି ଭଲ ଅଛି । ସେଇ ପିଣ୍ଡି ଉପରେ ବସି ବାପାଙ୍କ କଥା ଭାବୁ ଭାବୁ କେତେବେଳେ ମୋ ଆଖିକୁ ଛାଇନିଦ ମାଡ଼ି ଆସିଛି ।


ହଠାତ୍ ଦଲକାଏ ଶୀତଳ ପବନରେ ନିଦ ଭାଙ୍ଗିଗଲା । ମୁଁ ଚମକି ଉଠି ପଡ଼ିଲି । ମନେହେଲା କିଏ ଯେମିତି ଅତି ଧୀରେ ମୋ ମୁଣ୍ଡକୁ ଆଉଁସି ଦେଇ ପୁଣି କୁଆଡ଼େ ଅଦୃଶ୍ୟ ହୋଇଗଲେ ।

ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

## ପୁସ୍ତକ ପରିଚୟ

### ଆରବ୍ଧ ପ୍ରାରବ୍ଧ

ମହେନ୍ଦ୍ର ତ୍ରିପାଠୀ




ଅନସୂୟା ପବ୍ଲିକେଶନ୍ସ
ତ୍ରିଲୋଚନପୁର, ଡେଲାଙ୍ଗ
ପୁରୀ-୭୫୨୦୧୫
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ ୧୭୦ ଟଙ୍କା

ସାହିତ୍ୟିକ ମହେନ୍ଦ୍ର ତ୍ରିପାଠୀଙ୍କ ରଚିତ 'ଆରବ୍ଧ ପ୍ରାରବ୍ଧ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ତେତିଶିଟି ପ୍ରବନ୍ଧ ସଂକଳିତ ହୋଇଛି । ଆମ ସମୟର ସାମାଜିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଜୀବନବୋଧକୁ ନେଇ ଏହି ପୁସ୍ତକର ଅନେକ ପ୍ରବନ୍ଧ ରଚିତ । 'ଜୀବନ', 'ଆଧ୍ୟାତ୍ମିକ ଭାରତ ନିର୍ମାଣରେ ଦେଶଭକ୍ତି', 'ତ୍ୟାଗରେ ଭଗବତ୍ ପ୍ରାପ୍ତି', 'ସାହିତ୍ୟିକ ମୂଲ୍ୟବୋଧ', 'ପ୍ରସଙ୍ଗ: ଦୁଃଖ ଓ ସୁଖ', 'ମମତ୍ୱ', 'କଳା ଓ ବିଶ୍ୱକଳାକାର', 'ରେବତୀରୁ ରୁବିରାୟ', 'ଉତ୍କଳମଣିଙ୍କ କାରାକବିତାରେ ଶିବରାତ୍ରିର ମହନୀୟତା', 'ସତ୍ୟବାଦୀ ପଞ୍ଚସଖା: ଅନନ୍ୟ ଆଧ୍ୟାତ୍ମିକ ଆନ୍ଦୋଳନର ଅଗ୍ରସୈନ୍ୟ', 'ଆମ ଭାଷା ସାହିତ୍ୟର ଶବ ଶୋଭାଯାତ୍ରା', 'ପୁରସ୍କାର ପାଇଁ ସାହିତ୍ୟ', 'ସାହିତ୍ୟ ପାଇଁ ପୁରସ୍କାର', 'ଜନଗଣନା: ଆମର କିଛି ନାହିଁ', 'ଶିକ୍ଷକ ଆନ୍ଦୋଳନର କଳାତ୍ମକ ଦିଗ', ଆଦି ପ୍ରବନ୍ଧଗୁଡ଼ିକ ଜୀବନ, ସାହିତ୍ୟ, ଆଧ୍ୟାତ୍ମିକତା, ସାଂପ୍ରତିକ ସାମାଜିକ ସମସ୍ୟା ଉପରେ ଆଲୋଚନା କରାଯାଇଛି । ମଣିଷ ଜୀବନ ଓ ସମାଜକୁ ଗଭୀର ଭାବେ ଅନୁଧ୍ୟାନ କରି ପ୍ରାବନ୍ଧିକ କେତେକ ନିଷ୍ଠୁର ବାସ୍ତବ ଉଦାହରଣ ଦେଇଛନ୍ତି । 'ଆରବ୍ଧ ପ୍ରାରବ୍ଧ' ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

### ଔର୍ କୌଆ ଉଡ଼ା ନହିଁ

ସୁଧାକର ପଣ୍ଡା




ବୋଧରସ ପ୍ରକାଶନ
ଲକ୍ଷ୍ନୌ
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୬୫ ଟଙ୍କା

ପ୍ରଫେସର ସୁଧାକର ପଣ୍ଡାଙ୍କ ହିନ୍ଦୀ ଭାଷାରେ ରଚିତ 'ଔର୍ କୌଆ ଉଡ଼ା ନହିଁ' ପୁସ୍ତକରେ ୧୨ଟି ମନଛୁଆଁ ଗପ ସଂକଳିତ ହୋଇଛି । ଏହି ପୁସ୍ତକର 'ଔର୍ କୌଆ ଉଡ଼ା ନହିଁ', 'କୁଲୁ ଔର୍ ଗୁଲୁ', 'ପିକୁଲା ଔର୍ ଛୋଟା ମାଲିକ', 'ତୋତେ ଔର୍ ବରଗଦ କା ପେଡ୍' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ବିଲେଇ, କୁକୁର, ପକ୍ଷୀ, ମାଛ ସମେତ ଅନ୍ୟାନ୍ୟ ଗୃହପାଳିତ ପଶୁପକ୍ଷୀଙ୍କ ଜୀବନକୁ କେନ୍ଦ୍ର କରି ଏହି ପୁସ୍ତକର କାହାଣୀଗୁଡ଼ିକ ଗତିଶୀଳ ହୋଇଛି । ଆମ ଦୈନନ୍ଦିନ ଜୀବନରେ ମାନବେତର ଜୀବଜନ୍ତୁଙ୍କ ଗଭୀର ସଂପର୍କ ରହିଛି । ସେମାନଙ୍କ ଭିତରେ ଥିବା ପ୍ରେମ, ଭାବନାକୁ ଗାଳ୍ପିକ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ସେହିପରି ଗୃହପାଳିତ ପଶୁପକ୍ଷୀ ଓ ମଣିଷ ଭିତରେ ଥିବା ଅନାବିଳ ସଂପର୍କ ଅତି ମାର୍ମିକ ଭାବେ ଅନେକ ଗପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ପ୍ରତ୍ୟେକ ଗପରେ କିଛି ନା କିଛି ଶିକ୍ଷଣୀୟ ସାମାଜିକ ବାର୍ତ୍ତା ରହିଛି । ସରଳ ଓ ବୋଧଗମ୍ୟ ଭାଷାରେ ରଚିତ ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

# 'ବିଦଗ୍ଧ ଚିନ୍ତାମଣି'ରେ ରସ ରମ୍ୟତା



ଡକ୍ଟର ଅଭିମନ୍ୟୁ ବରାଳ

ରୀତି ଯୁଗୀୟ ଓଡ଼ିଆ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କ ପୁଞ୍ଜର ଅଭ୍ୟୁଦୟ ଘଟିଥିଲା, ସେହି ଜ୍ୟୋତିଷ୍କମାନଙ୍କ ମଧ୍ୟରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ଅନ୍ୟତମ । ତତ୍ ପ୍ରଣୀତ କାବ୍ୟ କବିତା ରାଜି ଉତ୍କଳ ସାହିତ୍ୟ ନନ୍ଦନକାନନରେ ଏକ ମନୋରମ ପାରିଜାତ ପୁଷ୍ପ । ସେହି ଦେବପୁଷ୍ପର ଅପୂର୍ବ ତଥା ପବିତ୍ର ସୌରଭରେ ଉତ୍କଳ ସାହିତ୍ୟ ବାଣୀଭଣ୍ଡାର ଅତ୍ୟନ୍ତ ସୁରଭିତ ଏବଂ ସମୃଦ୍ଧ । ସେହି ପ୍ରଥିତଯଶା କବି ଅଭିମନ୍ୟୁ ସାମନ୍ତ ସିଂହାର 'ବିଦଗ୍ଧ ଚିନ୍ତାମଣି', 'ବାଘଗୀତ', 'ଗୋବରା ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ', 'ପ୍ରେମ କଳା', 'ରସବତୀ', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଭଳି ଅନେକ କାବ୍ୟ ରଚନା କରିଥିଲେ । ସେଥିମଧ୍ୟରୁ ତାଙ୍କର ଅନବଦ୍ୟ ସୃଷ୍ଟି ହେଉଛି 'ବିଦଗ୍ଧ ଚିନ୍ତାମଣି' । ଏହି କାବ୍ୟରେ 'ଅଳଙ୍କାର ଶାସ୍ତ୍ର' ବର୍ଣ୍ଣିତ ସମସ୍ତ ରସ ପରିପୂର୍ଣ୍ଣ ହୋଇ ରହିଛି ।

ବିଦଗ୍ଧ କବି ଅଭିମନ୍ୟୁ ୧୭୬୦ ଖ୍ରୀ.ଅ.ରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଆଗ୍ରାମରେ ପ୍ରସିଦ୍ଧ ଜମିଦାର ଇନ୍ଦ୍ରଜିତ ସାମନ୍ତ ସିଂହାର ଓ ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ମାତା ତୁଳସୀ ଦେବୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା,ଭକ୍ତିମତି ଏବଂ ପତିବ୍ରତା ନାରୀ । କବିଙ୍କ ସୁଯୋଗ୍ୟ ପିତା ଇନ୍ଦ୍ରଜିତ ସାମନ୍ତ ସିଂହାର ଥିଲେ ଏକାଧାରାରେ ଅସୀମ ପରାକ୍ରମଶାଳୀ ଯୋଦ୍ଧା, ରସିକ, ବିବେକୀ ଆଉ ଧାର୍ମିକ । ଏକଥା ଅଭିମନ୍ୟୁ ସ୍ୱୀୟ 'ବାଘଗୀତ'ରେ ଉଲ୍ଲେଖ କରି କହିଛନ୍ତି – "ବାଲିଆ ବୋଲି ଯେ ଏକ ନଗର । ତହିଁ ନୃପତି ସାମନ୍ତ ସିଂହାର । ରସିକ ବିବେକୀ ବଡ଼ ଧାର୍ମିକ । ପ୍ରଶଂସା କରନ୍ତି ବହୁତ ଲୋକ ।" ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ କବି ଅଭିମନ୍ୟୁ ବାଣୀ ଆରାଧନା ତଥା ସାରସ୍ୱତ ସାଧନାରୁ ବିରତ ହୋଇ ନ ଥିଲେ । 'ବିଦଗ୍ଧ ଚିନ୍ତାମଣି' ମହାକାବ୍ୟ ତାଙ୍କର ଶ୍ରେଷ୍ଠ କୃତି । ଉକ୍ତକାବ୍ୟରେ ରସ ଚର୍ଯ୍ୟାର ସମ୍ୟକ ଆଲୋଚନା କରିବା ।

ଅଳଙ୍କାର ଶାସ୍ତ୍ରରେ କୁହାଯାଇଛି, 'ରସ କାବ୍ୟର ଆତ୍ମା ଆଳଙ୍କାରିକ' । ବିଶ୍ୱନାଥଙ୍କ ମତରେ "ବାକ୍ୟ ରସାତ୍ମକ କାବ୍ୟମ୍" । ରସମୟ ବାକ୍ୟ ହିଁ କାବ୍ୟ । "ଶୁଷ୍କ କାଷ୍ଠ ପତ୍ୟନ୍ତ ଗ୍ରେ" - କବିତା ହେଲା ନାହିଁ । କିନ୍ତୁ ରସମୟ ବାକ୍ୟ- "ନିରସ ତରୁବର ପୂରୋତ ଭାତି"- କବିତା ହେଲା । ରସ ଅଲୌକିକ । 'ବ୍ରହ୍ମାନନ୍ଦ ସହୋଦର' । ପ୍ରାଚୀନ 'ଅଳଙ୍କାର ଶାସ୍ତ୍ର'ରେ ଭରତ ମୁନି ପ୍ରଣୀତ ଆଠଟି ରସ ଉପରେ ଆଲୋଚନା କରାଯାଇଛି । ଯଥା- "ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକାଃ, ବୀଭତ୍ସ, ଅଦ୍ଭୁତ ସଂଜ୍ଞୌ ଚେତ୍ୟଷ୍ଟୌ ନାଟ୍ୟ ରସାସ୍ମୃତାଃ । ଅର୍ଥାତ୍ – ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍ଭୁତ । ଭରତ ମୁନି ସ୍ୱୀକୃତ ଆଠଟି ରସ ସହିତ 'ଲୋଚନ ଟୀକା'ର ଆଉ ଗୋଟିଏ ରସକୁ ଗ୍ରହଣ କଲେ । ଏହା ହିଁ 'ଶାନ୍ତ ରସ' । ପ୍ରଥମ ଆଠଟି ରସ ଧର୍ମାର୍ଥ କାମମୂଳକ ଏବଂ ଶେଷଟି ମୋକ୍ଷମୂଳକ । ଏହା ପରେ ଆସେ ଭକ୍ତିରସ କଥା । ଏହା କେବଳ ଭାବ ନୁହେଁ, ରସ ମଧ୍ୟ ।

'ବିଦଗ୍ଧ ଚିନ୍ତାମଣି' ଏକ ଭକ୍ତି ରସାତ୍ମକ କାବ୍ୟ ହେଲେ ହେଁ, ଏଥିରେ କୃଷ୍ଣ ରତିକୁ ମୁଖ୍ୟ ଭାବରେ ଗ୍ରହଣ କରାଯାଇଛି । ନାୟକ ଲଳିତ ମାଧବ ଶ୍ରୀକୃଷ୍ଣ, ନାୟିକା ମହାଭାବମୟୀ ହ୍ଲାଦିନୀ ଶକ୍ତିମୟୀ ଶ୍ରୀରାଧା । କାବ୍ୟର ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ରାବଳୀ ଓ ଶ୍ରୀକୃଷ୍ଣଙ୍କର ଶୃଙ୍ଗାର ଲୀଳା କଥା ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ସଖା ଓ ସଖୀମାନେ ପରିପୋଷକ ହୋଇଅଛନ୍ତି । ଶ୍ରୀକୃଷ୍ଣ-ଚନ୍ଦ୍ରାବଳୀ ଓ ଶ୍ରୀରାଧାଙ୍କର ସମ୍ଭୋଗ- ବିପ୍ରଲମ୍ଭ ଶୃଙ୍ଗାର ମଧ୍ୟ ଦେଇ ମୋକ୍ଷ ଶୃଙ୍ଗାର ପ୍ରାଧାନ୍ୟ ଲାଭ କରିଅଛି । ଭୋଜରାଜ ଶୃଙ୍ଗାରକୁ ଏକ ମାତ୍ର ରସ ଭାବରେ ଗ୍ରହଣ କରିଅଛନ୍ତି । ତାଙ୍କ ମତରେ ଶୃଙ୍ଗାର ହେଉଛି ଆତ୍ମରତିର ନାମାନ୍ତର । ଭୋଜରାଜ କହନ୍ତି "ସକଳ ରସର ମୂଳ କାରଣ ଅହଂକାର । ଅଭିମାନ ହିଁ ଅହଂକାର ।" ଭୋଜରାଜ ଏହି ଅହଂକାର ବା ଅଭିମାନକୁ ଶୃଙ୍ଗାର ନାମ ଦେଇଅଛନ୍ତି । ଏହି ଅହଂକାରର ଚରମ ପରିଣତି ଘଟେ । ସମ୍ଭୋଗ ଶୃଙ୍ଗାର ବର୍ଣ୍ଣନା କରିବାକୁ କବି କହିଛନ୍ତି:-

"ମୁକ୍ତ କରି ଚିର ହରି । ମର୍ଦ୍ଦନ ଉରଜ କରି
ମଣ୍ଡେ ବନ୍ଧ ଆରମ୍ଭିଲେ । ମନୋଜ ବଳେ ଯେ ।"
(ବିଦଗ୍ଧ ଚିନ୍ତାମଣି: ୨୧ ଛାନ୍ଦ)

ଏଠାରେ ଉତ୍କଟ ସମ୍ଭୋଗ ଶୃଙ୍ଗାର ବର୍ଣ୍ଣିତ ହୋଇଛି । ସେହିପରି ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ କବି କହିଛନ୍ତି : -

ହା ହା ବଲ୍ଲଭ କେଡ଼େ ସୁଲଭ ଦେଲ ।
ଲଭ୍ୟ ନହେଉ ସେବା ଦୁର୍ଲ୍ଲଭ ହେଲ ଯେ ।
ଚିନ୍ତାମଣି କି ପାଇଁ ଚିନ୍ତା ମଣି କି ।
ଆଜ କି ଦେଖାଇଲ ଟାଣ ଆଣିକି ହେ । ( ୩୧ ଛାନ୍ଦ)

'ବିଦଗ୍ଧ ଚିନ୍ତାମଣି' କାବ୍ୟରେ କରୁଣ ରସର ମଧ୍ୟ ବର୍ଣ୍ଣନା ରହିଛି । ସେହିପରି ଏହି କାବ୍ୟରେ ବାତ୍ସଲ୍ୟ ରସ, ହାସ୍ୟ ରସ, ଭକ୍ତି ରସ ପ୍ରାବଲ୍ୟ ମଧ୍ୟ ଦେଖିବାକୁ ମିଳିଥାଏ ।

କବିଙ୍କ ଭାଷାରେ ବାତ୍ସଲ୍ୟ ରସର ବର୍ଣ୍ଣନା ବେଶ୍ ହୃଦୟସ୍ପର୍ଶୀ ହୋଇଛି ।

ନିଧନ ସଂଖାଳି ମୋର (ରେ) ଦରିଦ୍ର ପସରା
ଅନ୍ଧ ଲଉଡ଼ି ବାବୁ (ରେ) ହୃଦ ରତ୍ନହାରା ।
ମୋ କଳାମାଣିକରେ । (୬୭ ଛାନ୍ଦ)

'ବିଦଗ୍ଧ ଚିନ୍ତାମଣି'ରେ ସର୍ବତ୍ର ଭକ୍ତିରସ ବିଦ୍ୟମାନ । ଏହି କାବ୍ୟରେ କବି ଶାନ୍ତ ରସର ବର୍ଣ୍ଣନା ବିଭିନ୍ନ ପ୍ରସଙ୍ଗରେ କରିଥିବା ଜଣାଯାଏ ।

ଯେ ଯାହା ପ୍ରୀତି ସେ ତାହା ଜୀବନ
ଉଚ୍ଚନୀଚ ଲୋଡେ ନୋହେ ବଂଚନ । ( ୯୪ ଛାନ୍ଦ)

ବୈଷ୍ଣବମାନେ ଭକ୍ତି ରସକୁ ମୁଖ୍ୟ ଭାବରେ ଗ୍ରହଣ କରି କୃଷ୍ଣାନୁଭକ୍ତିକୁ ପ୍ରାଧାନ୍ୟ ଦେଇଅଛନ୍ତି । ଏଥିରୁ ପୁଣି ଆସିଛି ବାତ୍ସଲ୍ୟ ରସ । ଏହି ପରିପ୍ରେକ୍ଷୀରେ ଅଭିମନ୍ୟୁଙ୍କର 'ବିଦଗ୍ଧ ଚିନ୍ତାମଣି' କାବ୍ୟର ରସ ରମ୍ୟତାର ବିଚାର କରାଯାଇପାରେ । ଉକ୍ତ କାବ୍ୟରେ ଅଛି ଶୃଙ୍ଗାର ରସ, ବାତ୍ସଲ୍ୟ ରସ, ଶାନ୍ତ ରସ, ଭକ୍ତି ରସ ଓ ହାସ୍ୟ ରସ । ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ, ରୌଦ୍ର ରସ ଏଥିରେ ଥିଲେ ହେଁ ଅତ୍ୟନ୍ତ କ୍ଷୀଣ ଭାବରେ ରହିଛି । କରୁଣ ରସ ବିପ୍ରଲୟ ଶୃଙ୍ଗାର ମଧ୍ୟ ଦେଇ ଫୁଟି ଉଠିଛି । ସୁତରାଂ 'ବିଦଗ୍ଧ ଚିନ୍ତାମଣି'ରେ ରସ ରମ୍ୟତା ଅତ୍ୟନ୍ତ ହୃଦୟସ୍ପର୍ଶୀ ।

ବର୍ଷଣା ବିହାର
ମନ୍ଦିରମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆମେରିକା ରାଷ୍ଟ୍ରପତି...

ଦେଇଛି । ହଜାର ହଜାର ଲୋକଙ୍କ ଜୀବନ ନେଇଛି । ଏହା ସହିତ ଦେଶକୁ ବିପୁଳ କ୍ଷତି ସହିବାକୁ ପଡ଼ିଛି । ଇରାନକୁ ଟ୍ରମ୍ପ ବଦନାମ ମଧ୍ୟ କରିଦେଇଛନ୍ତି । ଇରାନ ଉପରେ ବିଜୟ ହାସଲ କରିବା ପାଇଁ ଟ୍ରମ୍ପ ଏପରି କରିଛନ୍ତି । ସେ ଅଶାନ୍ତି ସୃଷ୍ଟିର ସୂତ୍ରଧର ଥିଲେ । ମନ୍ତବ୍ୟ ଦେଇ ହିଂସାକାରୀଙ୍କୁ ଉସକାଇ ଥିଲେ । ସାମରିକ ସହାୟତା ପ୍ରଦାନ କରାଯିବ ବୋଲି କହି ସ୍ଥିତିକୁ ଅଧିକ ଖରାପ କରିଦେଇଥିଲେ ।

ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ଖାମେନେଇ କହିଛନ୍ତି ଯେ ଆମେରିକା ଉସୁକାଇବାରୁ ଅଶାନ୍ତି ସୃଷ୍ଟି ହୋଇଛି । ଇରାନକୁ ଗିଳିଦେବା ଏହାର ଉଦ୍ଦେଶ୍ୟ ଥିଲା । ଏହି ଷଡ଼ଯନ୍ତ୍ର ଇରାନର ଅଣ୍ଟା ଭାଙ୍ଗି ଦେଇଛି । ଏବେ ଏହି ଷଡ଼ଯନ୍ତ୍ରକାରୀଙ୍କ ଅଣ୍ଟା ଭାଙ୍ଗିଦେବୁ । ଇରାନ ଯୁଦ୍ଧ ଚାହୁଁନାହିଁ, କିନ୍ତୁ ଦେଶ ବିରୋଧରେ କାମ କରୁଥିବା ଲୋକଙ୍କୁ ଛଡ଼ାଯିବ ନାହିଁ ବୋଲି ଖାମନେଇ ସ୍ପଷ୍ଟ କରିଛନ୍ତି । ବିକ୍ଷୋଭରେ ୩ ହଜାରରୁ ଅଧିକ ଜୀବନ ଯାଇଛି । ଏହା ପଛରେ ଆମେରିକା ଏବଂ ଇସ୍ରାଏଲର ହାତ ରହିଛି । ଏଥିପାଇଁ ଯିଏ ସାହାଯ୍ୟ କରିଛି ତାହାକୁ ଛାଡ଼ିବୁନି । ସେ ଇରାନର ହୁଅନ୍ତୁ ଅବା ବାହାରର ସମସ୍ତଙ୍କୁ ଉଚିତ ଦଣ୍ଡ ଦେବୁ ବୋଲି ଖାମନେଇ କହିଛନ୍ତି ।

## ବଢ଼ିବ ବିଜୁଳି...

ସେହିପରି ଓଏଚପିସି ଗତବର୍ଷ ୩୫୮ କୋଟିଟଙ୍କା ଲାଭ କରିଥିବା ବେଳେ ପୁଣି ଉତ୍ପାଦନ ମୂଲ୍ୟକୁ ୟୁନିଟ ପିଛା ୧୫ ପଇସା ବୃଦ୍ଧି ପାଇଁ ଯୁକ୍ତି ଦର୍ଶାଇଛି । ଓଏଚପିସିର ସମୁଦାୟ ଲାଭାଂଶ ୨୦୨୫ ପର୍ଯ୍ୟନ୍ତ ୨୩୨୦ କୋଟି ଟଙ୍କାରେ ପହଞ୍ଚିଛି ।

ଶେଷଥର ପାଇଁ ୨୦୨୧-୨୨ରେ ଖୁଚୁରା ବିଜୁଳି ମୂଲ୍ୟ ୟୁନିଟ ପିଛା ୩୦ ପଇସା ବୃଦ୍ଧି ପାଇଥିବା ବେଳେ ଏହାପରଠାରୁ ଲଗାତାର ୪ ବର୍ଷ ଧରି ଆଉ ବିଜୁଳି ଦର ବଢ଼ି ନ ଥିଲା । ତେବେ ଏହି ଶକ୍ତି ଉଦ୍ୟୋଗଗୁଡ଼ିକ ପୂର୍ବ ଆର୍ଥିକ ବର୍ଷରେ ଲାଭ କରିଥିଲେ ହେଁ, ଆସନ୍ତା ଆର୍ଥିକ ବର୍ଷରେ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ପାଇଁ ନିଜ ନିଜ ବାର୍ଷିକ ରାଜସ୍ୱ ଆବଶ୍ୟକତା(ଏଆରଆର)ରେ ଦାବି କରିଛନ୍ତି, ଯାହାକୁ ନେଇ ଶକ୍ତି ସମୀକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି । ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଏହାକୁ ପ୍ରବଳ ବିରୋଧ କରି ଓଇଆରସିରେ ଗତ ୧୬ ତାରିଖରେ ୧୮ଟି ସତ୍ୟପାଠ ଦାଖଲ କରିଛନ୍ତି ।

ଶ୍ରୀ ମହାପାତ୍ର ଓଡ଼ିଶା ବିଦ୍ୟୁତ୍ ସଂସ୍କାର ନିୟମ, ୧୯୯୫କୁ ଦର୍ଶାଇ କହିଛନ୍ତି ଯେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମେ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟ ଆରମ୍ଭ କରି ଉପଭୋକ୍ତାମାନଙ୍କୁ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ମାନର ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଥିଲା । କିନ୍ତୁ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟକ୍ଷମ ଥିବା ସରକାରୀ ଉଦ୍ୟୋଗଗୁଡିକ ଉକ୍ତ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ପାସୋରି ଯାଇ ଲାଭଖୋର ମନୋବୃତ୍ତିରେ ପରିଚାଳିତ ହୋଇ ଉପଭୋକ୍ତାମାନଙ୍କୁ ଶୋଷଣ କରି ଚାଲିଛନ୍ତି । ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ସର୍ବଭାରତୀୟ ହାରଠାରୁ ଅଧିକ ବିଦ୍ୟୁତ ବିଲ ପରିଶୋଧ କରିବା ସରକାରୀ ଉଦ୍ୟୋଗ ଗୁଡିକର ବିଫଳତାକୁ ସ୍ପଷ୍ଟ ଇଙ୍ଗିତ କରୁଛି । ଓଡ଼ିଶା ଅନ୍ୟ ରାଜ୍ୟକୁ କୋଇଲା ଯୋଗାଣ କରୁଛି । ଓଡ଼ିଶାରୁ ଆମଦାନୀ କୋଇଲାରୁ ବିଜୁଳି ଉତ୍ପାଦନ କରି ପଞ୍ଜାବ ଓ ଦିଲ୍ଲୀ ପରି ରାଜ୍ୟ ନିଜ ରାଜ୍ୟର ଲୋକଙ୍କୁ ମାଗଣା ବିଜୁଳି ପ୍ରଦାନ କରୁଥିବାବେଳେ ଓଡ଼ିଶାର ଉପଭୋକ୍ତା ଉଚ୍ଚ ବିଜୁଳି ଦର ପ୍ରଦାନ କରୁଛନ୍ତି । ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ନୋଟିସ, ସ୍ମାର୍ଟ ମିଟର ନିଷ୍ପତ୍ତିକୁ ସାଧାରଣରେ ବିରୋଧ କରାଯାଉଛି । ଏପରିସ୍ଥଳେ ଯଦି ଆସନ୍ତା ଆର୍ଠଥକ ବର୍ଷ ପାଇଁ ବିଜୁଳି ଦର ବଢ଼େ, ଏହା ଉପଭୋକ୍ତାଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେବ । ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ବାଂଲାଦେଶରେ ହିନ୍ଦୁ...

୫,୦୦୦ ଟଙ୍କାର ପେଟ୍ରୋଲ ଭରିଥିଲା । କିନ୍ତୁ ଡ୍ରାଇଭର ପଇସା ନଦେଇ ପଳାଇଯାଉଥିଲେ । ରୋକିବା ଫଳରେ ସେ ରିପନଙ୍କ ଉପରେ ଗାଡ଼ି ଚଢ଼ାଇଦେଇଥିଲା । ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ କହିଛି । ପୁଲିସ ଏହାପରେ ଗାଡ଼ି ଜବତ କରିବା ସହ ଏସ୍ୟୁଭି ଡ୍ରାଇଭର ଅବୁଲ ହାସୋମ ଓ ଡ୍ରାଇଭର କମାଲ ହୁସେନଙ୍କୁ ଗିରଫ କରିଛି । ଅବୁଲ ହାସେମ ଜଣେ ଠିକାଦାର ଓ ସେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ରାଜବାଡ଼ି ଜିଲ୍ଲାର ପୂର୍ବତନ କୋଷାଧ୍ୟକ୍ଷ ଓ ଜିଲ୍ଲା ଯୁବ ଦଳର ପୂର୍ବତନ ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ଥିଲା । ଗତ ଡିସେମ୍ବର ୧୮ ପରଠାରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ୮ ଜଣ ହିନ୍ଦୁ ଲୋକ ହତ୍ୟାର ଶିକାର ହେଲେଣି ।

## ଛତିଶଗଡ଼ ସହ ଆଲୋଚନା...

ସରକାରଙ୍କୁ ସମୟ ମଗାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

ସେହିପରି ବିଜେଡିର ବରିଷ୍ଠ ବିଧାୟକ ତଥା କମିଟି ସଦସ୍ୟ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ମହାନଦୀ ବିବାଦରେ ସରକାର ଛତିଶଗଡ଼ ସହ କ'ଣ ଆପୋସ ବୁଝାମଣା କରୁଛନ୍ତି, ତାହାକୁ ସାର୍ବଜନୀନ କରିବା ପାଇଁ ଆମେ ଦାବି କରିଥିଲୁ । ଏହା ସହ ଏକ ସର୍ବଦଳୀୟ ବୈଠକ ଡାକି ସମସ୍ତଙ୍କ ମତ ନିଆଯାଉ । ଏଥିରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହେଉ ବୋଲି ଆମର ଦାବି ରହିଥିଲା । ଏହି ଦାବିକୁ ସରକାର ଗ୍ରହଣ କରିଛନ୍ତି । ଆସନ୍ତା ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହେବ ବୋଲି ସେ କହିଛନ୍ତି ।

ଅପରପକ୍ଷେ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେବା ସହ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କମିଟି ଛତିଶଗଡ଼ ସହ ଆପୋସ ସମାଧାନ ଦିଗରେ ଆଲୋଚନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ବିବାଦରେ ଗଠିତ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସ ୧୩ ତାରିଖରେ ଶେଷ ହେଉଥିବାରୁ ଏହାର ଅବଧି ବୃଦ୍ଧି ପାଇଁ ଆବେଦନ କରାଯାଇଛି । ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ, ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଓ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଜଳିଗଲେ ୩ ଯୁବକ...

କାର୍ଯ୍ୟ ଜାରି ରଖିଛି । ସୂଚନାନୁଯାୟୀ, ବରୁଣ ଓ ବାବୁଲା ଫୁଲବାଣୀରେ ରହି ଯୁକ୍ତ ଦୁଇରେ ପାଠ ପଢୁଛନ୍ତି । ଆଜି ସନ୍ଧ୍ୟାରେ ତିନି ଜଣ ଏକ ଅଟୋରେ ଫୁଲବାଣୀରୁ ନିଜ ଗାଁ ସଦର ବ୍ଲକ ମିଣିଆକାଠିକୁ ଯାଉଥିଲେ । ଦାତପାଜୁ ନିକଟରେ ବୌଦ୍ଧ ପଟୁ ଆସୁଥିବା ଏକ କାର୍ ସହ ତାଙ୍କ ଅଟୋ ମୁହାଁମୁହିଁ ଧକ୍କା ହେବା ପରେ ଉଭୟ ଗାଡ଼ି ହୁତୁହୁତୁ ହୋଇ ଜଳିଥିଲା । ଅଟୋରେ ଥିବା ଯାତ୍ରୀମାନେ ବାହାରିବାକୁ ସମୟ ପାଇ ନଥିଲେ । ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ । ସେତେବେଳକୁ ଅଟୋରେ ବସିଥିବା ତିନି ଯାତ୍ରୀ ଜଳି ଯାଇଥିଲେ । ବରୁଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ଅନ୍ୟ ଦୁଇଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏନେଇ ତଦନ୍ତ ଚାଲିଥିବା ସଦର ପୁଲିସ କହିଛି । ସଦର ଥାନା ଆଇଆଇସି ପ୍ରଦୀପ ଜେନା ଓ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ଗୁରୁତର ଆହତ ଦ୍ୱୟଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି ।

## ରାଉରକେଲା ବିମାନ...

ଲ୍ୟାଣ୍ଡିଂ ବେଳେ ବିମାନଟି ଦୁର୍ଘଟଣା ଘଟିଥିଲା । ଏଥିରେ ବିମାନର ୨ ପାଇଲଟ ଓ ୪ ଯାତ୍ରୀ ଆହତ ହୋଇଥିଲେ ।

ଏହି ଦୁର୍ଘଟଣାରେ ପାଇଲଟ୍ କ୍ୟାପ୍ଟେନ୍ ନବୀନ ଖଡାଙ୍ଗା, କ୍ୟାପ୍ଟେନ୍ ତରୁଣ ଶ୍ରୀବାସ୍ତବ, ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ତାଙ୍କ ଭଉଣୀ ଅନିତା ସାହୁ, ସୁନୀଲ ଅଗ୍ରୱାଲ୍ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ୍ ଆହତ ହୋଇଥିଲେ । ସମସ୍ତଙ୍କୁ ରାଉରକେଲାର ଘରୋଇ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା । ତେବେ ପ୍ରଥମ ଦିନରୁ ହିଁ ଅଧିକ ଚିକିତ୍ସା ପାଇଁ ନିଜ ଖର୍ଚ୍ଚରେ ସୁନୀଲ ଅଗ୍ରୱାଲ୍ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ୍ ମୁମ୍ବାଇକୁ ଏୟାର ଲିଫ୍ଟ ହୋଇଥିଲେ । ଆହତ ସୁଶାନ୍ତ କୁମାର ବିଶ୍ୱାଳଙ୍କ ଅବସ୍ଥା ଠିକଠାକ୍ ରହିଥିବା ବେଳେ ଗତକାଲି ହଠାତ ତାଙ୍କ ଫୁସଫୁସ ସଂକ୍ରମିତ ହୋଇ ପଡିବାରୁ ସେ ଗୁରୁତର ଭାବେ ଆହତ ହୋଇପଡ଼ିଥିଲେ । ସେଥିପାଇଁ ତାଙ୍କୁ ଆଜି ଏୟାର ଆମ୍ବୁଲାନ୍ସ ଯୋଗେ ମୁମ୍ବାଇର ଲିଳାବତୀ ହସ୍ପିଟାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା । ହେଲେ ଏହା ପୂର୍ବରୁ ଆଜି ମରଣ ସହ ଲଢି ଲଢି ଶେଷରେ ସେ ହାରି ଯାଇଥିଲେ । ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଖବର ପାଇ ତାଙ୍କର ପରିବାର ବର୍ଗ ହସ୍ପିଟାଲରେ ପହଞ୍ଚିଥିବା ସୂଚନା ମିଳିଛି । ତେବେ ତାଙ୍କ ଭଉଣୀ ଅନିତା ଏବଂ ପାଇଲଟ ଦ୍ୱୟଙ୍କ ଅବସ୍ଥା ଏପର୍ଯ୍ୟନ୍ତ ଠିକ୍ ରହିଥିବା କୁହାଯାଇଛି ।

## ଦଳବିରୋଧୀ...

ବିଜେଡି ମୁଖପାତ୍ର ତଥା ଦଳର ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି, ଏହି ଦୁଇ ବିଧାୟକଙ୍କ ବିରୋଧରେ ବହୁ ଭାବିଚିନ୍ତି ଏପରି ନିଷ୍ପତ୍ତି ନିଆଯାଇଛି । ଏପରିକି ପାଟକୁରା ଓ ଚମ୍ପୁଆରୁ ତୃଣମୂଳ ସ୍ତରରୁ ମତାମତ ଆସିବା ପରେ ଦଳର ନେତାମାନଙ୍କ ସହିତ ଆଲୋଚନା କରିବା ପରେ ମାସାଧିକ କାଳ ଭଲଭାବେ ବିଚାର କରି ସଭାପତି ଏହି ନିଷ୍ପତ୍ତି ନେଇଥିବା ଡ. ମହାନ୍ତି ସୂଚନା ଦେଇଛନ୍ତି ।

ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ଡ. ମହାନ୍ତି କହିଛନ୍ତି ଯେ ବିଜୟ ମହାପାତ୍ରଙ୍କ ସହ ନିଲମ୍ବିତ ଦୁଇ ଜଣ ବିଧାୟକ ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ଥିଲେ, ଯାହା ଦଳକୁ ଦୁର୍ବଳ କରିବାକୁ ଉଦ୍ଦିଷ୍ଟ ଥିଲା । ଦଳଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି । କାହା ବାପା ହୁଏତ ବଡ଼ ନେତା ହୋଇପାରିଥାନ୍ତି । ମାତ୍ର ଦଳକୁ ଦୁର୍ବଳ କରିବାର କାହାର ଅଧିକାର ନାହିଁ । ଏହି ଦୁଇ ନେତା ଦଳକୁ ଦୁର୍ବଳ କରିବାକୁ ହୀନ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଯାଇଛନ୍ତି । ଫଳରେ ଦଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ କହିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଅରବିନ୍ଦଙ୍କୁ ନବୀନ ପଟ୍ଟନାୟକ ହିଁ ଟିକଟ ଦେଇଥିଲେ । ଦଳର କାମ ସେ ପାଟକୁରାରେ ସୂଚାରୁ ରୂପେ ତୁଲାଇବେ ବୋଲି ନବୀନ ଆଶା କରିଥିଲେ । ସମାନ ଆଶା ସନାତନ ମହାକୁଡ଼ଙ୍କଠାରୁ ନବୀନଙ୍କର ରହିଥିଲା । ମାତ୍ର ଉଭୟ ବିଧାୟକ ଗତ କିଛି ମାସ ଧରି ଦଳ ବିରୋଧରେ ଷଡ଼ଯନ୍ତ୍ର କରିଥିଲେ । ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକମାନଙ୍କୁ ସଭାପତି ନବୀନ ପଟ୍ଟନାୟକ ସଦାବେଳେ ଘୃଣା କରନ୍ତି । ଗତ ୨୪ ବର୍ଷ ମଧ୍ୟରେ ଯେଉଁମାନେ ବି ଦଳୀୟ ଅନୁଶାସନ ଭିତରେ ରହି ନାହାନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସେହିକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି କାର୍ଯ୍ୟାନୁଷ୍ଠାନକୁ ସାରା ଓଡ଼ିଶାରେ ଦଳୀୟ କର୍ମୀ ସ୍ୱାଗତ କରିଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି ।

# ଆଜିଠାରୁ ହୀରାକୁଦ ପକ୍ଷୀଗଣନା ଆରମ୍ଭ

ସମ୍ବଲପୁର, ୧୭।୧ (ସମିସ): ଆସନ୍ତାକାଲି ରବିବାର ୧୮ ତାରିଖଠାରୁ ହେବ ପରିବ୍ରାଜକ ପକ୍ଷୀଗଣନା । ଶୀତ ଋତୁରେ ଦୂର ଦେଶବିଦେଶରୁ ବିଭିନ୍ନ ପ୍ରଜାତିର ପକ୍ଷୀ ହୀରାକୁଦ ଜଳଭଣ୍ଡାର ଅଞ୍ଚଳ ବା ଆଦ୍ରଭୂମିକୁ ଚାଲି ଆସିଥାନ୍ତି । ହୀରାକୁଦକୁ ନଭେମ୍ବର ମାସ ଆରମ୍ଭରୁ ପକ୍ଷୀମାନେ ହଜାର ହଜାର କିଲୋମିଟର ଆକାଶ ପଥ ଅତିକ୍ରମ କରି ଆସିଥାନ୍ତି ଏବଂ ଶୀତ ଋତୁ ପରେ ମାର୍ଚ୍ଚ ମାସରେ ପ୍ରତ୍ୟାବର୍ତ୍ତନ କରନ୍ତି । ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ପ୍ରତିବର୍ଷ ଭଳି ଆସନ୍ତା ୧୮ ରୁ ୨୧ତାରିଖ ପର୍ଯ୍ୟନ୍ତ ପକ୍ଷୀ ଗଣନା କରାଯିବ । ପକ୍ଷୀଗଣନା ସକାଶେ ହୀରାକୁଦ ଜଳଭଣ୍ଡାର ଆଦ୍ରଭୂମି ୭୫୦ ବର୍ଗ କିଲୋମିଟରର ସମଗ୍ର ଅଞ୍ଚଳକୁ ୨୧ଟି ସେକ୍ଟରରେ ବିଭାଜିତ କରାଯାଇଛି । ଏଥିରେ ୩୭ଜଣ ବିଶେଷଜ୍ଞ ଏବଂ ୪୦ ଜଣ କ୍ଷେତ୍ର ଅଧିକାରୀ ନିୟୋଜିତ ହେବେ । ସମସ୍ତ ଗଣନାକାରୀ ୩୨ଟି ଦଳରେ ଭାଗହୋଇ ବିଭିନ୍ନ ସେକ୍ଟରରେ ପକ୍ଷୀ ଚିହ୍ନଟ ଓ ଗଣନା କରିବେ । ପକ୍ଷୀ ଗଣନା ସକାଳ ୫ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ । ପ୍ରଥମଥର ପାଇଁ ପକ୍ଷୀଗଣନାକାରୀଙ୍କ ସହିତ ଆଖପାଖ ଗ୍ରାମର ସ୍କୁଲ ଓ କଲେଜର ୧୫ ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି । ଆଜି ସମ୍ବଲପୁର ଚିଡ଼ିଆଖାନାରେ ଡିଏଫ୍‌ଓ ସୁଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପକ୍ଷୀ ଗଣନା ଓ ଚିହ୍ନଟରେ ସାମିଲ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ତଥା ଜଳଭଣ୍ଡାରର ଭୌଗୋଳିକ ସ୍ଥିତି ସମ୍ପର୍କରେ ସୂଚନା ଦିଆଯାଇଥିଲା ।

# ଡିଜେ ନେଲା ଜୀବନ

ତିଗିରିଆ,୧୭ ।୧(ସମିସ): ସରକାରଙ୍କ ପକ୍ଷରୁ ଡିଜେକୁ ନିଷିଦ୍ଧ କରାଯାଇଥିବା ବେଳେ ବ୍ୟାଣ୍ଡ ପାର୍ଟି ଏହାକୁ ଖୁଲମଖୁଲା ଉଲ୍ଲଙ୍ଘନ କରୁଛନ୍ତି । ଗତକାଲି ବିଳମ୍ବିତ ରାତିରେ ବାହାଘର ଶୋଭାଯାତ୍ରାର ଡିଜେରେ ଦିଆଯାଇଥିବା ଭାଇବ୍ରେଟର ଓ ସାଉଣ୍ଡକୁ ସହ୍ୟ କରି ନପାରି ଛାତି ଯନ୍ତ୍ରଣାରେ ଲକ୍ଷ୍ମୀଧର ଚନ୍ଦ (୪୬) ଅକାଳରେ ଟଳିପଡ଼ିଛନ୍ତି । ତିଗିରିଆ ଥାନା ନୂଆପାଟଣା ପଞ୍ଚାୟତ ଅଧିନ ସୁରେନ୍ଦ୍ରପାଟଣା ଗ୍ରାମରେ ଏହି ହୃଦୟ ବିଦାରକ ଘଟଣା ଘଟିଛି । ଡିଜେ ସାଉଣ୍ଡ ସିଷ୍ଟମକୁ ସଂପୂର୍ଣ୍ଣ ବାରଣ କରିବା ଓ ମୃତ ଯୁବକର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବି ନେଇ ଶନିବାର ମୃତ ଯୁବକଙ୍କ ଶବକୁ ରାସ୍ତାରେ ରଖି ନ୍ୟାୟ ପାଇବା ଆଶାରେ ସ୍ଥାନୀୟ ବାସିନ୍ଦା ଓ ପରିବାର ସଦସ୍ୟ ରାସ୍ତାରୋକ କରିଥିଲେ । ପୁଲିସ ପ୍ରଶାସନ, ତହସିଲଦାର ଓ ଜନ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲେ ହେଁ ସଂପୃକ୍ତ ଘଟଣାକୁ ନେଇ ନୂଆପାଟଣାରେ ଉତ୍ତେଜନା ଜାରି ରହିଛି । ଏହି ଘଟଣାର ପ୍ରତିବାଦରେ ନୂଆପାଟଣା ବଜାର ବନ୍ଦ ରହିଥିଲା । ଏହି ଘଟଣାରେ ବର ଓ ବର ପିତାଙ୍କ ନାମରେ ତିଗିରିଆ ଥାନାରେ ମାମଲା ରୁଜୁ ହୋଇଛି ।

# ଶିମିଳିପାଳରୁ ହାତୀର ଗଳିତ ଶବ ଠାବ

ବାରିପଦା,୧୭ ।୧(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ପୋଡ଼ାଡିହା ଓ ଭଞ୍ଜବସା ରେଞ୍ଜ ସୀମାବର୍ତ୍ତୀ ଅଞ୍ଚଳରୁ ଏକ ହାତୀର ଗଳିତ ମୃତଦେହକୁ ବନ ବିଭାଗ ଠାବ କରିଛି । ମୃତ ହାତୀର ସବିଶେଷ ବିବରଣୀ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜଣାପଡିନାହିଁ । ବନ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ହାତୀଟିର ଗଳିତ ମୃତଦେହକୁ ଠାବ କରି ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ । ରବିବାର ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବାକୁ ଥିବା ବେଳେ ମୃତ୍ୟୁର କାରଣ, ବୟସ, ଲିଙ୍ଗ ଜଣାପଡ଼ିନାହିଁ । ସୂଚନାଯୋଗ୍ୟ, ୨ ଦିନ ପୂର୍ବରୁ ଠାକୁରମୁଣ୍ଡା ଅଞ୍ଚଳରୁ ଏକ ୬୦ ବର୍ଷ ବୟସର ମାଈ ହାତୀ ମୃତଦେହ ଉଦ୍ଧାର ହୋଇଥିଲା । ପୁଣି ଏହି ଘଟଣା ଶିମିଳିପାଳ ହସ୍ତୀ ଅଭୟାରଣ୍ୟରରେ ହାତୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ କେହି ଅଧିକାରୀ ମୁହଁ ଖୋଲି ନାହାନ୍ତି ।


**OFFICE OF THE PRINCIPAL**
**GANDHI MAHAVIDYALAYA ROURKELA-04**

No.137/GM Date 17.01.2026

**QUOTATION CALL NOTICE**

Sealed quotations are invited from Registered Firms / Publishers / Book stores for Supply of books (both +2 & +3) amounting more than Rs. 2,00,000/- (Rupees Two lakhs) only for college library. Further, printing press are also requested to submit quotation for printing of College Magazine - 2025-26 (1500 Nos. having around 120 pages). The firms may visit the college website - **www.gmvrkl.ac.in** for the detailed specification.

**Sd/- Principal**
Gandhi Mahavidyalaya, Rourkela-04

**GOVERNMENT OF ODISHA** L-166
**DEPARTMENT OF AGRICULTURE AND FARMERS' EMPOWERMENT**
**OFFICE OF THE EXECUTIVE ENGINEER (AGRIL.), AGRIL. ENGG DIVISION, RAYAGADA**
No. 60 Date: 16/01/2026

**INVITATION FOR BIDS (IFB)**
e-procurement notice

Bid identification number / Tender call notice no - EE (A)-06 of 2025-26

The Executive Engineer (Agril.), Agril. Engg Division, Rayagada who has been authorized as the procuring officer for the projects of Agril. Engg Division, Rayagada is directed to invite percentage rate bid on behalf of the Government of Odisha for the Civil construction works (including IE and PH works) under Rayagada Division. The costs of the project are approximately **25.21 to 33.18 Lakhs** (Excluding GST & LC).

Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **https://tendersodisha.gov.in from 19.01.2026 at 11:00 hours** to 31.01.2026 at 17:30 hours.

The bid will be opened on 02.02.2026 at 11:00 AM hours and onwards in the O/o Executive Engineer, Agril. Engg Division, Rayagada. All other details regarding term and conditions, corrigendum from time to time if any, DTCN etc. can be seen and downloaded from **https://tendersodisha.gov.in.**

OIPR-
**Executive Engineer (Agril.)**
**Agril. Engg Division, Rayagada**

**OFFICE OF THE MUNICIPAL COUNCIL, TITILAGARH** C-2125
(Deptt. of Housing & Urban Development Govt. of Odisha)
At/Po- Titilagarh, Dist.- Balangir-767003, email- titilagarhmunicipality@gmail, www. Titilagarhmunicipality.in

**QUOTATION CALL NOTICE**
No.296 / dtd.16.01.2026

Sealed Quotation are invited from the reputed Company / Firms / Suppliers having GSTIN, PAN Card and other related document for supply fitting fixing of pole & LED Light with all accessories as per mentioned bellows within the jurisdiction of Titilagarh Municipality area. The last date of receipt of quotation is 31.01.2026 upto 1,00 PM and (he same will be opened on 4.00 PM on the same day. The quotation should must accompanied with Rs.6000/- (non- refundable) as paper cost in shape of MR of Titilagarh Municipality or DD in favour of Executive Officer, Titilagarh Municipality, EMD forRs.15000. in shape of Fixed deposit / KVP/ NSC in favour of the Executive Officer. Titilagh Municipality along with GST certificate, PAN card and Company price list (If any). Quotation received by the office after the scheduled date & time as mentioned above shall not be entertained. The certified company rate chart should must furnish in Quotation the Authority has reserved the right to reject any or all quotations without assigning any reason thereof.

| Sl No | Description | Unit | Minimum Requirement | Rate | Amount |
|---|---|---|---|---|---|
| 1 | Supply of 8.0 Mtr length continuously tapered, single piece, 3 mm thick Galvanized Octagonal pole. The face to face dimension is 130mm at bottom and 70mm at top dia. and size of base plate is 200x200x12 mm thick with suitable foundation bolt. | No. | 14 | | |
| 2 | Foundation for 8 mtr pole: - Construction of suitable shallow foundation with M-25 concrete for the Octagonal pole with all materisals & labours. | No. | 14 | | |
| 3 | Supply of Foundation Nut & Bolts 600mm X 20mm Suitable for 8 Mtr Octagonal Pole. | Set | 14 | | |
| 4 | Supply of 1 Meter long Double Arm GI Bracket suitable for 70mm Top Dia and 40mm for fixing of Street light with Nut & Bolts complete. | No. | 14 | | |
| 5 | Supply of 120 Watt LED Street Light Luminaire (Jaquar / Philips / Havels or its equivalent) with second optics made in pressure die cast housing and heat sink in aluminium extrusion with IP66 150Watt LED Street light fitting. | No. | 28 | | |
| 6 | Supply of 5 Meter Long GI Tubular Pole of Size (3"x2") with fabrication, welding, cutting and painting complete with base plate for supporting of pole complete suitable for fixing of Design Light | No. | 13 | | |
| 7 | Foundation for 5 mtr. pole .-Tubular with all concrete material and labour at the site as per direction of Engineer-in-charge. | No. | 13 | | |
| 8 | Supply of 40 Watt LED Ring gate post top Light (Warm White) LED post top made in cast aluminum with decorative opal polycarbonate diffuser with IP 65 Protection (Jaquar / Philips / Havels or its equivalent) | No. | 12 | | |
| 9 | Supply of 2.5 sqmm 3 core Copper flexible cable ( for Connection of Street light & Decorative light) | Mtr | 200 | | |
| 10 | Supply of 4 x 16 sqmm Aluminum Armored Cable for Underground cabling. | No. | 780 | | |
| 11 | 32/40 MM HDPE Pipe for Underground Cabling with laying charges. | Mtr | 800 | | |
| 12 | Earthling ( as per Govt. Norms) ;_coil type of coil -50 mm dimension 150 turns 2.5 m lead GI 85 WG | No. | 27 | | |
| 13 | Errection Charges for installation of 8 mtr Octagonal pole and light excluding cost of materials. | No. | 14 | | |
| 14 | Errection Charges for installation of 5 mtr Octagonal pole and light excluding cost of materials. | No. | 13 | | |
| 15 | Supply and fixing of Outdoor type 100 AMP Panel box complete. | No. | 1 | | |

The Details of items, terms and condition of the quotation will be available in the office of the undersigned during office hour on all working days w.e.f. from date of publication of this quotation and District website also.

The undersigned reserves the right to accept or reject any or all the Quotations without assigning reason thereof.

OIPR-
Executive Officer
Titilagarh Municipality

Phone No. (06854) 241159 / 232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 6223/P&S/2025-26 Date 17.01.2026

**QUOTATION CALL NOTICE**

Sealed quotations are invited from the Authorised firms / individual with supported valid GST & PAN are requested to submit their sealed quotations for supply of approximately 56 nos. of 12 V (100 AH) SMF-AMARON QUANTA Batteries through buy back system of (100 AH batteries) and 1 No. of NUMERIC 15 KVA online UPS for the Head office & Branch Bank before the undersigned on or before **Dt. 27.01.2026** by **2.00 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **UPS & Batteries** on envelop.

The tender will be opened on **Dtd. 27.01.2026** at **4.00 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members. The details are as hereunder:

| Sl. No. | Particulars | Approximate required in Nos. |
|---|---|---|
| 1. | 12 V 100 AH SMF-AMARON QUANTA Batteries | 56 |
| 2. | NUMERIC 15 KVA online UPS | 1 |

Buy back of batteries & UPS

| Sl. No. | Particulars | Approximate in Nos. |
|---|---|---|
| 1. | 100 AH Batteries | 56 |
| 2. | NUMERIC 15 KVA online UPS | 1 |

The above items should be quoted including GST, Transportation, Installation charges and supply at any branch bank of the Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
K.C.C. Bank Ltd. Jeypore

O-2068

OFFICE OF THE EXECUTIVE ENGINEER,
RWS&S DIVISION, KENDRAPARA.
At : Ichhapur, Post : Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
Bid Identification No. RWS/ 67 /2025-26
Letter No. 50 / Dated 09.01.2026

1 The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible contractors for Sinking of 200 mm dia Production well for different Rural Piped Water Supply Schemes in Kendrapara District.

| | | |
|---|---|---|
| 2 | Name of the work | : Sinking of 200 mm dia Production well through Mud Rotary Rigs for different RPWS Schemes in Kendrapara District. |
| 3 | No. of Work | : **06 Nos. ( Six) only** |
| 4 | Value of the Work | : ₹ 6.31 lakhs to ₹ 7.27 Lakhs |
| 5 | Concerned tender inviting authority | : Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : ₹ 4000/- |
| 7 | Cost of Security deposit (Online) | : ₹ 6400 to ₹ 7300/- |
| 8 | Class of Bidder | : " D" and "C" |
| 9 | Period of Completion | : 45 days |
| 10 | Availability of bid documents in the website | : **From date. 19.01.2026 at 10.00 A.M to date. 29.01.2026 till 5.30 P.M** |
| 11 | Last Date & Time of seeking tender clarification | : Up to **21.01.2026** till **5.30 P.M** |
| 12 | Date of Opening of Bid | : **30.01.2026 at 11.00 A.M onwards** |

The bidders have to participate in the tender through **ONLINE** bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeared in the above website.

OIPR-
Executive Engineer,
RWS&S Division, Kendrapara

**AFFIDAVIT**

By Virtue Of an Affidavit CF no. 86 dtd. 17.01.2026 the Executive Magistrate Nayagarh, I Bijaya Kumar Naik, S/o- Baikuntha Naik, At/Po- Patabandha, Ps- Bolagarh, Dist- Khordha, Declar That I have changed my name Bijay Naik to Bijaya Kumar Naik. Henceforth I Shall be known as **Bijaya Kumar Naik** for all purposes.

**FOR SALE**

1 Number of TRACTOR –KUBOTA MU 5502 4WD, Registration No.- OD-22-X-1568 Model- 2023, ENGINE NO – BPG1638, CHASSIS NO - KBULBBDNJPEF53228, For Details, contact – 8895995989, 9437355692, Second floor, Plot No - 353/2585, Building No- 723/1793, At-Bypass Chhaka, Above Punjab National Bank,Po- Salandi Bypass, Via- Kuansa, Bhadrak - 756100, Ph. No- 06784-250703.

**AFFIDAVIT**

By virtue of an affidavit sworn before Notary Public, Jaleswar, dated 02.01.2026, I, Rama Hansda, Vill- Padasahi, Patharpura, Po/Ps- Jaleswar, Dist.- Baleshwar-756032 declare that I have changed my minor daughter's name from Buddha Hansda to Shankari Hansda. Henceforth,she will be known as **Shankari Hansda** for all purposes.

Sd/- Rama Hansda

**AFFIDAVIT**

By virtue of an Affidavit before Notary Public, Malkangiri, I **DURPATI GULLEL,** aged about 31 Years, W/o: RAMA GULLEL, resident of village: Gullelput, Suku, Dist.: Koraput, Odisha-764021, declare by this Affidavit No.:166/2026, Dated:17/01/2026 that I have changed my name from Drapati Lokai to Durpati Gullel. Henceforth I shall be known as **Durpati Gullel** for all future purposes.

**AFFIDAVIT**

By virtue of an affidavit (CF No.38, dtd- 16.01.2026) sworn before The Executive Magistrate, Bhubaneswar, I, **Chittaranjan Prusty,** S/o- Debaraj Prusty, resident of At/Po- Kishoreprasad, Badasahi, Ps- Gania, Dist- Nayagarh, Odisha, PIN- 752085 declare that I have changed my minor daughter's name from **Ayushi Priyadashini to Ayushi Priyardarshini** in her Admission Card & School Records. Henceforth, she shall be known as **Ayushi Priyadarshini** (new name)for all purposes.

**Chittaranjan Prusty**

**AFFIDAVIT**

By virtue of an affidavit sworn before Executive Magistrate, Cuttack, dtd. 16.01.2026, I, Adeeba Kafil Khan, C/o- Dr. Kafilul Bari Khan, At- Dewan Bazar, Moti Gali, Po- Buxi Bazar, Ps.- Lalbag,Cuttack, Pin-753001, Odisha do hereby solemnly declare that I have changed my name from Adeeba Kafil to Adeeba Kafil Khan. Henceforth, I shall be known as **Adeeba Kafil Khan** for all purposes.

**AFFIDAVIT**

By virtue of an affidavit No. 350, dated : 13.01.2026 sworn before Executive Magistrate, Bhadrak, I, Suryamani Rout, S/o. Nityananda Rout, resident of At- Chinamali, PO-Kenduapada, PS-Bhadrak (R), Dist-Bhadrak, Odisha,Pin- 756112, solemnly affirm that I have changed my minor son's name from **Subhankar Rout to Subham Rout.** Henceforth he shall be known as **SUBHAM ROUT** for all future purposes.

*Suryamani Rout*

**FOR SALE**

1 Number of TRACTOR – KUBOTA MU 4501 4WD, Registration No.- OD-22-W-9831 Model- 2023, ENGINE NO - BMW2476, CHASSIS NO - KBULBADNENEA53943, For Details, contact – 8895995989, 9437355692, Second floor, Plot No- 353/2585, Building No- 723/1793, At-Bypass Chhaka, Above Punjab National Bank, Po- Salandi Bypass, Via- Kuansa, Bhadrak - 756100, PH. NO- 06784-250703.

**AFFIDAVIT**

By virtue of an affidavit (Sl No. 21, dtd- 15.01.2026) before the Notary Public, Bhubaneswar. I, **Bhabesh Maheswari,** S/o Radhakrishna Bihani, resident of At- Chachohika Bani NAC, PS- Banki, Dist- Cuttack, Odisha have changed my name from **Balkishan Bihani to Bhabesh Maheswari** for all purposes.

**AFFIDAVIT**

By virtue of an affidavit EN no. O-317/80, before the Executive Magistrate, Bhubaneswar, dtd 13.01.2026, I, Sangeeta Mohapatra, W/o- Pralaya Ranjan Baral, resident of Dimiri, Noda, Gobindpur, Dist- Cuttack do hereby declare that my correct name is Sangeeta Mohapatra. But before marriage my name was Sangita Mohapatra and after marriage my name has been changed as Sangita Baral in certain records. That Sangeeta Mohapatra, Sangita Mohapatra, and Sangita Baral all are one and the same person, i.e., myself. Henceforth, I shall be known as Sangeeta Mohapatra for all purposes.

**Sd/- Sangeeta Mohapatra**

**AFFIDAVIT**

By virtue of on affidavit sworn before Executive Magistrate, Kujang, No- 4045, dtd- 17/12/2025. I, Mrutunjay Baliarsingh, resident of At- Shiriapada, Po- Olhan, Ps- Gadisagoda, Block- Kanas, Dist- Puri, Odisha, Pin- 752019, declare that I have changed my name from **Mrutunjaya Majhi to Mrutunjay Baliarsingh.** Henceforth, I shall be known as **Mrutunjay Baliarsingh** for all purposes.

**Mrutunjay Baliarsingh**

**AFFIDAVIT**

By virtue of an affidavit (Sl No. 22, dtd- 15.01.2026) before the Notary Public, Bhubaneswar. I, **Maheshwari Sunita Bhavesh,** W/o Bhavesh Maheshwari, resident of At- Chachohika Bani NAC, PS- Banki, Dist- Cuttack, Odisha have changed my name from **Sunita Bihani to Maheshwari Sunita Bhavesh** for all purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-CCTV-PMS-KUR-535, ତା. 09.01.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର 9 PMS (ପାର୍ସଲ ମ୍ୟାନେଜମେଣ୍ଟ ସିଷ୍ଟମ) ସ୍ଥାନଗୁଡ଼ିକରେ 47 CCTV ଗୁଡ଼ିକର ଲଗ ଏବଂ ସଂସ୍ଥାପନ ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 24,43,618.33, EMD (ଟଙ୍କାରେ) : 48,900/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.01.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.02.2026 ରିଖ 1100 ଘଣ୍ଟାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର ଯୋଗୁ କରିଥିବା କିମ୍ବା ହାତରେ ଲିଖିତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଉପରେ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ବାତିଲ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁଣି ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-1021/Q/25-26

ସକାଳ THE SAKALA



# ପାନ ଚାଷ କରି ସ୍ୱାବଲମ୍ବୀ କଲ୍ୟାଣୀ ନଗରୀ

ଅସୁରାଳି, ୧୭।୧(ସମିସ)



ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣୀ ନଗରୀ ଗାଁ ଏକ ବଙ୍ଗୀୟ ପରିବାର ବହୁଳ ଗାଁ। ଏହି ଗାଁଟି ରେବ ନଦୀ କୂଳରେ ଅବସ୍ଥିତ। ଗାଁରେ ବସବାସ କରୁଥିବା ଦେଢ଼ ଶହ ପରିବାର ମଧ୍ୟରୁ ୧୪୦ ପରିବାର ବଙ୍ଗାଳି। ଏହି ଗ୍ରାମର ମୂଳ ବାସିନ୍ଦା ୪୦୦ ବର୍ଷ ପୂର୍ବରୁ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲାରୁ ଆସି ବସତି ସ୍ଥାପନ କରିଥିଲେ ଓ ପରେ ସ୍ଥାୟୀ ବାସିନ୍ଦା ହୋଇଥିଲେ। ଶାରଦୀୟ ଦୁର୍ଗାପୂଜା ପାଇଁ ଯେପରି କଲ୍ୟାଣୀ ନଗରୀ ପ୍ରସିଦ୍ଧ, ସେହିପରି ଏହି ଗ୍ରାମର ଅନ୍ୟ ଏକ ବିଶେଷତ୍ୱ ପାନ ଚାଷ। ଗାଁର ଅଧିକାଂଶ ଲୋକଙ୍କର ବୃତ୍ତି ଚାଷ। ଧାନ ଚାଷ ସହ ପାନ ଚାଷକୁ ପାର୍ଶ୍ୱ ଜୀବିକା ବା କୌଳିକ ବୃତ୍ତି ଭାବେ ଧରି ରଖିଛନ୍ତି। କୁହାଯାଏ ପାନ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସିଥିଲା। ତେଣୁ ପାନକୁ କେବଳ ମୁଖବାସ ଭାବେ ବ୍ୟବହାର କରାଯାଏ ନାହିଁ, ପ୍ରତ୍ୟେକ ଦେବ କାର୍ଯ୍ୟରେ ଏହାର ବ୍ୟବହାର ହୋଇଥାଏ। ତେଣୁ ଏହି ବୃତ୍ତିକୁ ବଙ୍ଗାଳି ପାନ ଚାଷୀମାନେ ଅତି ନିଷ୍ଠାର ସହ କରିଥା'ନ୍ତି।

ପାନ ଚାଷ ସାଧାରଣତଃ ନଦୀପଠା ଉଚ୍ଚ ସ୍ଥାନମାନଙ୍କରେ ହୋଇଥାଏ। ବାଉଁଶ, ଏଣ୍ଡୁଡ଼, ଫିରିଙ୍ଗା, ସୁଆଲ ବ୍ୟବହାର କରି ଶୀତଳ ଛାୟା ପ୍ରଦାନ ପାଇଁ ଘର ଆକୃତିର କରାଯାଏ। ତାରି ମଧ୍ୟରେ ଚାଷୀ ନୂତନ ମାଟି ପକାଇ ହୁଡ଼ା ପ୍ରସ୍ତୁତ କରି ଧାଡ଼ି ଧାଡ଼ି ପାନ ଚାରା ଲଗାଯାଇଥାଏ। ବାଉଁଶ ବତା, ଛଣ, ଏଣ୍ଡୁଡ଼, ଛଣ, ଇଟା ବ୍ୟବହାର କରି ଶିଳ୍ପୀ ଚାତୁରୀ ଶୈଳୀରେ ପାନ ବରଜ ପ୍ରସ୍ତୁତ ହୋଇଥାଏ। ବରଜ ପାଖରେ ଖାଲ ବା ଗଡ଼ିଆ କରି ସେଥିରୁ ପାଣି ଆଣି ଦେଇଥାଏ। ପାନ ଚାଷ ଏକ ବ୍ୟୟ ବହୁଳ ଚାଷ। ପାନ ବରଜ ବସାଇବାଠାରୁ ବର୍ଷ ତମାମ କାମ ଲାଗିଥାଏ। ଆଗରୁ ଜୈବିକ ପ୍ରଣାଳୀରେ ପାନ ଚାଷ ହେଉଥିଲାବେଳେ କ୍ରମେ କ୍ରମେ ବୈଜ୍ଞାନିକ ପଦ୍ଧତି ଓ ରାସାୟନିକ ପଦାର୍ଥ ଚାଷୀମାନେ ବ୍ୟବହାର କଲେଣି। ଜଣେ ଚାଷୀ ୧୦ ଡେସିମିଲ ଜମିରେ ପାନ ବରଜ ବସାଇଲେ ତାଙ୍କର ୧ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବାର୍ଷିକ ଖର୍ଚ୍ଚ ୫୦ହଜାର ଟଙ୍କା ଖର୍ଚ୍ଚ ହେଉଛି ଏବଂ ଚାଷକୁ ବଞ୍ଚାଇ ରଖିପାରିଲେ ୨୦ ବର୍ଷ ଯାଏ ବାର୍ଷିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆମଦାନୀ ହୋଇପାରିବ। ସାର, ପିଡ଼ିଆ, ବେଉଷଣ ସାଙ୍ଗକୁ ରୋଗ ପ୍ରତିଶୋଧକ ବ୍ୟବସ୍ଥା କରାଯାଇଥାଏ। ଚାଷକୁ ବଡ଼ ବିପଦ ବାତ୍ୟା। ଏଥିରେ ଚାଷୀ କ୍ଷତି ଗ୍ରସ୍ତ ହୁଏ। କେତେକ ଚାଷୀ ନିଜସ୍ୱ ଖର୍ଚ୍ଚରେ ଚାଷ କରୁଥିବାବେଳେ ଅନ୍ୟ କେତେକ ଚାଷୀ ବ୍ୟାଙ୍କରୁ କରଜ କରି ଚାଷ କରନ୍ତି। କଲ୍ୟାଣୀ ନଗରୀ ଦେଶୀ ପାନର ବେଶ୍ ଚାହିଦା ଥାଏ। ମହତା, ରାଶି, ଗୁଣ୍ଡି, ପାନ ଆଦି ପାନ ପତ୍ର ଚାଷୀମାନେ ବଜାରରେ ବିକ୍ରି କରିଥା'ନ୍ତି।

ଋତୁ ଅନୁସାରେ ପାନର ଆମଦାନୀ କମ୍ ବେଶୀ ହୋଇଥାଏ। ସେଥିପାଇଁ ପାନର ଦର ମଧ୍ୟ କମ୍ ବେଶୀ ହୋଇଥାଏ। ନିଜ ଚାଷ ପାନ ବ୍ୟତୀତ ଚାଷୀ ଓ ବ୍ୟବସାୟୀମାନେ, ବଙ୍ଗଳା, ବାଲିଆପାଳ, ଚନ୍ଦନପୁର, ସାଲେପୁର, ନିଆଳି, କୁଜଙ୍ଗ ଆଦି ସ୍ଥାନରୁ ପାନ ସଂଗ୍ରହ କରି ହାଟ ବଜାର ଓ ଗାଁ ଗହଳିରେ ବିକ୍ରି କରିଥା'ନ୍ତି। ଚାଷୀ ଓ ବେପାରୀମାନେ ଧୂଷୁରୀ, ଅସୁରାଳି, ବେତାଳିଗାଁ, ଆରଡ଼ି, ଅର୍ଣ୍ଣପାଳ, ସହିଦ ନଗର, ଗୋବିନ୍ଦପୁର ହାଟ ତଥା ବଜାରରେ ବିକ୍ରି କରିଥା'ନ୍ତି। ଛୋଟ ଛୋଟ ବେପାରୀମାନେ ଚାଷୀଙ୍କଠାରୁ ପାନ କିଣି ହାଟମାନଙ୍କରେ ବିକି ନିଜ କୁଟୁମ୍ବ ପ୍ରତି ପୋଷଣ କରିଥା'ନ୍ତି। ସରକାର ପାନ ଚାଷ ପ୍ରତି ଗୁରୁତ୍ୱ ଦେଲେ ତଥା ଏହି ଉଦ୍ୟାନ ଭିତ୍ତିକ ଚାଷକୁ ମାନ୍ୟତା ଦେଇ ଚାଷ ବିଷୟରେ ଅଧିକ ତାଲିମ ଓ ସହାୟତା ପ୍ରଦାନ କଲେ ପାନ ଚାଷୀମାନେ ଉପକୃତ ହୁଅନ୍ତେ। ସୁବିଧା ଏବଂ ସହାୟତା ନ ପାଇବାରୁ ଧୀରେ ଧୀରେ ଚାଷୀମାନେ ଏଥିରୁ ମୁହଁ ଫେରାଇବାକୁ ଆରମ୍ଭ କଲେଣି। ଚାଷୀମାନଙ୍କୁ ଆକୃଷ୍ଟ କରିବାକୁ ପ୍ରୋତ୍ସାହନ ନିହାତି ଆବଶ୍ୟକ। ଏବେ ଚାଷୀମାନଙ୍କ ମଧ୍ୟରେ ସୁରେନ୍ଦ୍ର ଦତ୍ତ, ବାବାଜୀ ପାଲ୍, କାହ୍ନୁଚରଣ ଦତ୍ତ, ସୁଦର୍ଶନ ଦାସ, ରବୀନ୍ଦ୍ର ପାଲ୍, ଭାଗିରଥି ଦତ୍ତ, ନରେଶ ଦାସ, ଅରବିନ୍ଦ ଦତ୍ତ, ବିବେକାନନ୍ଦ ଦାସ, ଦେବାନନ୍ଦ ଦାସ, କରୁଣାକର କୁଣ୍ଡୁ, ମାଧବାନନ୍ଦ ଦାସ, ବୁଦ୍ଧିରାମ ଦତ୍ତ, ବୁଦ୍ଧିରାମ ଦାସ, ବୀରେନ୍ଦ୍ର ଦତ୍ତ, ଭାଗବତ ଦତ୍ତ ପ୍ରମୁଖ ଚାଷ କରୁଥିବାବେଳେ ପାଣ୍ଡବ ଦତ୍ତ, ସୁରେନ୍ଦ୍ର ଦାସ, ଅଭିମନ୍ୟୁ ଦତ୍ତ, ପ୍ରଶାନ୍ତ ଦତ୍ତ, ବିଶ୍ୱମ୍ଭର ଦାସ, ଆର୍ତ୍ତବନ୍ଧୁ ଦତ୍ତ, ନାରାୟଣ ଦାସ, ତପନ ଦାସ, ତରଣୀସେନ ଦାସ, ସବିତା ଦାସ ପ୍ରମୁଖ ଚାଷରୁ ଓହରି ଗଲେଣି। ଚାଷୀମାନଙ୍କୁ ବିହନ, ସାର, କୃଷି ଯନ୍ତ୍ରପାତି ଓ କୃଷି ବୀମା ଆଦିର ସୁବିଧା ମିଳିଲେ କ୍ରମଶଃ ହଜିଯାଉଥିବା ଚାଷ ପୁଣି ହସି ଉଠିବ ଓ ଚାଷୀକୂଳ ଆତ୍ମନିର୍ଭରଶୀଳ ହୋଇପାରିବ।

## ଚିଙ୍ଗୁଡ଼ିଶୁଣି ମକର ମେଳା

**ବାରିକପୁର, ୧୭।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟସ୍ଥ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିଶୁଣି ମକର ମେଳା ଚଳିତ ବର୍ଷ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଛି। ଆଖପାଖ ଅଞ୍ଚଳରେ ପ୍ରତ୍ୟକ୍ଷ ଦେବୀ ଭାବେ ମା'ଙ୍କର ଅପାର ମହିମା ରହିଛି। ଗ୍ରାମବାସୀ ତଥା ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ୫ଦିନ ଧରି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେକ ଦିନ ପୀଠରେ ନୀତି ପୂଜା ଅନୁଷ୍ଠିତ ହେଉଥିବାବେଳେ ଏଥିରେ ଶହଶହ ଶ୍ରଦ୍ଧାଳୁ ଯୋଗଦେଇଥା'ନ୍ତି। ବୈଦିକ ପୂଜାର୍ଚ୍ଚନା ସହିତ ପୀଠରେ ଅପେରା ପ୍ରଦର୍ଶନ, ଭଜନ ସନ୍ଧ୍ୟା ଓ କୁନିକୁନି ତାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ଅମୂଲ୍ୟ ନାୟକଙ୍କ ତତ୍ତ୍ୱାବଧାନରେ



ଆୟୋଜିତ ବାର୍ଷିକ ଉତ୍ସବକୁ ଶ୍ରୁଶାନ୍ତ ବେହେରା, ବୈରାଗୀ ବେହେରା, ଭ୍ରମର କିଶୋର ନାୟକ, ସୁରେଶ ମାଝୀ, ଭାସ୍କର ସାମଲ, କେଶବ ନାୟକ, ପୀତବାସ ନାୟକ ପ୍ରମୁଖ ପରିଚାଳନା କରିଛନ୍ତି।

## ପୁରୁଷଣ୍ଡ ଧାନ ମଣ୍ଡି ଉଦ୍‌ଘାଟିତ



**ବନ୍ତ/ଆଗରପଡ଼ା, ୧୭।୧(ସମିସ):** ପୁରୁଷଣ୍ଡ ସେବା ସମବାୟ ସମିତିରେ ଚଳିତବର୍ଷ ପାଇଁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ରାଜେନ୍ଦ୍ର ବେଜ ମଣ୍ଡି ସମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକ ଏସ୍‌ଆର୍ ସୁବ୍ରତ ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ମିଲେଟ୍ ମିଶନ ଡିପିସି ଅନନ୍ୟା ବଳିୟାରସିଂ, ସହାୟକ ଅୟସକାନ୍ତ ମାଝୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀର କିଶୋର ନାୟକ, ଭିଏଡବ୍ଲ୍ୟୁ ଶିବପ୍ରସାଦ ମୁର୍ମୁ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଗୋପାଳକୃଷ୍ଣ ଦାଶ, ନାରାୟଣ ଦାଶ, ରବୀନ୍ଦ୍ର ସାହୁଙ୍କ ସମେତ ମିଲର, ସମିତି ସଭ୍ୟ/ସଭ୍ୟା ଓ ଚାଷୀମାନେ ଯୋଗଦେଇଥିଲେ। ଆଲୋକ ଭୂୟାଁ, ଶୁଭଲକ୍ଷ୍ମୀ ସାହୁ, ସନ୍ତୋଷ ଜେନା ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

## ଶତାୟୁ ଶିକ୍ଷୟିତ୍ରୀ ବୀଣାପାଣିଙ୍କ ପରଲୋକ

**ଦୋବଲ, ୧୭।୧(ସମିସ):** ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତର ଜଣେ ସ୍ୱନାମଧନ୍ୟ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଶତାୟୁ ମହିଳା ବୀଣାପାଣି ଦାସଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା। ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଓ ଧର୍ମପରାୟଣ ମହିଳା ଭାବେ ପରିଚିତ ବୀଣାପାଣିଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଶଯ୍ୟାଶାୟୀ ଥିଲେ। ସମ୍ପ୍ରତି ପ୍ରବଳ ଶୀତ ଯୋଗୁଁ ମକର ସଂକ୍ରାନ୍ତି ଦିନଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡ଼ିବାରେ ଲାଗିଥିଲା। ଘରେ ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର ସାହାଯ୍ୟରେ ତାଙ୍କୁ ରଖାଯାଇଥିବା ବେଳେ ଶୁକ୍ରବାର ରାତି ପ୍ରାୟ ୮ଟା ପରେ ତାଙ୍କର ଅକ୍ସିଜେନ୍ ସାନ୍ଦ୍ରତା କମିବା ସହ ଶ୍ୱାସକ୍ରିୟା ଧିମେଇ ଯାଇଥିଲା। ଶେଷରେ ରାତି ୯ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ବୋହୂ, ନାତିନାତୁଣୀ ଓ ଅଣନାତି-ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବଡ଼ପୁଅ ବିଜୟ ଦାସ ଜଣେ ଅବସରପ୍ରାପ୍ତ କର୍ମଚାରୀ ତଥା ଆନନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଟନ୍ତି। ୧୯୨୫ରେ ଆନନ୍ଦପୁରରେ ଜନ୍ମଗ୍ରହଣ କରିଥିବା ବୀଣାପାଣି ଶିକ୍ଷା ସମାପ୍ତ ପରେ



ଶିକ୍ଷୟିତ୍ରୀ ବୃତ୍ତିକୁ ଆପଣେଇ ନେଇଥିଲେ। ସେ ନିଜର ଦୀର୍ଘ କର୍ମମୟ ଜୀବନ ମଧ୍ୟରେ ଦକ୍ଷିଣ କୁରୁଆ, ମାନଲାପୁର ଓ ପାହାଡ଼ପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଛନ୍ତି। ଶେଷରେ ୧୯୯୧ରେ ସେ ଆନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଜଣେ ପୁରୁଖା ଶିକ୍ଷୟିତ୍ରୀ ଭାବେ ଅଞ୍ଚଳରେ ତାଙ୍କର ଅଗାଧ ସମ୍ମାନ ରହିଥିଲା। ତାଙ୍କ ପରଲୋକ ଖବର ପାଇବା ପରେ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ଜନସାଧାରଣ ଓ ପୁରାତନ ଛାତ୍ରଛାତ୍ରୀଙ୍କ ଭିଡ଼ ଜମିଥିଲା। ସମସ୍ତେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଶ୍ରମିକ ଓ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ

**ତିହିଡ଼ି, ୧୭।୧(ସମିସ):** ଶ୍ରମିକ ଓ କୃଷକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିହିଡ଼ି ତହସିଲ୍‌ଦାରଙ୍କ ମାଧ୍ୟମରେ ସିପିଆଇଏମ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ଶ୍ରମିକ, କୃଷକ ଓ କ୍ଷେତ ମଜଦୁରମାନେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ୪ଟି ଶ୍ରମ କୋଡ୍, ମନରେଗା ଆଇନକୁ ବାତିଲ୍ କରି ଭିବି-ଜି-ରାମ (ଜି) ଆଇନ-୨୦୨୫, ମଞ୍ଜି ବିଲ୍-୨୦୨୫, ବିଦ୍ୟୁତ୍ (ସଂଶୋଧନ) ବିଲ୍-୨୦୨୫ର ଦୃଢ଼ ବିରୋଧ କରାଯାଇଛି। କାରଣ ଏହି ଆଇନଗୁଡ଼ିକ କାର୍ଯ୍ୟକାରୀ ହେଲେ ଦେଶର କୃଷକ, ଶ୍ରମିକ ଓ ଶ୍ରମଜୀବୀ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେବା ସହ ଜନଗଣଙ୍କ ଜୀବନ ଜୀବିକା ଆହୁରି ଅଧିକ ସଂକଟଗ୍ରସ୍ତ ହେବ। ଏହି ପରିପ୍ରେକ୍ଷୀରେ ସେମାନେ ବିଭିନ୍ନ ଜରୁରୀ ଦାବିଗୁଡ଼ିକ ପୂରଣ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ୪ଟି ଶ୍ରମକୋଡ୍ ପ୍ରତ୍ୟାହାର କରିବା, ଶ୍ରମିକମାନଙ୍କ



ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା ଧାର୍ଯ୍ୟ କରିବା, ସ୍କିମ୍ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା, ସର୍ବନିମ୍ନ ମଜୁରୀ ଓ ସାମାଜିକ ସୁରକ୍ଷା ଯୋଗାଇଦେବା, ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଜୀବିକା ମିଶନ (ଗ୍ରାମୀଣ) ଆଇନ୍-୨୦୨୫ ପ୍ରତ୍ୟାହାର କରି ପୂର୍ବଭଳି ମାହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କାର୍ଯ୍ୟକାରୀ କରିବା, ଏହି ଆଇନରେ ବର୍ଷକୁ ୨୦୦ ଦିନ କାର୍ଯ୍ୟ ଏବଂ ଦୈନିକ ୭୦୦ ଟଙ୍କା ମଜୁରୀ ପ୍ରଦାନ କରିବା, ମଞ୍ଜି ବିଲ୍-୨୦୨୫ ତୁରନ୍ତ ପ୍ରତ୍ୟାହାର କରିବା, ବହୁ ଜାତୀୟ କମ୍ପାନୀକୁ ଆମ ଦେଶରେ ବିହନ ବିକ୍ରି ପାଇଁ ଅନୁମତି ଦିଆ ନ ଯିବା, ବିଦ୍ୟୁତ୍ (ସଂଶୋଧନ) ବିଲ୍-୨୦୨୫ ପ୍ରତ୍ୟାହାର କରିବା, ରାଜ୍ୟ ସରକାର ସମସ୍ତ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ପ୍ରଦାନ କରିବା, ବାଧ୍ୟତାମୂଳକ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ କରିବା ଆଦି ଦାବି କରାଯାଇଛି।

## ଆଗରପଡ଼ାରେ ସିରିଜ୍ ଚୋରି

**ବନ୍ତ/ଆଗରପଡ଼ା, ୧୭।୧(ସମିସ):** ଶୁକ୍ରବାର ରାତିରେ ଆଗରପଡ଼ାରେ ସିରିଜ୍ ଚୋରି ହୋଇଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ, ସ୍ଥାନୀୟ ବିଟିପୁର ହଜାରୀସାହିର ମନସିଜ ଗଞ୍ଜନ ସିଂହ ସନ୍ଧ୍ୟା ସମୟରେ ଘର ବାହାରେ ବାଇକ୍ ରଖି ବଜାରକୁ ଆସିଥିଲେ। ରାତି ପ୍ରାୟ ୮ଟା ବେଳେ ଘରକୁ ଯାଇ ଦେଖିଲା ବେଳକୁ ବାଇକ୍ ନାହିଁ। ସେ ଚାରିଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ ବାଇକ୍ ପାଇ ନ ଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଥାନା କେସ୍ ନଂ ୧୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଇନ୍‌ସପେକ୍ଟର ସୁଜାତା ଖମାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଆଗରପଡ଼ାରେ ୨ଟି ହୋଟେଲରୁ ୪ଟି ଗ୍ୟାସ୍ ଚୁଲା ଓ ସିଲିଣ୍ଡର ଚୋରି ହୋଇଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଥାନା କେସ୍ ନଂ ୧୯/୨୬ରେ ଅନ୍ୟ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ସାମ୍ବିଧାନିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ



**ବନ୍ତ/ଆଗରପଡ଼ା, ୧୭।୧(ସମିସ):** ବନ୍ତ ମଣ୍ଡଳ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା)ର ମଣ୍ଡଳସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଏବଂ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ସମ୍ବର୍ଦ୍ଧନା ଉତ୍ସବ ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ ଜିରିଣା ଉଚ୍ଚ ପ୍ରାଥମିକ ସ୍କୁଲରେ ପାଳିତ ହୋଇଯାଇଛି। ଜିରିଣା ଉଚ୍ଚ ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକ ଗୟାଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବନ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଡ. ସୁକିର୍ତ୍ତୀ କର ଏବଂ ମୁଖ୍ୟ ବକ୍ତା ଭାବେ ଓଲଷ୍ଟା ରାଜ୍ୟ ସଭାପତି ବିକ୍ରମ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ହରେକୃଷ୍ଣ ଆପଟ୍ଟ, ଏବିଇଓ ଭାଗୀରଥି ପାତ୍ର, ଓଲଷ୍ଟା ରାଜ୍ୟ ଉପଦେଷ୍ଟା କମଳ ବିଶ୍ୱାଳ, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ରାଜ୍ୟ ଉପସଭାପତି ଅଶୋକ ରାଉତ, ଜିଲ୍ଲା ସଭାପତି ନକୁଳ ଚରଣ ବାରିକ, ଜିଲ୍ଲା ସମ୍ପାଦକ ଉପେନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ରାଜ୍ୟ ଯୁଗ୍ମ ସମ୍ପାଦକ ରୋହିତ ଜେନା, ଓଷ୍ଟା ଜିଲ୍ଲା ସଭାପତି ଶଶୀଶେଖର କରଶର୍ମା, ଜାତୀୟ ଓ ରାଜ୍ୟ ପୁରସ୍କୃତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ଜାତୀୟ ପୁରସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ଅଜୟ ପୃଷ୍ଟି ଓ ସିଆର୍‌ସିସି ଗୌତମ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରିଟର୍ଣ୍ଣିଂ ଅଫିସର ଉପେନ୍ଦ୍ର ବିଶ୍ୱାଳଙ୍କ ଉପସ୍ଥିତିରେ ଓଲଷ୍ଟା, ବନ୍ତ ମଣ୍ଡଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ସାଗର ଚନ୍ଦ୍ର ରାଉଳ, ଉପସଭାପତି ଗୟାଧର ଦାସ, ସମ୍ପାଦକ ଜଗନ୍ନାଥ ମଲ୍ଲିକ, ଯୁଗ୍ମ ସମ୍ପାଦକ ସୃଜିତ କୃଷ୍ଣ ବେହେରା, କୋଷାଧ୍ୟକ୍ଷ ରମେଶ ତ୍ରିପାଠୀ, ସହ ସମ୍ପାଦକ ଦେବବ୍ରତ ପଣ୍ଡା, କିଶୋର ଚନ୍ଦ୍ର ଜେନା, ଶରତ ଚନ୍ଦ୍ର ପାଣିଗ୍ରାହୀ ଏବଂ ଉପଦେଷ୍ଟା ଭାବେ ଉପେନ୍ଦ୍ର ବିଶ୍ୱାଳ ଓ ପ୍ରଣୟ ସିଂ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ଅନିରୁଦ୍ଧ ଜେନା, ତାରକେଶ୍ୱର ମହାପାତ୍ର, ଉମାକାନ୍ତ ନାୟକ, ଉପେନ୍ଦ୍ର ବିଶ୍ୱାଳ, ଗଦାଧର ମହାନ୍ତି, ବିଷ୍ଣୁ ଚରଣ ମହାନ୍ତି, ହରିନାରାୟଣ ପାତ୍ର, ରଘୁନାଥ ନାୟକ, ଲାଲ୍‌ମୋହନ ପୁହାଣ, କାର୍ତ୍ତିକ ଚନ୍ଦ୍ର ସାହୁ, ବିଶ୍ୱନାଥ ସାମଲ, ଗଣେଶ ଚନ୍ଦ୍ର ସାହୁ, ନରେନ୍ଦ୍ର ବେହେରା, ପ୍ରଣୟ ସିଂ, ରାଜ କିଶୋର ସାହୁ, ବିଶ୍ୱନାଥ ସାହୁ, ବିଷ୍ଣୁମୋହନ ରାଉତ, ମଦନମୋହନ ନାୟକ, ମୁରଲିଧର ବଳ, ରମାକାନ୍ତ ମହାନ୍ତି, ଅଜୟ ସାମଲ ପ୍ରମୁଖଙ୍କୁ ଅତିଥିମାନେ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଭଦ୍ରକ ମହାବିଦ୍ୟାଳୟ +୨ ଓ +୩ ପ୍ରଥମ ବ୍ୟାଚ୍‌ର ବନ୍ଧୁ ମିଳନ

**ଭଦ୍ରକ, ୧୭।୧(ସମିସ):** ଈଶ୍ୱରଙ୍କର ସବୁଠାରୁ ଦୁର୍ଲଭ ଉପହାର ହେଉଛି ବନ୍ଧୁ। ବନ୍ଧୁ ବିନା ବଞ୍ଚିବା ଅସମ୍ଭବ। ତେଣୁ ବନ୍ଧୁମାନଙ୍କ ମଧ୍ୟରେ ନିଜ ନିଜ ପରିଚୟ ସୃଷ୍ଟି କରିବା ପାଇଁ ଭଦ୍ରକର ବାଗୁରାଇ ଡଗମୁଣ୍ଡସ୍ଥିତ ସାନ୍‌ଭି କଲ୍ୟାଣ ମଣ୍ଡପଠାରେ ଭଦ୍ରକ ମହାବିଦ୍ୟାଳୟର ଯୁକ୍ତ +୨ ଓ +୩ ପ୍ରଥମ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୬ତମ ବର୍ଷର ବନ୍ଧୁ ମିଳନ ଉତ୍ସବରେ ସଭାପତି ତପନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ସାମ୍ବାଦିକ ରବିନାରାୟଣ ଖିଲାର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଜ୍ଞାନେନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, କଂଗ୍ରେସ ନେତା ଅସିତ୍ ପଟ୍ଟନାୟକ, ରାଜ୍ୟ ସଚିବାଳୟର ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ନାୟକ, ଶ୍ରୀକାନ୍ତ ସାହୁ, ଦିଲ୍ଲୀପ ମିଶ୍ର, ଜୀବନ ରାଉତ, ପୁଲିସ ଅଫିସର ସୁବାସ ମଲ୍ଲିକ, ମିନୁ ଶର୍ମା, ଟିକୁ ମହାପାତ୍ର, ପଦ୍ମନାଭ ଜେନା, ଅନିଲ ନାୟକ, ଡ. ପ୍ରଦୀପ ରାୟ, ଅଧ୍ୟାପକ ସୂର୍ଯ୍ୟକାନ୍ତ ସାମଲ, ରାଞ୍ଚିରୁ ତୁଷାର ଦାସ, ଅଧ୍ୟାପକ ନିରଞ୍ଜନ ମଲ୍ଲିକ, ଅମୂଲ୍ୟ ପାଢ଼ୀ, ଡ. ସୁଧାଂଶୁ ଦାସ, ଅନୁପମା ନନ୍ଦ, ଅଭିରାମ ନାୟକ, ପ୍ରଦୀପ ରାୟ, ସମର ନାୟକ, ଶରତ ମିଶ୍ର, ଶିକ୍ଷକ ରତିକାନ୍ତ ବେହେରା, ଆଇନଜୀବୀ ତାହେର ମହମ୍ମଦ, ଅଭିଜିତ୍ ମହାନ୍ତି, ଶାନ୍ତନୁ ଗୁହ, ସତ୍ୟବ୍ରତ ମହାନ୍ତି, ତପନ ଦାସ, ପ୍ରଭାତ ବାରିକ, ମୁନା ପ୍ରଧାନ, ସବ୍ୟସାଚୀ ପଣ୍ଡା, ମୁକ୍ତିକାନ୍ତ ନାୟକ, ଟି. ରାଜଲକ୍ଷ୍ମୀ, ମିଟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୧୨୦ ଜଣ ବନ୍ଧୁ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବସ୍ ଡ୍ରାଇଭରଙ୍କୁ ଆକ୍ରମଣକୁ ନେଇ ଉତ୍ତେଜନା



**ଦୋଲସାହି, ୧୭।୧(ସମିସ):** ଭଦ୍ରକରୁ ପଟ୍ଟାମୁଣ୍ଡାଇ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ଦୋଲସାହି ବଜାରରେ ଯାତ୍ରୀ ଓହ୍ଲାଇବା ସହ ଯାତ୍ରୀ ଉଠାଉଥିବାବେଳେ ୨ଜଣ ଯୁବକ ଏକ ଟାୟାର ଏହି ବସ୍‌ରେ ପଠାଇବାକୁ ଡ୍ରାଇଭରଙ୍କୁ କହିଥିଲେ। ଡ୍ରାଇଭର ମନା କରିବାରୁ ଜଣେ ଯୁବକ ଏକ ଲୁହା ରଡ୍‌ରେ ତାଙ୍କ ମୁଣ୍ଡକୁ ପିଟିଦେବାରୁ ମୁଣ୍ଡ ଫାଟି ସେ ଗୁରୁତର ହୋଇପଡ଼ିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ଖବର ଲେଖା ହେବା ସୁଦ୍ଧା ଯୁବକ ଜଣକ ଥାନାରେ ଅଟକ ଥିବା ଜଣାଯାଇଛି।

## ଆପେକ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭଦ୍ରକ/ଅସୁରାଳି, ୧୭।୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀସ୍ଥିତ ଆପେକ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୯ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବାସୁଦେବ ବାରିକ, ସମ୍ମାନିତ ଅତିଥି ଭାବେ ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଗବେଷକ ଡ. ମନିନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ଗୋଲେଖ ବିହାରୀ ସାହୁ ପ୍ରମୁଖ ଯୋଗଦେଇ କୁନି କୁନି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ପଲାଇ ଓ ଶିକ୍ଷୟିତ୍ରୀ




ସୋନାଲି ମିଶ୍ର ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ୧୮୧ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ଜାହାଙ୍ଗୀର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଅନୁଭବ ବେହେରା ଏବଂ ଅପେକ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଅର୍ଚ୍ଚିତା ସାହୁଙ୍କୁ ସ୍ୱର୍ଗତ ଭକ୍ତହରି ନାୟକ ଓ ସ୍ୱର୍ଗତ ଅଜିତ୍ ରାୟଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ କୈଳାଶ ମଣ୍ଡଳ, ସୁଚରିତା ରାୟ, ଶରତ ପରିଡ଼ା, ସ୍ମୃତି ରଞ୍ଜନ ବାରିକ, ବିନୋଦ ଗୁପ୍ତା, ସ୍ମୃତିରୂପା ଭୂୟାଁ, କାଜଲ ପଣ୍ଡା, ସୌମ୍ୟା ସୁଜାତା ମିଶ୍ର, ତପସ୍ୱିନୀ ଲେଙ୍କା, ଅନିତା ମଲ୍ଲିକ, ଶର୍ମିଷ୍ଠା ମହାପାତ୍ର, ରାଜଲକ୍ଷ୍ମୀ ମହାପାତ୍ର, ସ୍ୱର୍ଣ୍ଣଲତା ତ୍ରିପାଠୀ, ତପସ୍ୱିନୀ ପତି, ରାଧାରାଣୀ ରାଉତ, ଅନିତା ସାହୁ, ଶତାବ୍ଦୀ ପାଢ଼ୀ, ସରୋଜ ନାୟକ (ଗୁଲୁ), ସ୍ମୃତି ରଞ୍ଜନ ବିଶ୍ୱାଳଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୋନାଲି ମିଶ୍ର ଧନ୍ୟବାଦ ଦେଇଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ବନ୍ତ/ଆଗରପଡ଼ା, ୧୭।୧(ସମିସ)

ବନ୍ତ ବ୍ଲକ ଆଗରପଡ଼ା ବିଦ୍ୟୁତ୍ ବିଭାଗ ଅଧୀନ କାଦବରାଙ୍ଗ ପଞ୍ଚାୟତର ବନ୍ତଳା ଗାଁର ଅଙ୍ଗନବାଡ଼ି, ଖେଳପଡ଼ିଆ ଓ ଶିବ ମନ୍ଦିର ନିକଟରେ ବିପଦସଂକୁଳ ଏବଂ ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ମଣିଷ ଏବଂ ଗାଈଗୋରୁଙ୍କ ସମେତ କୁନିକୁନି ପିଲାଙ୍କ ପାଇଁ ଏହା ବିପଦ ସାଜିଛି। ତେଣୁ ଉକ୍ତ ଟ୍ରାନ୍ସଫର୍ମରର ସୁରକ୍ଷା ପାଇଁ ଏହାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବାକୁ ବନ୍ତଳାବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଥିବାବେଳେ ଏ ନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ସମସ୍ୟା ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ଏଥିପ୍ରତି ଅଣଦେଖା କରିବା ସହିତ ହାତ ବାନ୍ଧି ବସିଛି। ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ



ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ବନ୍ତ ବ୍ଲକ ମଙ୍ଗୁଲିସ୍ଥିତ ବ୍ରାହ୍ମଣସାହିରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟି ବିପଦସଙ୍କୁଳ ଅବସ୍ଥାରେ ରହିଛି।

ବହୁ ବର୍ଷ ପୂର୍ବେ ଏକ ସିମେଣ୍ଟ ଖୁଣ୍ଟିରେ ଏହା ତିଆରି ହୋଇଥିଲା। ବର୍ଷା, ପବନରେ ଷ୍ଟ୍ରକ୍‌ଚରଟି ଦୋହଲୁଥିବାରୁ ଜନଜୀବନ ପ୍ରତି ବିପଦ ରହୁଛି। ଏହାର ଏୟାର ବ୍ରେକ୍ ସୁଇଚ୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ବହୁ ସମୟରେ ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ଏହି ସବ୍‌ଷ୍ଟେସନଟି ଗୋଟିଏ ପାର୍ଶ୍ୱକୁ ଢଳି ରହିଥିବାରୁ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ପୁରୁଣା ସିମେଣ୍ଟ ଖୁଣ୍ଟକୁ ପରିବର୍ତ୍ତନ କରି ଲୁହା ଖୁଣ୍ଟି ବସାଇବା ସହ ଏବି ସୁଇଚ୍ ମରାମତି କରିବା ଲାଗି ଗ୍ରାମର ନାରାୟଣ ଦାସ, ସୁଶାନ୍ତ ପତି, ପ୍ରଶାନ୍ତ ପତି, ଚନ୍ଦନ ପତି, ଆନନ୍ଦ କର, ବିନୋଦ କର, ବିଙ୍ଗ ପତି, ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ବହୁ

**ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍**

ଉପଭୋକ୍ତା ବାଲେଶ୍ୱର ଟିପିଏନ୍‌ଓଡିଏଲ୍ ପରିଚାଳନା ନିର୍ଦ୍ଦେଶକ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଓ ବନ୍ତ ସହକାରୀ କାର୍ଯ୍ୟନିର୍ବାହୀ ପରିଚାଳକଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ୨ମାସରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଟିଶା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



**ବିଞ୍ଝାରପୁର,୧୭।୧(ସମିସ):** ବିଞ୍ଝାରପୁର ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସଙ୍କ ନେତୃତ୍ୱରେ ସିଂହପୁର ଅନ୍ତର୍ଗତ ମା' ଦରିଆ ନାହାକାଣୀ ପୀଠରେ ଟିଶା ପଞ୍ଚାୟତ ବିଜୁ ଜନତା ଦଳ କର୍ମୀଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ୧୦ ଜଣ ବିଜେପି କର୍ମୀ ବିଜେପି ଛାଡ଼ି ବିଜୁ ଜନତା ଦଳରେ ଯୋଗଦେଇଥିଲେ। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଟିଶା ପଞ୍ଚାୟତରେ ବିଜେଡି ସରକାର ସମୟରେ ହୋଇଥିବା ବିକାଶମୂଳକ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଟିଶା ପଞ୍ଚାୟତ ବିଜେଡି ସଂଗଠନରେ ପରିବର୍ତ୍ତନ କରାଯାଇ ସୁବାସ ଚନ୍ଦ୍ର ରାଉତଙ୍କୁ ପଞ୍ଚାୟତ ସଭାପତି ଭାବେ ଘୋଷଣା କରାଯାଇଥିଲା। ଉପ-ସଭାପତି ଭାବେ ପ୍ରଶାନ୍ତ କୁମାର ନାୟକ ଏବଂ ସଂଯୋଜକ ଭାବେ ଚକ୍ରଧର ମଲ୍ଲିକ ଓ ସତ୍ୟଭୂଷଣ ମଲ୍ଲିକଙ୍କୁ ଘୋଷଣା କରାଯାଇଥିଲା। ସମ୍ମିଳନୀରେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ରାଉତ ଓ ଯୁବ ବିଜେଡି ସଭାପତି ଦିଲ୍ଲୀପ କୁମାର ରାଉତ ଉପସ୍ଥିତ ଥାଇ ବିଜୁ ଜନତା ଦଳର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଶାସକ ସରକାରଙ୍କୁ ଉଚିତ ଜବାବ ଦେବା ପାଇଁ କର୍ମୀମାନଙ୍କୁ ଏକତ୍ରିତ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବିଞ୍ଝାରପୁର,୧୭।୧(ସମିସ):** ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଇଦପୁର ସ୍ଥିତ ଭଗବତି ସ୍କୁଲ ଅଫ ନର୍ସିଂ କଲେଜ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ କ୍ଷୀତିଶ ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକର୍ମୀମାନଙ୍କର ଏକ ଟିମ୍ ନର୍ସିଂ କଲେଜ ପରିସରରେ ପହଞ୍ଚି କଲେଜର ଛାତ୍ର ଛାତ୍ରୀ ଏବଂ ମ୍ୟାନେଜମେଣ୍ଟ କମିଟି ସହଯୋଗରେ କଲେଜ ପରିସର ସଫେଇ କରିବା ସହିତ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପିଲା ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହା ସହ କଲେଜ ପରିସରରୁ ସ୍ୱଚ୍ଛତା ଉପରେ ଏକ ଶୋଭାଯାତ୍ରା ରାଲି ବାହାରି ବଜାର ପରିକ୍ରମା କରିଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଧର୍ମଶାଳା,୧୭।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦା ସମବାୟ ସମିତିର ପୂର୍ବତନ ସଭାପତି ହୃଷୀକେଶ ପାଣିଗ୍ରାହୀ (୭୪)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି।



ଗତକାଲି ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୀତବାରୀ ଲୋକ ଉପସ୍ଥିତ ଥିଲେ। ତାଙ୍କ ମରାଶରୀରକୁ ଆଜି ନିଜ ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହିତ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କର ଏକମାତ୍ର ପୁଅ ବିଷ୍ଣୁଦେବ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ।

**ମଲ୍ଲିପୁର ଗାଁରେ ଚୋରା ମଦର ବନ୍ୟା**

# ଆନ୍ଦୋଳନ ପାଇଁ ଚାଲିଛି ସଜବାଜ

**ମଙ୍ଗଳପୁର,୧୭।୧(ସମିସ):** ଦିନକୁ ଦିନ ଏବେ ଗାଁ ଗହଳିରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। କେତେକ ସ୍ଥାନରେ ଚୋରା ମଦ ପିଇ ଅନେକ ଲୋକେ ମୃତ୍ୟୁମୁଖରେ ପଡୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏଥିନେଇ ବାରମ୍ବାର ଯାଜପୁର ଅବକାରୀ ବିଭାଗ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ ଅବକାରୀ ବିଭାଗର ଅଧିକାରୀ ଚୋରା ମଦ ବ୍ୟବସାୟୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କ ଠାରୁ ମାସିକିଆ ବଟି ନେଇ ଚୁପ ବସୁଥିବା ନେଇ ସାଧାରଣରେ ଆଲୋଚନାର ବିଷୟ ବସ୍ତୁ ସାଜିଛି।

କିଛି ଦିନ ତଳେ ଲାଲବାଗ ଓ କୟାଁଗୋଲା ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ସମେତ ଅଞ୍ଚଳର ଯୁବକ ମାନେ ଏକତ୍ରିତ ହୋଇ ଚୋରା ମଦ ଦୋକାନ ଗୁଡିକ ଭାଙ୍ଗିଥିଲେ। ପୁନର୍ବାର ଯେପରି ଲାଲବାଗ ଓ କୟାଁଗୋଲା ବଜାରରେ ଚୋରା ମଦ ବିକ୍ରି ନହେବ ସେଥିନେଇ ତାଗିଦ କରିବା ପରେ ଏବେ ଉଭୟ ବଜାରରେ ସମ୍ପୂର୍ଣ୍ଣ ଭାବେ ଚୋରା ମଦ କାରବାର ବନ୍ଦ ହୋଇଛି। ଏହି କାର୍ଯ୍ୟରେ ମଙ୍ଗଳପୁର ପୁଲିସ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମାତ୍ର ଏହି ଦୁଇଟି ବଜାରରେ ଚୋରା ମଦ କାରବାର ବନ୍ଦ ହେବା ପରେ ଏବେ କୟାଁ ପଞ୍ଚାୟତସ୍ଥ ମଲ୍ଲିପୁର ଗ୍ରାମରେ ଚୋରା ମଦ କାରବାର ବଢ଼ିଚାଲିଛି। ଏହାକୁ ନେଇ ଏବେ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ଯାଜପୁର କୟାଁଗୋଲା ଜାତୀୟ ରାଜପଥର ମଲ୍ଲିପୁର ଛକଠାରୁ ଠାରୁ ମାତ୍ର ୫ ଶହ ମିଟର ଦୂର ମଲ୍ଲିପୁର-କେଳାଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତାର ମଲ୍ଲିପୁର ଗାଁ ଆରମ୍ଭର ରାସ୍ତା କଡ଼ରେ ଘର କରି ରହିଥିବା ଜଣେ ଲୋକ ଏହି ଚୋରା ମଦ କାରବାରକୁ ଖୁଲମଖୁଲା ଭାବେ ଚଳାଇ ଆସୁଥିବା ବେଳେ ଉକ୍ତ ରାସ୍ତା ଦେଇ ଛାତ୍ରଛାତ୍ରୀ, ଏପରିକି ମହିଳାମାନେ ମଧ୍ୟ ଯାତାୟାତ କରିବା ପାଇଁ ଭୟ କରୁଛନ୍ତି। ଅବକାରୀ ବିଭାଗ ପକ୍ଷରୁ ମଲ୍ଲିପୁର ଗ୍ରାମରେ ଖୁଲମ ଖୁଲା ଭାବେ ଚାଲିଆସୁଥିବା ଚୋରା ମଦ କାରବାରକୁ ଯଦି ତୁରନ୍ତ ବନ୍ଦ କରାନଯାଏ ତା' ହେଲେ ଏଥିନେଇ ମଲ୍ଲିପୁର ସମେତ, କେଳାଙ୍ଗ, ଇଟାପଡା, ଯୋଗୀମାଠ, କମାରଡ଼ିହି ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି।

# ବରୁଣେଶ୍ୱର ମେଳାରେ ଖୋଲିଲା ଫ୍ରିଡମ୍ ଷ୍ଟଲ




**ବିଞ୍ଝାରପୁର,୧୭।୧(ସମିସ):** ପ୍ରସିଦ୍ଧ ବରୁଣେଶ୍ୱର ମେଳାରେ ଖୋଲିଛି ଫ୍ରିଡମ୍ ଷ୍ଟଲ। ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ତରଫରୁ ବିଭିନ୍ନ ଆକର୍ଷଣୀୟ ଉପହାର ମଧ୍ୟ ରହିଛି। କମ୍ପାନୀର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳଙ୍କ ନେତୃତ୍ୱରେ ଆୟୋଜିତ ଷ୍ଟଲକୁ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଉଦ୍‌ଘାଟନ କରିବା ସହ ବରୁଣେଶ୍ୱର ମେଳା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ମେଳା ବୋଲି କହିଥିଲେ। ଫ୍ରିଡମ୍ ସନଫ୍ଲାୱାର ତେଲ ସାରା ଦେଶରେ ଖ୍ୟାତି ଅର୍ଜନ କରିଛି। ବରୁଣେଶ୍ୱର ମେଳାରେ ଖୋଲାଯାଇଥିବା ଫ୍ରିଡମ୍ ଷ୍ଟଲରୁ ପରଖିକି ତେଲ ନିଅନ୍ତୁ ଏବଂ ବ୍ୟବହାର କରନ୍ତୁ ବୋଲି ଗ୍ରାହକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଖାଦ୍ୟ ଅଧିକାରୀ ରାକେଶ କୁମାର ସାହୁ, ଡିଏସ୍‌ପି ବାମଦେବ ନନ୍ଦ, ସମାଜସେବୀ ଚନ୍ଦ୍ରଶେଖର ଧଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାନକୀକାନ୍ତ ମହାନ୍ତି, ପ୍ରକାଶ କୁମାର ପାତ୍ର, ଭାଗ୍ୟରଞ୍ଜନ ସେଠୀ, ରଞ୍ଜିତ କୁମାର ପହି, ବସନ୍ତ କୁମାର ଘଡ଼େଇ, ପ୍ରଦୀପ କୁମାର ଦେଓ, ସାଗର କୁମାର ସାହୁ, ପ୍ରକାଶ ମିଶ୍ର, ବିଜନ କୁମାର ଦାସ, ମହେନ୍ଦ୍ର ନାୟକ, ବଟକୃଷ୍ଣ ସାହୁ, ସ୍ମୃତିରଞ୍ଜନ ସାହୁ, ପ୍ରସନ୍ନ ପରିଡ଼ାଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

# ସୁକିନ୍ଦା ଅଞ୍ଚଳରେ ଟୁସୁ ପର୍ବ



**ସୁକିନ୍ଦା,୧୭।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତର ପାତ୍ରମରା ପାକୁଟ ପଡିଆ ଗତ ତିନିଦିନ ଧରି ପାଳନ ହେଉଥିବା ଟୁସୁ ପର୍ବ ଉଦଯାପିତ ହୋଇଯାଇଛି। ପାତ୍ରମରା ସ୍ଥିତ ଡିନି ମାଇଁ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କୁଡୁମୀ ସମ୍ପ୍ରଦାୟର ସାମାଜିକ ସଚେତକ ବ୍ୟକ୍ତିଙ୍କ ଉପସ୍ଥିତିରେ କୃଷିଭିତ୍ତିକ ଟୁସୁ ପର୍ବ ବିଷୟରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଭାବେ କୁଡୁମୀ ଭାଷା ସଂସ୍କୃତି ଓ ପରମ୍ପରାର ପ୍ରଚାରକ ତଥା ବିଶିଷ୍ଟ ସମାଜସେବୀ ଅର୍ଜୁନ ଚରଣ ମହାନ୍ତ ଏବଂ ମୁଖ୍ୟବକ୍ତା ଭାବେ କୁଡୁମୀ ଭାଷା ସଂସ୍କୃତିର ଲେଖିକା ଓ ଝୁମର ଗାୟିକା ଦେବକୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ତଥା ଆଖ ପାଖ ଅଞ୍ଚଳରୁ ପାରମ୍ପରିକ ବେଶ ଭୁଷା ଓ ନାଚ ଗୀତ କରି ଅନେକ ଚୌଡ଼ଲ ଟୁସୁ ମେଢ଼ ଏଠାକୁ ଆସିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଝୁମର ମେଲୋଡି ସହିତ ଝୁମର ନାଚ ପ୍ରତିଯୋଗିତାରେ ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରୁ ୧୩ ଗୋଟି ଝୁମର ଡାନ୍ସ ଗ୍ରୁପ୍ ଅଂଶଗ୍ରହଣ କରିଥିଲେ। ଏଥି ମଧ୍ୟରୁ ଉର୍ବେଙ୍ଗି, କଙ୍କଡ଼ାହାଡ଼ (ଢେଙ୍କାନାଳ) ପ୍ରଥମ, ଭିମଟାଙ୍ଗର (ଯାଜପୁର) ଦ୍ୱିତୀୟ ଓ ଖରାଖାଇ (ଯାଜପୁର) ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ନିଆରା କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ହରେକୃଷ୍ଣ ମହାନ୍ତ, ସଭାପତି ଅକ୍ଷୟ କୁମାର ମହାନ୍ତ, ସମ୍ପାଦକ ବ୍ରଜକିଶୋର ମହାନ୍ତ ଅତିଥିଙ୍କୁ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉପ ସଭାପତି ସୁଧାଂଶୁ ଶେଖର ମହାନ୍ତ, ସହ ସମ୍ପାଦକ ସୁଦର୍ଶନ ମହାନ୍ତ ଏବଂ ଡ଼ିନି ମାଇଁ ୟୁଥ୍ କ୍ଲବର ସମସ୍ତ ସଭ୍ୟ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

# ୧୯ ରୁ ନେତାଜୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**କବାଟବନ୍ଧ,୧୭।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ରାଇଛନ୍ଦା ପଞ୍ଚାୟତର ବାରକଣାଠାରେ ୨୮ ତମ ଜିଲ୍ଲାସ୍ତରୀୟ ନେତାଜୀ କ୍ରିକେଟ କପ୍ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏନେଇ ଆୟୋଜକ ନେତାଜୀ କ୍ରିକେଟ କ୍ଲବ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଯାଜପୁର ଜିଲ୍ଲାର ଏହି ନେତାଜୀ ଗ୍ରାଉଣ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାର କ୍ଲବ ମ୍ୟାଚ୍ ଖେଳିବା ପାଇଁ ସାମିଲ ହେବେ। ଆସନ୍ତା ୧୯ ତାରିଖରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଚଣ୍ଡିଖୋଲ, ଚୌଦ୍ୱାର, ମଙ୍ଗରାଜପୁର, ଛତିଆ, ଖଙ୍କିରା, ନେଳିବାରୀ, ସୁକିନ୍ଦା, ହରିପୁର ଆଦି ୮ ଟିମ୍‌ର ମ୍ୟାଚ ଖେଳାଯିବ। ଏହାର ଫାଇନାଲ ମ୍ୟାଚ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ



**ଯଖପୁରା,୧୭।୧(ସମିସ):** ସ୍ଥାନୀୟ ରାଛିପୁର ସ୍ଥିତ ଜୁଝପଦା ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ଆଜି ଉଦ୍‌ଯାପିତ ହୋଇଯାଇଛି। କ୍ଲବର ସଂଚାଳକ ରାଜେଶ ରାଉଳଙ୍କ ତତ୍ତ୍ୱାଧାନରେ ପ୍ରତିଦିନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କୁଇଜ, ଚିତ୍ରାଙ୍କନ ପ୍ରଭୃତି ଭିନ୍ନଭିନ୍ନ କାର୍ଯକ୍ରମ ମାଧମରେ ସଚେତନ କରାଯାଇଥିଲା। ଶେଷ ଦିନରେ ପ୍ରଧାନ ଶିକ୍ଷକ ଡ. ରାଜୀବ ଲୋଚନ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ ପଟୁଆରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ରାସ୍ତା ଉପରକୁ ଆସି ଯାତ୍ରୀମାନଙ୍କୁ ବୁଝା ସୁଝା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଜିତ ପାଣିଗ୍ରାହୀ, ବିକାଶ ଚୌଧୁରୀ, ମଧୁମିତା ଦାସ, ପମା ମାର୍ଣ୍ଡି, ସନାଲିକା ନାଥ ପ୍ରଭୃତି ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଆକ୍ଷାଂଖ୍ୟା ସହୁ, ସ୍ମରଣିକା ଗହାଣ, ଶୁଭଲକ୍ଷ୍ମୀ ସହୁ, କ୍ରିତିସୁନ୍ଦର ନାଥ, ଦୀପ୍ତିମୟୀ ସହୁ, ଆକାଶ ମହାରଣା, ଜିତେନ୍ଦ୍ର ସହୁ, ଲିଜା ଦାସ, ଲଭ୍‌ଲି ବାରିକ, ଗୀତାଞ୍ଜଳି ଦାସ, ହରପ୍ରିୟା ସହୁ, ଚମ୍ପା ମାରଲେ, ସାଇ ସମୀକ୍ଷା ସହୁ ମନୋଜ ମହଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ରଥ ସାମିଲ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ







**ପାଣିକୋଇଲି,୧୭।୧(ସମିସ):** ପାଣିକୋଇଲିସ୍ଥିତ ପିଏମ୍‌ଶ୍ରୀ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବିଧାୟକ ଆକଶ ଦାସନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ କୋରେଇ ଶିକ୍ଷା ମଣ୍ଡଳାଧିକାରୀ ସୁଦର୍ଶନ ମଲ୍ଲିକା, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି କେଶବ ଚନ୍ଦ୍ର ସେଠୀ, ପଞ୍ଚସଖା ସେତୁର ସଭାପତି ସୁଧାଂଶୁ ଶେଖର ଘଡ଼ାଇ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରେମେଶ ମହାକୁଡ, ପାଣିକୋଇଲି ଗ୍ରାମ ପଞ୍ଚାୟତର ସମିତିସଭ୍ୟ ସୁଜାତା ଘଡ଼ାଇ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ବିଭିନ୍ନ କ୍ରିୟାକଳାପ ଷ୍ଟଲ ଆକାଂକ୍ଷୀ ମେଳା, ଇନସ୍ପାଏରିଂ ଓଡିଶା-୨୦୩୬, ଆକାଂକ୍ଷୀ ଛାତ୍ର ପରିଷଦ, ଦି ଟ୍ୟାଲେଣ୍ଟ ଗ୍ୟାଲେରୀ, ଦୋକାନ ଯାତ୍ରା ପାଭିଲିଅନ, ଆମ ବିଦ୍ୟାଳୟ ବଜାର, ବୃତ୍ତିଗତ ଶିକ୍ଷା, କ୍ରୀଡ଼ା ଓ ଶାରୀରିକ ଶିକ୍ଷା, ଶିଶୁ ବାଟିକା ଆଦି ଷ୍ଟଲର ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ନାଟକ, କୁନି ପିଲାଙ୍କ ଦ୍ୱାରା ନୃତ୍ୟ, କବିତା ଆବୃତ୍ତି ଓ ଗଳ୍ପ କଥନ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରକଳ୍ପର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ପ୍ରତାପ ଚନ୍ଦ୍ର ପହି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ନାଟକ ଓ ନୃତ୍ୟ ପ୍ରସ୍ତୁତ କରାଯାଇଥିଲା। ରମାକାନ୍ତ ମହାନ୍ତି, ଅଜୟ କୁମାର ଧଳ, ଗଦାଧର ସାହୁ, ହେମନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକ, କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତଙ୍ଗରା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଯାଜପୁର ଉପଆରକ୍ଷୀ ଅଧିକ୍ଷକ ଶରତ ଚନ୍ଦ୍ର ପାତ୍ର, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଞ୍ଝାରପୁର ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର, ଉତ୍ତଙ୍ଗରା ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ମଲ୍ଲିକ, ଶିକ୍ଷାବିତ ଶିବପ୍ରସାଦ ପ୍ରଧାନ, ରବୀନ୍ଦ୍ର ମୋହନ ରଥ, କପିଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ବେହେରା ଓ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷିକା, ଶିକ୍ଷା କର୍ମଚାରୀ ଓ ବିଞ୍ଝାରପୁର ମଣ୍ଡଳ ଅଧୀନସ୍ଥ ୧୪ଟି ସାଧନ କେନ୍ଦ୍ରର ସଂଯୋଜକ ଓ ଶିକ୍ଷକମାନେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ସରୋଜ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ, ଶିକ୍ଷକ ସ୍ୱସ୍ତିସୁନ୍ଦର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ଓ ଜନସଚେତନତା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଦଶରଥପୁର:** ଦଶରଥପୁର ଶିକ୍ଷା ମଣ୍ଡଳ ଖଣ୍ଡରା ସ୍ଥିତ ପିଏମ୍‌ଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଗୁଞ୍ଜନ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଖେଳ ପଡିଆ ପରିସରରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅବିଭାବକ, ପରିଚାଳନା ସଦସ୍ୟ ତଥା ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ତୁଷାରକାନ୍ତି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କୁଞ୍ଜବିହାରୀ ଦାସ, ସମିତିସଭ୍ୟ ରମାକାନ୍ତ ସେଠୀ, ଦଶରଥପୁର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ, ପରିଚାଳନା କମିଟି ସଭାପତି ଅନାଦି ପଣ୍ଡା, ବିଦ୍ୟାଳୟ ପଞ୍ଚସଖା ସେତୁ ସଭାପତି ଚନ୍ଦ୍ରମଣୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସଭାପତି ତଥା ପ୍ରଧାନଶିକ୍ଷକ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରବିଚିତ୍ରା ଏବଂ କ୍ଷୁଦ୍ର ନାଟକ ରେବତୀ ପରିବେଷଣ କରାଯାଇଥିଲା।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲସ୍ଥିତ ପତିତପାବନ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଧର୍ମଶାଳା ମଣ୍ଡଳ ଶିକ୍ଷ୍ୟାଧିକାରୀ ଅଭୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷା ସୁଚିସ୍ମିତା ଦାସ, ଉପାଧକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ଜେନା, ସମିତିସଭ୍ୟା ତିଲୋତ୍ତମା ବରାଳ, ଇଂ. ନିରଞ୍ଜନ ମିଶ୍ର, ପରିଚାଳନା କମିଟି ସଭାପତି ବେଣୁଧର ଦାସ, ସିଆର୍‌ସିସି ନିବେଦିତା ପରିଡା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ପଞ୍ଚସଖା ସେତୁ ଅଧିକାରୀ ତପନ କୁମାର ସାହୁ, ଜିଲ୍ଲା ପଞ୍ଚସଖା ସେତୁର ସଂଯୋଜକ ରାଜେନ୍ଦ୍ର ଶତପଥୀ ଓ ପ୍ରାଥମିକ ଜିଲ୍ଲା ଶିକ୍ଷକ ସଙ୍ଘର ସଭାପତି ଦେବରାଜ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇ ପିଏମଶ୍ରୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅମୁଲ୍ୟ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

**ପାଣିକୋଇଲି:** ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ସ୍ଥିତ ପିଏମ୍‌ଶ୍ରୀ ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବକୁ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଗୀତାରାଣୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାମଣ୍ଡଳାଧିକାରୀ ନିର୍ମଳ ଜେନା, ପଞ୍ଚଶଖା ସେତୁର ସଭାପତି ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ ସାହୁ ଭୁବନେଶ୍ୱରପୁର ସରପଞ୍ଚ ମନିଦୀପା ରାୟ, ସମିତିସଭ୍ୟ ଜୟପ୍ରଦା ଦାଶ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ନାଟକ, କୁନି ପିଲାଙ୍କ ଦ୍ୱାରା ନୃତ୍ୟ, କବିତା ଆବୃତି ଓ ଗଳ୍ପ କଥନ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଶିକ୍ଷକ ରତିକାନ୍ତ ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଜୟନ୍ତ ଜେନା ଓ ବିକାଶ ମଲ୍ଲିକ ନେତୃତ୍ୱରେ ନାଟକ ଓ ନୃତ୍ୟ ପ୍ରସ୍ତୁତ କରାଯାଇଥିଲା। ଶିକ୍ଷକ ଧିରେଶ କୁମାର ଦାସ କାର୍ଯ୍ୟକ୍ରମ ସଂଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷିକ, କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

**ଏନ୍‌ଟିସିଏର ନିର୍ଦ୍ଦେଶ**

# ବ୍ୟାଘ୍ର ଅଭୟାରଣ୍ୟ କର୍ମଚାରୀଙ୍କ ପାଇଁ ହେବ ଏସ୍‌ଓପି

ବାରିପଦା, ୧୭ ।୧(ସମିସ): ଶିମିଳିପାଳ ସହ ଦେଶର ସମସ୍ତ ବ୍ୟାଘ୍ର ଅଭୟାରଣ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ବହୁବିଧ ଯୋଜନା ପ୍ରଣୟନ ସହ ଏସ୍‌ଓପି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବା ଏନ୍‌ଟିସିଏ। ଦେଶର ସମସ୍ତ ବ୍ୟାଘ୍ର ଅଭୟାରଣ୍ୟରେ କାର୍ଯ୍ୟରତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ମୌଳିକ ସୁବିଧା, ସୁରକ୍ଷା ଓ କଲ୍ୟାଣ ବୃଦ୍ଧି ଉପରେ ଜୋର୍ ଦେଇଛନ୍ତି ଏନଟିସିଏ। ଭାରତ ସରକାରଙ୍କ ଅଧୀନ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ୧୩ ତାରିଖରେ ଏହି ନିର୍ଦ୍ଦେଶାବଳୀ ସମସ୍ତ ବ୍ୟାଘ୍ର ଅଭୟାରଣ୍ୟର ମୁଖ୍ୟ ବନ୍ୟଜନ୍ତୁ ପାଳକଙ୍କୁ ପଠାଯାଇଛି।

ଏନ୍‌ଟିସିଏ ପକ୍ଷରୁ ସେଥିରେ ଉଲ୍ଲେଖ କରାଯାଇଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କ୍ଷେତ୍ରୀୟ କର୍ମଚାରୀ ଓ ଅଫିସରଙ୍କୁ ଆଉଟ୍‌ସୋର୍ସିଂ କରାଯିବ ନାହିଁ। କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସରକାରୀ ଆବାସ, ସୁରକ୍ଷିତ ଆବଶ୍ୟକ

■ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
■ ଶିକାରୀ କବଳରୁ ବନ୍ୟଜନ୍ତୁ ସୁରକ୍ଷାକୁ ଗୁରୁତ୍ୱ

ସୁବିଧା ଓ ଢାଞ୍ଚାଗତ ବିକାଶକୁ ରାଜ୍ୟ ସରକାର ପ୍ରାଥମିକତା ଦେବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଶିମିଳିପାଳ ଭଳି ଟାଇଗର ରିଜର୍ଭ କ୍ୟାମ୍ପରେ ସ୍ୱଚ୍ଛ ପାନୀୟ ଜଳ, ସୁରକ୍ଷିତ ଆବାସ, ଶୌଚାଳୟ ଓ ମହିଳା କର୍ମଚାରୀଙ୍କ ପାଇଁ ଅଲଗା ସୁବିଧା ବ୍ୟବସ୍ଥା କରିବାକୁ କୁହାଯାଇଛି। ଦୂର ଅଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କ ପରିବାର ପାଇଁ ସ୍କୁଲ, ଚିକିତ୍ସା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ନିଶ୍ଚିତ କରିବା ଉପରେ ମଧ୍ୟ ଜୋର ଦିଆଯାଇଛି। ଏଥିସହ ଟାଇଗର୍




ରିଜର୍ଭରେ ପ୍ରାଣୀଧନ ଚିକିତ୍ସକ, ବନ୍ୟଜନ୍ତୁ ଜୀବବିଜ୍ଞାନୀ ଓ ସାମାଜିକ ବିଜ୍ଞାନୀଙ୍କ ପାଇଁ ଅଲଗା କ୍ୟାଡର୍ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ଗବେଷଣା, ଟାଇଗର ମନିଟରିଂ ଓ ଆବାସ ପରିଚାଳନାକୁ ଅଧିକ ଶକ୍ତିଶାଳୀ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦର୍ଶାଯାଇଛି।

କର୍ତ୍ତବ୍ୟରତ ସମୟରେ କୌଣସି କର୍ମଚାରୀଙ୍କ ଅକାଳ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରକୁ ଯଥୋଚିତ ଅନୁଗ୍ରହ ରାଶି, ସାମାଜିକ ସୁରକ୍ଷା ଓ ଆୟୁଷ୍ମାନ ଭାରତ ଯୋଜନାର ଲାଭ ନିଶ୍ଚିତ କରିବାକୁ ମଧ୍ୟ ଏନଟିସିଏ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେଲେ ବାଘଙ୍କ ସୁରକ୍ଷା ସହ କ୍ଷେତ୍ରୀୟ କର୍ମଚାରୀଙ୍କ ମନୋବଳ ଓ କାର୍ଯ୍ୟକ୍ଷମତା ବଢ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ଆମ ରାଜ୍ୟରେ ଏହି ନିୟମ ଲାଗୁହେଲେ ବନ କର୍ମଚାରୀ ଅଧିକ ଶକ୍ତିଶାଳୀ ହେବା ସହ ଶିକାରୀ ରୋକିବାରେ ଅନେକ ସହାୟକ ହୋଇପାରିବ। ରାଜ୍ୟର ସବୁଠାରୁ ବଡ଼ ଜାତୀୟ ଉଦ୍ୟାନ ତଥା ବ୍ୟାଘ୍ର ପ୍ରକଳ୍ପ ଭାବେ ପରିଚିତ ଶିମିଳିପାଳ ଅଧିକ ଲାଭବାନ ହୋଇପାରିବ।

## ବଡ଼ଭାଇର ମାଡ଼ରେ ସାନ ମୃତ

ତୁରୁମୁଙ୍ଗା, ୧୭।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡଳଙ୍ଗ ଗ୍ରାମରେ ବଡ଼ଭାଇର ମାଡ଼ରେ ସାନ ଭାଇର ମୃତ୍ୟୁ ହୋଇଛି। ମୃତକ ହେଲେ, ଜିତେନ୍ଦ୍ର ମହାନ୍ତ। ଶନିବାର ଅପରାହ୍ଣରେ ଦୁଇ ଭାଇଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ବଡ଼ଭାଇ ସତ୍ୟାନନ୍ଦ ଏଥିରେ ଉତ୍‌କ୍ଷିପ୍ତ ହୋଇ ଜିତେନ୍ଦ୍ରଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୁଲିସ, ଚମ୍ପୁଆ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ସତ୍ୟାନନ୍ଦକୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି।

# ଡେବ୍ରିଗଡ଼ ଅଭୟାରଣ୍ୟରେ ବଢୁଛି ଗୟଳଙ୍କ ସଂଖ୍ୟା

ସମ୍ବଲପୁର, ୧୭।୧ (ସମିସ) : ଡେବ୍ରିଗଡ଼ ଅଭୟାରଣ୍ୟରେ ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭାରତୀୟ ବାଇସନ / ଗୌର / ଗୟଳର ତୃତୀୟ ଗଣନା କରାଯାଇଛି। ଏଥିରେ ମୋଟ ଗୟଳ ସଂଖ୍ୟା ୮୪୮ ବୋଲି ଜଣାପଡ଼ିଥିଲା। ୨୦୨୪ ମସିହା ନଭେମ୍ବର ମାସରେ ହୋଇଥିବା ପ୍ରଥମ ଗୌର ଜନଗଣନା ତୁଳନାରେ ଏହି ସଂଖ୍ୟା ୧୮୯ ବୃଦ୍ଧି ପାଇଛି (ସେତେବେଳେ ୬୫୯ଟି ଗୟଳ ଥିଲେ)। ୬୯ଟି ଗୋଠରେ ମୋଟ ୮୪୮ଟି ଗୟଳ ଥିବା ରେକର୍ଡ କରାଯାଇଥିଲା। ତନ୍ମଧ୍ୟରେ ପ୍ରାୟ ୩୦% ଶାବକ ବା ୨ ବର୍ଷରୁ କମ୍ ବୟସ୍କ ୨୩୫ଟି

**ଅଛନ୍ତି ୨୩୫ ଶାବକ ସମେତ ୮୪୮**

ଶାବକ ରହିଛନ୍ତି। ତନ୍ମଧ୍ୟରେ କମଗାଁ ୱାଇଲ୍ଡ ଲାଇଫ୍ ରେଞ୍ଜରେ ୩୧ଟି ଗୋଠ ସହ ୪୪୪ (୧୫୦ ଶାବକ) ଗୟଳ ଥିବାବେଳେ ଲଖନପୁର ୱାଇଲ୍ଡ ଲାଇଫ୍ ରେଞ୍ଜରେ ୩୮ଟି ଗୋଠ ସହ ୪୦୪ (୮୫ ଶାବକ) ଗୟଳ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଲଖନପୁର ୱାଇଲ୍ଡ ଲାଇଫ୍ ରେଞ୍ଜରେ ଲଖନପୁର, ସମରଧରା, ଝାଗଡ଼ାବେରା, ଖଜୁରିଆ ଓ ଉତ୍ତମ ସେକ୍ସନ ଥିବାବେଳେ କମଗାଁ ୱାଇଲ୍ଡ ଲାଇଫ୍ ରେଞ୍ଜରେ କମଗାଁ, ଢୋଡ୍ରେରାକୁସୁମ ଓ ଚଉରାଶିମାଳ ସେକ୍ସନ ରହିଛି। ଏହି ଗଣନା ସିଧାସଳଖ ଗଣନା ପଦ୍ଧତିରେ କରାଯାଇଥିଲା।

୩୫୩ ବର୍ଗ କିଲୋମିଟର ଡେବ୍ରିଗଡ଼ ଅଭୟାରଣ୍ୟକୁ ମୋଟ ୭୩ଟି ଗଣନା ୟୁନିଟ୍ କଭର୍ କରିଥିଲା। ଗଣନା ୟୁନିଟ୍‌ର ମୋଟ ୧୫୫ ଜଣ ସଦସ୍ୟ ସକାଳ ୫ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନିୟମିତ ଭାବେ ୩ ଦିନ ଗଣନା କରିଥିଲେ। ଏହି ପ୍ରକ୍ରିୟାରେ ୨୧୩ ଜଣ



ପିଆଇପି ଏବଂ ୧୦୩ଟି କ୍ୟାମେରା ଟ୍ରାପ୍ ମଧ୍ୟ ବ୍ୟବହାର କରାଯାଇଥିଲା।

ଡେବ୍ରିଗଡ଼ରେ ପ୍ରଥମ ଭାରତୀୟ ବାଇସନ ବା ଗୌର ବା ଗୟଳ ଗଣନା ୨୦୨୪ ମସିହା ନଭେମ୍ବର ୧୨ ଓ ୧୩ ତାରିଖ କରାଯାଇଥିଲା। ସେତେବେଳେ ୫୨ଟି ଗୋଠରେ ୬୫୯ ଗୟଳ ଠାବ ହୋଇଥିଲେ। ୬ ମାସ ପରେ ଦ୍ୱିତୀୟ ଗଣନା ୨୦୨୫ ମସିହା ମେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କରାଯାଇଥିଲା। ଗୟଳ ସଂଖ୍ୟା ସେହି ଗଣନାରେ ୬୦ଟି ଗୋଠରେ ୭୮୮ ବୋଲି ଜଣାପଡ଼ିଥିଲା। ସମ୍ପ୍ରତି ହୋଇଥିବା ଜାନୁଆରୀ ୫ରୁ ୭ ତାରିଖ ପର୍ଯ୍ୟନ୍ତ ହୋଇଥିବା ତୃତୀୟ ଗଣନାରେ ୬୯ଟି ଗୋଠରେ ୮୪୮ ଗୟଳ ଥିବା ଜଣାପଡ଼ିଛି। ଏହି ଗୋଠଗୁଡ଼ିକୁ ପ୍ରତିଦିନ ସଫାରି ଏବଂ କ୍ରୁଜ୍ ପର୍ଯ୍ୟଟକମାନେ ମଧ୍ୟ ଦେଖିଥାନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟରେ ନିୟମିତ ଭାବେ ଗୟଳ ସଂଖ୍ୟାରେ ବୃଦ୍ଧି ଘଟୁଛି। ଏହାର କାରଣ ଡେବ୍ରିଗଡ଼ରେ ପ୍ରଜାତି ନିର୍ଦ୍ଦିଷ୍ଟ ବାସସ୍ଥାନ (ହାବିଟେଟ୍) ପରିଚାଳନା, ଗୌରଙ୍କ ଖାଦ୍ୟ ଏବଂ ଅନ୍ୟାନ୍ୟ ଆଚରଣ ଉପରେ ଧ୍ୟାନ ଯୋଗୁଁ ହୋଇଥାଇପାରେ। ଏହା ଏକ ସେଡ୍ୟୁଲ୍-୧ ପ୍ରଜାତି, ଏହାର ଓଜନ ହାରାହାରି ପ୍ରାୟ ୬୦୦ ରୁ ୮୦୦ କିଲୋଗ୍ରାମ। ଡେବ୍ରିଗଡ଼ ଅଭୟାରଣ୍ୟରେ, ଏହି ପ୍ରାଣୀଙ୍କ ଚରିବା ଓ ବୁଲିବା ପାଇଁ ବାଉଁଶ ବ୍ରେକ୍ ସହିତ ଘାସ ପଡ଼ିଆ ବିକଶିତ କରାଯାଇଛି, ଯେଉଁଥିରେ ହେଟେରୋପୋଗନ୍, ଡିକାନ୍ଥିୟମ୍, ସାଇନୋଡନ୍, ଥିମେଡା ଇତ୍ୟାଦି ଘାସଭୂମି ଉପରେ ଗୁରୁତ୍ୱ ଦିଆଯାଇଛି।

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ସୂଚନା ଅନୁଯାୟୀ, ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରମୁଖ ପ୍ରଜାତି ଗୌର ବା ଗୟଳର ପ୍ରଜନନ ଧାରାକୁ ଜାଣିବା ଏବଂ ଡେବ୍ରିଗଡ଼ ଭାରତରେ ଗୌର ସଂଖ୍ୟାର ସୁସ୍ଥ ଘନତା ରେକର୍ଡ କରିଥିବାରୁ ୨୦୨୪ ମସିହା ନଭେମ୍ବର ଠାରୁ ପ୍ରତି ୬ ମାସରେ ଗଣନା କରାଯାଉଛି। ପ୍ରଥମ ଗଣନା ଏବଂ ଦ୍ୱିତୀୟ ଗଣନାରେ ୧୨୯ ସଂଖ୍ୟାରେ ବୃଦ୍ଧି ରେକର୍ଡ କରାଯାଇଛି ଏବଂ ତୃତୀୟ ଗଣନାରେ ୬୦ ସଂଖ୍ୟା ବୃଦ୍ଧି ପାଇଛି। ଗୋଟିଏ ବର୍ଷ ମଧ୍ୟରେ (ପ୍ରଥମ ଓ ତୃତୀୟ ଗଣନା) ଗୟଳ ସଂଖ୍ୟା ୧୮୯ ବୃଦ୍ଧି ପାଇଛି। ଏହା ସୂଚିତ କରେ ଯେ ଡେବ୍ରିଗଡ଼ରେ ଗୌରମାନେ ବର୍ଷସାରା ପ୍ରଜନନ କରନ୍ତି। ଭାରତର ଅନ୍ୟ କିଛି ସ୍ଥାନ ପରି ଏହା ଏହି ଅଭୟାରଣ୍ୟରେ ଏକ ଋତୁକାଳୀନ ଘଟଣା ନୁହେଁ। ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରତ୍ୟେକ ରେଞ୍ଜ ନବଜାତ ଗୌରଙ୍କ ସଂଖ୍ୟାର ଏକ ମାସିକ ତାଲିକା ରଖୁଥିବା ଜଣାପଡ଼ିଛି।

**ବିରୋଧ ପରେ ନରମିଲା ଶ୍ରୀମନ୍ଦିର ପ୍ରଶାସନ**

# କମିଲା ଭକ୍ତ ନିବାସ ଗାଡ଼ି ପାର୍କିଂ ଫି’

ପୁରୀ,୧୭।୧(ସମିସ): ଚାରିଆଡୁ ବିରୋଧ ପରେ ନରମିଲା ଶ୍ରୀମନ୍ଦିର ପ୍ରଶାସନ। ଭକ୍ତ ନିବାସରେ ଚାରିଚକିଆ ଗାଡ଼ି ପାର୍କିଂ ପାଇଁ ଯେଉଁ ୫୦୦ ଟଙ୍କା ଫି’ ଲଦି ଦେଇଥିଲା, ତାହାକୁ କମାଇ ଦେଇଛି। ଏଣିକି ଚାରିଚକିଆ ଆଣି ଭକ୍ତନିବାସରେ ରହୁଥିବା ଶ୍ରଦ୍ଧାଳୁ ଗୋଟିଏ ଦିନ ଅର୍ଥାତ୍ ୨୪ଘଣ୍ଟା ପାଇଁ ଗାଡ଼ି ପାର୍କିଂ ବାବଦକୁ ୨୪୦ ଟଙ୍କା ଦେବେ। ରବିବାରଠାରୁ ଏହି ନୂଆ ପାର୍କିଂ ଫି’ ଲାଗୁ ହେବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ରହଣି ସୁବିଧା ଯୋଗାଇଦେବା ଲାଗି ଶ୍ରୀମନ୍ଦିର ପ୍ରଶାସନର ୪ଟି ଭକ୍ତ ନିବାସ (ନୀଳାଚଳ, ନୀଳାଦ୍ରି, ଗୁଣ୍ଡିଚା ଓ ପୁରୁଷୋତ୍ତମ) ରହିଛି। ଏଠାରେ ଯାତ୍ରୀମାନଙ୍କ ରହଣି ସୁବିଧା ରହିଛି। ଅନ୍‌ଲାଇନ୍‌ରେ ବୁକିଂ କରି ଯାତ୍ରୀମାନେ ଏଠାରେ ରହିଆସୁଛନ୍ତି। ଏହି ଯାତ୍ରୀନିବାସରେ ଚାରିଚକିଆ ଗାଡ଼ିର ପାର୍କିଂ ସୁବିଧା ରହିଛି। ହେଲେ ଗତ ୭ତାରିଖଠାରୁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଉପରେ ପାର୍କିଂ ଫି’ ବୋଝ ଲଦି ଦେଇଥିଲା। ସେହି ଦିନଠାରୁ ଚାରିଚକିଆ ଯାନ ପିଛା ୫୦୦ ଟଙ୍କା ଆଦାୟ କରାଯାଉଥିଲା। ଏହାକୁ ନେଇ ସବୁଆଡୁ ବିରୋଧର ସ୍ୱର ଉଠିଥିଲା। ବିଜୁ ଜନତା ଦଳ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନର ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲା। ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସେହିପରି ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କୁ ଶୋଷଣ କରୁଛି ବୋଲି କହିବା ସହ ହୋଟେଲ ମାଲିକଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଏଭଳି ଷଡ଼ଯନ୍ତ୍ର ବୋଲି ଅଭିଯୋଗ ଆଣିଥିଲେ।

**ଏଣିକି ୫୦୦ ନୁହେଁ, ୨୪୦ ଟଙ୍କା; ଆଜିଠୁ ହେବ ଲାଗୁ**

ଚାରିଆଡୁ ବିରୋଧ ପରେ ଶେଷରେ ଶ୍ରୀମନ୍ଦିର ପ୍ରଶାସନ ନରମିଛି। ଶନିବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକ ନିଷ୍ପତ୍ତି ସଂକ୍ରାନ୍ତରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତ ନିବାସରେ ଚାରିଚକିଆ ଗାଡ଼ି ପାର୍କିଂ ଫି’ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହାକୁ ନେଇ କିଛିଟା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କୌଣସି ରାଜସ୍ୱ ଆୟ ଆମର ଅଭିପ୍ରାୟ ନୁହେଁ। ପରିଚାଳନା କମିଟି ପାର୍କିଂ ଫି’ ଆଦାୟକୁ ଅନୁମୋଦନ ଦେଇଛନ୍ତି। କିନ୍ତୁ ୫୦୦ଟଙ୍କା ନୁହେଁ, ଜେବିପିସିରେ ଯେତିକି ପାର୍କିଂ ଫି’ ଅଛି, ସେତିକି ମୂଲ୍ୟ ରଖାଯାଇଛି। ୨୪୦ଟଙ୍କା ଆଦାୟ କରିବାକୁ ପରାମର୍ଶ ଦେଇଛନ୍ତି। ରବିବାରଠାରୁ ଏହି ନୂଆ ମୂଲ୍ୟ ଲାଗୁ କରାଯିବ। ଯେହେତୁ ଭକ୍ତ ନିବାସର ପାର୍କିଂ ଜାଗା ସୀମିତ ତେଣୁ ଶ୍ରଦ୍ଧାଳୁ ଜେବିପିସିରେ ଗାଡ଼ି ରଖିଲେ ଭଲ ହେବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

# ପିଟାପିଟି ହୋଇ ୨ ଶିକ୍ଷୟିତ୍ରୀ ଲହୁଲୁହାଣ

ସମ୍ବଲପୁର, ୧୭।୧ (ସମିସ) : ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଆଗରେ ପିଟାପିଟି ହେଇ ଦୁଇଜଣ ଶିକ୍ଷୟିତ୍ରୀ ଲହୁଲୁହାଣ ହୋଇଛନ୍ତି। ଏହାର ଭିଡିଓ ଭାଇରାଲ ହେବା ପରେ ଛାତ୍ରଛାତ୍ରୀଙ୍କ ଉପରେ ଏହାର କିଭଳି ପ୍ରଭାବ ପଡ଼ିବ ବୋଲି ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣା ବିଷୟରେ ଜାଣିବା ପରେ ବିଇଓ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ବଲପୁର ସହର ଉପକଣ୍ଠସ୍ଥ ବୁର୍ଲାର କିର୍ବା ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଦୁଇଜଣ ଶିକ୍ଷୟିତ୍ରୀ ମାଡ଼ ମରାମରି ହୋଇ ରକ୍ତ ବାହାରି ଲହୁଲୁହାଣ ହୋଇ ଯାଇଥିଲେ। ଭାରପ୍ରାପ୍ତ

**ତଦନ୍ତ ନିର୍ଦ୍ଦେଶ ଦେଲେ ବିଇଓ**


ପ୍ରଧାନ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଜଣେ ସଫେଇ କର୍ମଚାରୀକୁ ଟଙ୍କା ଦେବାକୁ ନେଇ ବଚସା ପରେ ମାଡ଼ପିଟ ହୋଇଥିବା ସୂଚନା ମିଳିଛି। ପୁଣି ତାଙ୍କ ମୋବାଇଲ ଛାତ୍ରଛାତ୍ରୀ ମାନଙ୍କୁ ଦେଇ ତାହାର ରେକର୍ଡ କରାଇଥିବା କୁହାଯାଉଛି। ଏହି ଭିଡିଓ ଭାଇରାଲ ହେବାପରେ ସବୁ ମହଲରେ ଚର୍ଚ୍ଚା ଜୋର ଧରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବସର ଗ୍ରହଣ କରିବା ପରେ ଏବେ ବିଦ୍ୟାଳୟରେ ୩ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସଂଖ୍ୟା ୧୯୩ ବୋଲି ଜଣାପଡ଼ିଛି। ଦୁଇଦିନ ତଳେ ଏହି ଘଟଣା ଘଟିଥିବାବେଳେ ଆଜି ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମା ଏହାର ତଦନ୍ତ କରି ତିନିଦିନ ମଧ୍ୟରେ ରିପୋର୍ଟ ଦେବାକୁ ବିଆର୍‌ସିସି ରମେଶ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ବିଆର୍‌ସିସି ଯାଇ ଘଟଣାର ତଦନ୍ତ କରିଛନ୍ତି। ବିଇଓ କରନ ଶର୍ମା କହିଛନ୍ତି, ତଦନ୍ତ ରିପୋର୍ଟ ପାଇବାପରେ ନିୟମାନୁଯାୟୀ ଶିକ୍ଷୟିତ୍ରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୨୦୨୭ ଜାନୁଆରୀ-ଫେବୃଆରୀରେ ହେବ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

କଟକ,୧୭ ।୧(ସମିସ): ଆସନ୍ତା ୨୦୨୭ ଜାନୁଆରୀ-ଫେବୃଆରୀରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାକ୍-ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଭୋଟର୍ ସର୍ଭେ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି। ଆଜି କଟକସ୍ଥିତ କେନ୍ଦ୍ରାଞ୍ଚଳ

**କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ୍ ଅନ୍ତର୍ଗତ ଜିଲ୍ଲାପାଳ ସମ୍ମିଳନୀରେ ପ୍ରସ୍ତୁତି ସମୀକ୍ଷା**

ରାଜସ୍ୱ ଡିଭିଜନ୍ କାର୍ଯ୍ୟାଳୟଠାରେ ସମୀକ୍ଷା କରିବା ଅବସରରେ ସେ ଗଣମାଧ୍ୟମକୁ ଏହା କହିଛନ୍ତି। ଏସ୍‌ଆଇଆର ସର୍ଭେ ଓ ଭୋଟର୍ ସର୍ଭେ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବା ବେଳେ ଜନଗଣନା କାର୍ଯ୍ୟ ପାଇଁ ଭୋଟରଙ୍କ ସର୍ଭେ ସାମାନ୍ୟ ବିଳମ୍ବ ଘଟିପାରେ। ତେବେ ଭୋଟରଙ୍କ ପାଖରେ ବୁଥ୍ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ସ୍ଥଳେ ବୁଥ୍ ପୁନର୍ଗଠନ କରାଯାଇପାରେ ବୋଲି ସେ କହିଛନ୍ତି। ଆଗାମୀ ପଞ୍ଚାୟତ ଏବଂ ସହରାଞ୍ଚଳ ନିର୍ବାଚନ ନିମନ୍ତେ ନିର୍ଭୁଲ ଭୋଟର୍ ତାଲିକା ପ୍ରସ୍ତୁତି ଆଦି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧୀନ ୧୦ଟି



ଜିଲ୍ଲାର ଜିଲ୍ଲାପାଳମାନଙ୍କ ସମ୍ମିଳନୀ ଆଜି ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ପାଢ଼ୀ ଏଥିରେ ଯୋଗ ଦେଇ ଏକ ସ୍ୱଚ୍ଛ, ନିର୍ଭୁଲ ଭୋଟର୍ ତାଲିକା ପ୍ରସ୍ତୁତି ଦିଗରେ ବିବିଧ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଆଲୋଚନା କରିଥିଲେ। ଘରକୁଘର ବୁଲି ସର୍ଭେ କରିବା, ମୃତ ଭୋଟରଙ୍କ ନାମ ବାଦ ଦେବା ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ସଂପାଦନ କରିବା ଦିଗରେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ବାଲଟ୍ ବାକ୍ସର ବର୍ତ୍ତମାନର ସ୍ଥିତି ସମୀକ୍ଷା, ଗୋଟିଏ ସ୍ଥାନରେ ୫ଟିରୁ ଅଧିକ ବୁଥ୍ ନ ରଖିବା, ଅଧିକ ବୁଥ୍ ଥିବା ସ୍ଥାନକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା, ବାଲଟ୍ କାଗଜ ପ୍ରିଣ୍ଟିଂ, ଉଭୟ ଭୋଟ୍ ଗଣତି କେନ୍ଦ୍ର ଚିହ୍ନଟ ସମସ୍ତ ବିଡିଓ ଏବଂ ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ସହରାଞ୍ଚଳ ପରିଷଦ ବୁଥ୍‌ଗୁଡ଼ିକର ନିରୂପଣ ଆଦି ଜରୁରୀ ବୋଲି ଶ୍ରୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଏଥିରେ ପୌରାହିତ୍ୟ କରି ଆଗାମୀ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ସହରାଞ୍ଚଳ ପରିଷଦ ସାଧାରଣ ନିର୍ବାଚନ ପ୍ରକ୍ରିୟା ଅବାଧ, ମୁକ୍ତ ଏବଂ ନିରପେକ୍ଷ ଭାବେ ସମ୍ପାଦନ ଦିଗରେ ପରାମର୍ଶ ଦେଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ ଦାସଙ୍କ ପକ୍ଷରୁ ଏ ସମ୍ପର୍କରେ ବିବିଧ ଗୁରୁତ୍ୱପୂର୍ଣ୍ଣ ସୂଚନା ପିପିଟି ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। କଟକ, ଖୋର୍ଦ୍ଧା, ବାଲେଶ୍ୱର, ପୁରୀ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, ଯାଜପୁର ଜିଲ୍ଲାପାଳ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସେହିଭଳି ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ତଥା ନିର୍ବାଚନ ସହ ସଂପୃକ୍ତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

XXVII-28

## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

File No.6738/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ , ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ- ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ , ୨୦୧୩ (RFCTLAR & R Act , 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : ବିଜାପଦର, ଥାନା : ମାଲକାନଗିରି, ତହସିଲ :ମାଲକାନଗିରି, ଜିଲ୍ଲା : ମାଲକାନଗିରି ରେ ନିମ୍ନ ସୂଚିତ ' କ ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର –ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ- ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ , ୨୦୧୩ (RFCTLAR & R Act , 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୬୫/୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ବିଜାପଦର ଥାନା : ମାଲକାନଗିରି ତହସିଲ : ମାଲକାନଗିରି ଜିଲ୍ଲା : ମାଲକାନଗିରି ର ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ -ଅର୍ଜନ ଅଧିକାରୀ, ଜୟପୁର–ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗ କରଣ ପ୍ରକଳ୍ପ -ତଥା -ତହସିଲଦାର , ମାଲକାନଗିରି ଙ୍କ ତହସିଲ କାର୍ଯ୍ୟାଳୟ , ମାଲକାନଗିରି କାର୍ଯ୍ୟ ଦିବସ ମାନଙ୍କ ରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି — ତହସିଲ : ମାଲକାନଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଜାପଦର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମି ର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ଭୂମି ଅନୁସୂଚୀ
ମୌଜା : ବିଜାପଦର, ଥାନା- ମାଲକାନଗିରି ନଂ-୭୪, ତହସିଲ : ମାଲକାନଗିରି, ଜିଲ୍ଲା : ମାଲକାନଗିରି ଜୟପୁର - ମାଲକାନଗିରି
ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୭୯ | ୨.୧୦୩ | ୦.୩୮୫ | ଧାନ ଏକ | ଅଙ୍ଗଦ ସାନ୍ତା ପି:ବଳଭ ସାନ୍ତା ଜା: କନ୍ଧ ବା: ନିଜଗାଁ |
| ୧୭ | ୬୫୨ | ୧.୯୭୭ | ୦.୮୮୪ | ଡଙ୍ଗର ଏକ | ଡମ୍ବରୁ ପାଙ୍ଗି ପି:ରତନ ପାଙ୍ଗି ଜା: ଗାଦବା ବା: ନିଜଗାଁ |
| ୨୧ | ୫୬ | ୨.୯୩୬ | ୦.୦୮୯ | ଧାନ ଏକ | ଡମ୍ବ ଦୋରା, ବୁଦୁରା ଦୋରା, ସହଦେବ ଦୋରା, ଲକ୍ଷ୍ମୁ ଦୋରା, କୃଷ୍ଣ ଦୋରା, ମଙ୍ଗଳି ଦୋରା ପି: ମକୁନ୍ଦ ଦୋରା, ଲକ୍ଷ୍ମୀ ଦୋରା ସ୍ୱା: ମକୁନ୍ଦ ଦୋରା ଜା: ଭୁମିଆ ବା: ନିଜଗାଁ |
| ୨୬ | ୬୬ | ୨.୪୭୧ | ୧.୬୦୮ | ଧାନ ଦୁଇ | ନରସିଂହ କୋଡ଼େ ପି:ଲକ୍ଷଣ କୋଡ଼େ ଜା: ଭୁମିଆ ବା: ନିଜଗାଁ |
| ୩୧ | ୪୯ | ୧.୩୨୨ | ୦.୬୦୮ | ଧାନ ଦୁଇ | ବଇଜ ଭୁମିଆ ପି:ସନୁ ଭୁମିଆ ଜା: ଭୁମିଆ ବା: ସର୍ଗିଗୁଡ଼ା |
| ୩୩ | ୧୮୯ | ୧.୪୫୧ | ୦.୭୨୦ | ଧାନ ଦୁଇ | ବାଗା ପୋଲା, ରାମ ପୋଲା, ମଙ୍ଗଳା ପୋଲା, ନରସିଂହ ପୋଲା, ରାଇମଣି ପୋଲା ପି: ଚକ୍ର ପୋଲା, ପୁତା ପୋଲା ସ୍ୱା: ଚକ୍ର ପୋଲା ଜା: ଭୁମିଆ ବା: ନିଜଗାଁ (ପୋଲାଗୁଡ଼ା) |
| | ୪୭ | ୦.୭୧୭ | ୦.୭୧୭ | ଧାନ ଦୁଇ | |
| | ୪୪ | ୧.୦୦୧ | ୦.୨୪୧ | ଧାନ ଦୁଇ | |
| | ୩୪ | ୩.୪୧୩ | ୦.୯୯୮ | ଧାନ ଏକ | |
| ୪୧ | ୧୮୦ | ୨.୮୫୨ | ୧.୨୬୪ | ଡଙ୍ଗର ଏକ | ବୁଦୁରା ସାନ୍ତା ପି:ଦାନା ସାନ୍ତା ଜା: କନ୍ଧ ବା: ନିଜଗାଁ |
| ୪୨ | ୬୫୦ | ୦.୪୦୦ | ୦.୧୮୫ | ଧାନ ଏକ | ବୁଦୁରା ଆରଙ୍ଗି ପି:ଭାଗିରଥି ଆରଙ୍ଗି ଜା: ଭୁମିଆ ବା: ନିଜଗାଁ (ପୋଲା ଗୁଡ଼ା ) |
| | ୬୪୯ | ୧.୫୮୧ | ୦.୫୦୬ | ଧାନ ଏକ | |
| ୪୬ | ୨୦୫ | ୦.୨୪୭ | ୦.୧୦୨ | ଘରବାରି | ଭାଗିରଥି ପୂଜାରୀ ପି:ନରସିଂହ ପୂଜାରୀ ଜା: ଭୁମିଆ ବା: ନିଜଗାଁ |
| ୫୬ | ୭୫ | ୩.୫୩୪ | ୦.୯୮୩ | ଡଙ୍ଗର ଏକ | ମଧୁ ଖିଲ ପି:ହରି ଖିଲ ଜା: ଗାଦବା ବା: ନିଜଗାଁ |
| ୫୭ | ୫୨ | ୨.୫୯୫ | ୧.୯୫୯ | ଧାନ ଏକ | ମଧୁ ବୁରୁଡ଼ି. ମୁକୁନ୍ଦ ବୁରୁଡ଼ି ପି: ଘାସି ବୁରୁଡ଼ି ଜା: କଟିଆ ବା: ପାଣିରି ପାଣି |
| | ୩୩ | ୦.୨୪୦ | ୦.୨୪୦ | ଧାନ ଏକ | |
| ୫୯ | ୨୦୪ | ୦.୧୦୧ | ୦.୦୧୬ | ଘରବାରି | ମୋହିନୀ ସିଂ ପି:ସର୍ଦ୍ଦାର ସିଂ ଜା: ରାଉର ବା: ନିଜଗାଁ |
| | ୧୯୫ | ୦.୨୦୦ | ୦.୦୧୫ | ଘରବାରି | |
| | ୧୯୩ | ୦.୦୫୨ | ୦.୦୪୭ | ଘରବାରି | |
| | ୧୯୨ | ୦.୪୦୦ | ୦.୪୦୦ | ଘରବାରି | |
| ୬୬ | ୭୨ | ୧.୭୨୫ | ୦.୧୦୦ | ଡଙ୍ଗର ଏକ | ରାମ ସାନ୍ତା ପି:ସନା ସାନ୍ତା ଜା: କନ୍ଧ ବା: ନିଜଗାଁ |
| | ୭୦ | ୦.୯୬୪ | ୦.୭୧୮ | ଡଙ୍ଗର ଏକ | |
| ୬୮ | ୧୬୭ | ୫.୨୪୫ | ୦.୦୭୮ | ଧାନ ଏକ | ଲଇଛନ ମାଝି ପି:ଲକ୍ଷ୍ମୁ ମାଝି ଜା: କୋୟା ବା: ନିଜଗାଁ |
| ୮୦ | ୧୮୨ | ୧.୮୫୧ | ୧.୦୬୨ | ଧାନ ଏକ | ସନିଆ ସାନ୍ତା, ଧନିଆ ସାନ୍ତା, ଇନ୍ଦ୍ରା ସାନ୍ତା ପି: ଆଦୁ ସାନ୍ତା, ତୁଳସା ସାନ୍ତା ସ୍ୱା: ଆଦୁ ସାନ୍ତା ଜା: କନ୍ଧ ବା: ନିଜଗାଁ |
| | ୭୧ | ୦.୪୪୦ | ୦.୪୪୦ | ଧାନ ଦୁଇ | ସନୁ ଖିଲ, ଭର୍ଦ୍ଦବ ଖିଲ, ଧନପତି ଖିଲ ପି: ମଙ୍ଗଳା ଖିଲ ଜା: କଟିଆ ବା: ନିଜଗାଁ |
| | ୬୮ | ୧.୧୬୧ | ୧.୦୪୮ | ଧାନ ଏକ | |
| ୯୫ | ୭୪ | ୩.୨୧୨ | ୧.୨୨୮ | ଡଙ୍ଗର ଏକ | ସୋମନାଥ ଗାଦବା ପି:ସମରା ଗାଦବା ଜା: ଗାଦବା ବା: ନିଜଗାଁ |
| ୯୮ | ୮୭ | ୧.୯୭୭ | ୦.୦୫୩ | ଧାନ ଏକ | ହରି ମୁଦୁଲି ପି:ଦେବ ମୁଦୁଲି ଜା: ପରଜା ବା: ନିଜଗାଁ |
| ୧୩୬ | ୭୯ | ୦.୪୬୯ | ୦.୪୬୯ | ଜଙ୍ଗଲ | ନରସିଂ ପୁଲା, ପି: ଚକ୍ର ପୁଲା, ଜା ଭୁମିଆ, ବା- ବିଜାପାଦର |
| ୧୪୦ | ୬୪୭/୧ | ୦.୬୬୧ | ୦.୨୩୪ | ଜଙ୍ଗଲ | ସମନ୍ଧ ଆରଙ୍ଗି ପି:ବୁରୁଣ୍ଡୁ ଆରଙ୍ଗି ଜା: ଭୁମିଆ ବା: ବିଜାପାଦର |
| ୧୭୪ | ୬୪୭/୨ | ୦.୬୬୧ | ୦.୧୪୫ | ଜଙ୍ଗଲ | ମନ ଅରଙ୍ଗି ପି: ବୁର୍ଣ୍ଣୁ ଅରଙ୍ଗି, ଜା: ଭୁମିଆ ବା: ବିଜାପଦର |
| ୧୩୯ | ୪୫/୨ | ୦.୪୪୯ | ୦.୪୩୯ | ଜଙ୍ଗଲ | ବାସୁଦେବ ମାଝି ପି:ମଙ୍ଗଳା ମାଝି ଜା: ଭୁମିଆ ବା: ବିଜାପାଦର |
| ୧୩୬ | ୪୫/୧ | ୦.୪୬୬ | ୦.୪୬୧ | ଜଙ୍ଗଲ | ମଙ୍ଗଳା ପୁଲା ପି: ଚକ୍ର ପୁଲା, ଜା: ଭୁମିଆ ବା: ବିଜାପଦର |
| ୧୫୯ | ୪୫/୩ | ୦.୪୬୬ | ୦.୨୬୧ | ଜଙ୍ଗଲ | ରାମ ପୁଲା ପି: ଚକ୍ର ପୁଲା, ଜା: ଭୁମିଆ ବା: ବିଜାପଦର |
| | ମୋଟ | ୪୯.୩୪୮ | ୧୮.୮୦୩ | | |

ତଫସିଲ -ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : ମାଲକାନଗିରି — ତହସିଲ : ମାଲକାନଗିରି


| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ .

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ମାଲକାନଗିରି

OIPR-

# ଫେବୃଆରୀ ୧୩ରେ 'ରକ୍ତ ଗୋଲାପ'



ନିକଟରେ ନୂଆ ଓଡ଼ିଆ ସିନେମା 'ରକ୍ତ ଗୋଲାପ'ର ଟିଜର୍ ରିଲିଜ୍ ହୋଇଥିଲା। ଯାହାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ତେବେ ସିନେମାଟି ଫେବୃଆରୀ ୧୩ରେ ପ୍ରେକ୍ଷାଳୟକୁ ଆସିବ। ଏହାର ମୁଖ୍ୟ ଚରିତ୍ରରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କୁ ଦେଖିବାକୁ ମିଳିବ। ଏଲିନାଙ୍କ ବ୍ୟତୀତ ଏଥିରେ ଅଭିଷେକ ଗିରି, ଚୌଧୁରୀ ଜୟ ପ୍ରକାଶ ଦାସ, ହର ରଥ, ସମରେଶ ରାଉତରାୟ, ଉଦି ଗୁରୁ ପ୍ରମୁଖ ନଜର ଆସିବେ। ସେହିପରି ସିନେମାର କାହାଣୀରେ ଲଭ୍, ଇମୋସନ, ସସପେନ୍ସ ଏବଂ ଥ୍ରିଲର ମଧ୍ୟ ଦେଖିବାକୁ ମିଳିବ। ଅଶ୍ରୁଜିତ ମହାପାତ୍ର ଏବଂ ଶୋଭନ ଦାସଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନାରେ ଅଛନ୍ତି ଶିଶିର କୁମାର ସାହୁ ଏବଂ ପିନାକୀ ସିଂହ। ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ଗଣେଶ ବାରିକ। ଅନ୍ୟପଟେ ସିନେମା ରିଲିଜ୍ ପୂର୍ବରୁ ଏହାର ଗୀତ 'ପାତଲ ଘଣ୍ଟା' ଟ୍ରେଣ୍ଡ କରୁଛି। ■

# ସରସ୍ୱତୀ ପୂଜାରେ ଶୀର୍ଷକ ଘୋଷଣା






ରଜ ପାଇଁ ଏବେଠୁ ଆରମ୍ଭ ହୋଇ ଗଲାଣି ଓଡ଼ିଆ ସିନେମାର ସଜବାଜ। ଓଡ଼ିଶାର ଆଗଧାଡ଼ିର ପ୍ରଯୋଜନା ସଂସ୍ଥା 'ମୁନ୍ ଟିଭି ମୁଭିଜ୍' ତା'ର ରଜ ସିନେମା ଘୋଷଣା କରିଛି। ଅବଶ୍ୟ ଏହାର ଶୀର୍ଷକ ସମ୍ପର୍କରେ ଏବେ କିଛି କୁହାଯାଇ ନାହିଁ। ତେବେ ଏହାର ଟାଇଟଲ୍ ସରସ୍ୱତୀ ପୂଜା ଅବସରରେ ହିଁ ଘୋଷଣା କରାଯିବ। ଏହି ସିନେମାର ମୁଖ୍ୟ ଭୂମିକାରେ ଅମ୍ଲାନ, ଏଲିନା ଓ ସୁପ୍ରିୟା ନଜର ଆସିବା କୁହାଯାଉଛି। ସିନେମାର ପ୍ରଯୋଜନାରେ ସଚ୍ଚିକାନ୍ତ ଜେନା ଅଛନ୍ତି ଏବଂ ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ। ସେହିପରି ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ବୈଦ୍ୟନାଥ ଦାସ ଓ ଏହାର କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ଏ କାହାଣୀଟି ଏକ ସତ୍ୟ ଘଟଣାରୁ ଅନୁପ୍ରାଣିତ। ଏହାସହ ରଜ ବଜାରରେ ସିନେମାଟି ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ପ୍ରଯୋଜକ ଓ ନିର୍ଦ୍ଦେଶକ ଆଶା ରଖିଛନ୍ତି। ■

# ଡିସିପି ଭୂମିକାରେ ଭୂମି



କ୍ରାଇମ୍ ଥ୍ରିଲର ୱେବ୍ ସିରିଜ୍ 'ଦଲଦଲ'ର ଦମ୍‌ଦାର୍ ଟିଜର୍ ରିଲିଜ୍ ହୋଇଛି। ଏହାର ମୁଖ୍ୟ ଚରିତ୍ରରେ ଭୂମି ପେଡନେକର୍ ଅଛନ୍ତି। ଏଥିରେ ସେ ଡିସିପି ଭୂମିକାରେ ନଜର ଆସିବେ। ଟିଜର୍‌ରେ ଭୂମିଙ୍କ ଦମଦାର ଲୁକ୍ ସାମ୍ନାକୁ ଆସିଛି। ଏହି ସିରିଜ୍ ମୁମ୍ବାଇ ପୃଷ୍ଠଭୂମି ଉପରେ ଆଧାରିତ। ଏଥିରେ ସମାରା ତିଜୋରି, ଆଦିତ୍ୟ ରାୱଲ ବି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହାର ପ୍ରିମିୟର ଜାନୁଆରୀ ୩୦ ତାରିଖରେ ପ୍ରାଇମ ଭିଡିଓରେ ହେବ। ତେବେ 'ଭିଣ୍ଡି ବାଜାର' ଉପରେ ଆଧାରିତ 'ଦଲଦଲ'କୁ ସୁରେଶ ତ୍ରିବେଣୀ ଲେଖିଛନ୍ତି। ଏହାର ନିର୍ଦ୍ଦେଶନା ଅମୃତ ରାଜ ଗୁପ୍ତା ଦେଇଛନ୍ତି। ■

# ଧନୁଷ-ମୃଣାଳଙ୍କ ବାହାଘର!



ସାଉଥ୍ ଷ୍ଟାର୍ ଧନୁଷ ଏବଂ ମୃଣାଳ ଠାକୁର ପରସ୍ପରକୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ ଦୁହିଁଙ୍କ ବିବାହ ଖବର ଏହି ଚର୍ଚ୍ଚାକୁ ଅଧିକ ସରଗରମ କରିଛି। କୁହାଯାଉଛି ଦୁହେଁ କୁଆଡ଼େ ଫେବୃଆରୀ ୧୪ ରେ ବିବାହ କରିବେ। ଅବଶ୍ୟ ଏହା ଉପରେ ଦୁହେଁ କିଛି କହି ନାହାନ୍ତି। କେବଳ ସେତିକି ନୁହେଁ, ସେମାନଙ୍କର ଏହି ବିବାହରେ କେବଳ ପରିବାର ଓ ସାଙ୍ଗସାଥୀ ଯୋଗ ଦେବେ। ୨୦୨୫ ଅଗଷ୍ଟରେ 'ସନ୍ ଅଫ୍ ସର୍ଦ୍ଦାର' ସିନେମାରୁ ଦୁହିଁଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସେହିପରି ଧନୁଷ ଏବଂ ମୃଣାଳ ଏକାଠି ବାହାରକୁ ଯିବାରେ ଅସହଜ ଅନୁଭବ କରି ନ ଥାନ୍ତି। ତେବେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା କୁହାଯାଉଥିଲେ ବି ସେମାନେ ଭଲ ସାଙ୍ଗ ବୋଲି ମୃଣାଳ ପୂର୍ବରୁ କହିସାରିଛନ୍ତି। ଅନ୍ୟପଟେ ଧନୁଷ ଓ ମୃଣାଳ ବିବାହ ସମ୍ପର୍କରେ ମୁହଁ ଖୋଲିଲେ ହିଁ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ■

# ଶାହିଦ୍-ତ୍ରିପ୍ତିଙ୍କ ରୋମାନ୍ସ



ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଅଭିନୀତ ସିନେମା 'ଓ ରୋମିଓ'ର ପ୍ରଥମ ଗୀତ ରିଲିଜ୍ ହୋଇଛି। 'ହମ୍ ତୋ ତେରେ ଲିଏ ଥେ' ଗୀତଟିକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଗୀତଟିରେ କଣ୍ଠଦାନ କରିଛନ୍ତି ଅରିଜିତ୍ ସିଂହ। ଗୀତଟିର ଆରମ୍ଭ ତ୍ରିପ୍ତି ଡିମରିଙ୍କଠାରୁ ହୋଇଛି। ତେବେ ଏଥିରେ ଶାହିଦ ଏବଂ ତ୍ରିପ୍ତିଙ୍କ ରୋମାନ୍ସ ଦେଖିବାକୁ ମିଳିଛି। ତେଣୁ ଏହି ଯୋଡ଼ିକୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ସେହିପରି ଗୀତଟିରେ ପ୍ରେମ, ରୋମାନ୍ସ, ଆକ୍ସନ ସବୁକିଛି ଅଛି। କେବଳ ସେତିକି ନୁହେଁ, ଏଥିରେ ଶାହିଦ୍‌ଙ୍କ ରଫ୍ ଲଭର୍ ଲୁକ୍ ବି ଆକର୍ଷଣୀୟ ହୋଇଛି। ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଏହି ସିନେମା ଫେବୃଆରୀ ୧୩ରେ ରିଲିଜ୍ ହେବ। ସିନେମାରେ ନାନା ପାଟେକର, ବିକ୍ରାନ୍ତ ମେସି, ଅବିନାଶ ତିୱାରି, ଦିଶା ପଟାନି, ତମନ୍ନା ଭାଟିୟା, ଫରିଦା ଜଲାଲ ପ୍ରମୁଖ ଅଭିନୟ କରିଛନ୍ତି। ■

ପରଦା ପଛର କାହାଣୀ

# ଗୋଟିଏ ଦୃଶ୍ୟ ପାଇଁ ୫୦ ହଜାର ଲୋକ

ବଲିଉଡ୍‌ରେ ନିର୍ମିତ ଅନେକ ଫିଲ୍ମ ସୀମିତ ସଂସାଧନ, କମ ବଜେଟ୍ ତଥା ବିନା ଭିଏଫ୍‌ଏକ୍ସରେ ମଧ୍ୟ ସୁପରହିଟ୍ ସାବ୍ୟସ୍ତ ହୋଇଛି। ସେମିତି ଏକ କ୍ଲଟ୍ କ୍ଲାସିକ୍ ଫିଲ୍ମ ହେଉଛି ୨୦୦୧ରେ ମୁକ୍ତିଲାଭ କରିଥିବା 'ଗଦର: ଏକ ପ୍ରେମ୍ କଥା'। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତା ସନ୍ନି ଦେଓଲ ଏବଂ ଅଭିନେତ୍ରୀ ଅମିଷା ପଟେଲଙ୍କ ଚମତ୍କାର ଅଭିନୟ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଅନିଲ ଶର୍ମା। ନିକଟରେ ସେ ଫିଲ୍ମକୁ ନେଇ ଏକ ରୋଚକୀୟ କଥା ସେୟାର୍ କରିଛନ୍ତି 'ଗଦର: ଏକ ପ୍ରେମ୍ କଥା'। ଅନିଲ ଶର୍ମାଙ୍କ କହିବାନୁଯାୟୀ, ଫିଲ୍ମରେ ଥିବା ଗହଳି ଦୃଶ୍ୟ ଆଧୁନିକ ଇଫେକ୍ଟ ବିନା ୫୦ ହଜାର ଲୋକଙ୍କୁ ନେଇ ସୁଟିଂ କରାଯାଇଥିଲା। ଏଥିସହ ଫିଲ୍ମ ସୁଟିଂକୁ ନେଇ ହୋଇଥିବା ସମସ୍ୟା ବାବଦରେ ମଧ୍ୟ ସେ କହିଛନ୍ତି। ଏଥିରେ ୧୯୪୭ ମସିହାରେ ହୋଇଥିବା ଭାରତ- ପାକିସ୍ତାନ ବିଭାଜନର ଦୃଶ୍ୟ ଦେଖାଯାଇଥିଲା। ଯେଉଁଥିରେ ୫୦-୬୦ ହଜାର ଲୋକଙ୍କ ସମାଗମ କରିବା ସହଜ ନ ଥିଲା। ଏହି ଜନଗହଳି କୌଣସି ଭିଏଫ୍‌ଏକ୍ସ ନୁହେଁ, ଏହା ବାସ୍ତବ ଦୃଶ୍ୟ ଥିଲା। ଏତେ ସଂଖ୍ୟାରେ ଲୋକଙ୍କୁ ଏକତ୍ର କରି ତାଙ୍କୁ ନିୟନ୍ତ୍ରଣ କରିବା ଖୁବ୍ ଆହ୍ୱାନ ଥିଲା। ଏଥିପାଇଁ ସେ ନିଆରା ଉପାୟ ଆପଣାଇଥିଲେ। ସେ ଫିରୋଜପୁର (ପଞ୍ଜାବ)ର ସ୍ଥାନୀୟ ବିଧାୟକଙ୍କୁ ଭେଟି ତାଙ୍କ ସହଯୋଗରେ ୨୦-୩୦ ଗାଁର ସରପଞ୍ଚଙ୍କର ଏକ ବୈଠକ ଡାକିଥିଲେ। ପ୍ରତ୍ୟେକ ସରପଞ୍ଚଙ୍କୁ ଦୁଇ ହଜାର ଲୋକ ନେଇ ଆସିବା ପାଇଁ ନିବେଦନ କରିଥିଲେ। ସେ ୧୯୪୭ ମସିହାରେ ବିଭାଜନକୁ ନେଇ ଫିଲ୍ମ ନିର୍ମାଣ ହେଉଥିବା କହିଥିଲେ। ଏହାଦ୍ୱାରା ଲୋକେ ଖୁବ୍ ଉତ୍ସାହ ଏବଂ ଆଗ୍ରହର ସହ ଆଗେଇ ଆସିଥିଲେ। ଫଳରେ ସୁଟିଂ ଦିନ ସହଜରେ ୫୦-୬୦ ହଜାର ଲୋକ ଏକତ୍ର ହୋଇଗଲେ। ■



ସାକ୍ଷାତକାର

# 'ମନ ପସନ୍ଦର ଚରିତ୍ର ମିଳି ନାହିଁ"

**ପ୍ରତିମା ମହାନ୍ତି, ଅଭିନେତ୍ରୀ**

ସଂଘର୍ଷର ଅନ୍ୟନାମ ସଫଳତା। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଅନେକ ବାଧା ବିଘ୍ନ ସାମ୍ନା କରିବାକୁ ପଡ଼ିଥାଏ। ଏହି ବାଧାବିଘ୍ନକୁ ଗୋଡ଼ରେ ଆଡ଼େଇ ଅଭିନେତ୍ରୀ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍ ଅନ୍ତର୍ଗତ ତରାସ ଗାଁ'ର ପ୍ରତିମା ମହାନ୍ତି। ସେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ। ହେଲେ ଅଭିନେତ୍ରୀ ହେବାକୁ ସେ କରିଛନ୍ତି ଅନେକ ସଂଘର୍ଷ। ପଥପ୍ରାନ୍ତ ନାଟକରୁ କମେଡି ଶୋ', ମଞ୍ଚନାଟକ, ଧାରାବାହିକ, ୱେବ୍ ସିରିଜ୍ ଆଉ ସିନେମା ସବୁଥିରେ ସେ କାମ କରିଛନ୍ତି। ବହୁମୁଖୀ ପ୍ରତିଭାର ଅଧିକାରିଣୀ ପ୍ରତିମା ଖୁବ୍‌ଶୀଘ୍ର ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବେ। ତେବେ ଅଭିନେତ୍ରୀ ହେବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

● ପିଲାଦିନେ ଓଡ଼ିଶୀ ନାଚୁଥିଲି। ଅନେକ ପ୍ରୋଗ୍ରାମରେ ଭାଗ ନେଇଛି। ମୋର ବିବାହ ହୋଇଯାଇଛି। ଦୁଇଟି ସନ୍ତାନ ଜନ୍ମ ହୋଇଛନ୍ତି। ସର୍ଜରୀ ଯୋଗୁଁ ପରବର୍ତ୍ତୀ ସମୟରେ ନାଚିବା ସହଜ ହୋଇନଥିଲା। ଲକ୍‌ଡାଉନ୍‌ରେ ପ୍ରଜ୍ଞାନ ଖଟୁଆଙ୍କ ସହିତ ସାକ୍ଷାତ ହୋଇଥିଲା। ତାଙ୍କ ମାର୍ଗଦର୍ଶନରେ 'ମିଷ୍ଟର ନନ୍‌ସେନ୍‌ସ' କମେଡି ଶୋରୁ କ୍ୟାରିୟର୍ ଆରମ୍ଭ କରିଲି। ଧାରାବାହିକ 'ଝିଅ ଆମର ନୂଆ ବୋହୂ'ରେ ଗୋଲାପ ଓ 'ଅତୁଟ ବନ୍ଧନ'ରେ ଚୁମ୍‌କି ଚରିତ୍ରରେ ଅଭିନୟ କରିଛି। ହେଲେ ମୋ ମନକୁ ସନ୍ତୁଷ୍ଟି ମିଳିନଥିଲା। ଗୁଲୁଆଙ୍କ ସହ ମୁଁ 'ବାକି ନାହିଁ ପାର୍ଟ-୪', 'ଚିତାକଟା'ରେ କାମ କରିଛି ମଧ୍ୟ। ତାସହ 'ମେକିଂ ନ୍ୟୁଜ୍', 'ଶଙ୍କରା ବକରା', 'ପଲଟିକାଲ ସର୍କସ', 'ଲୋକ ନକଲି କଥା ଅସଲି' ଆଦିରେ କାମ କରିବାକୁ ସୁଯୋଗ ମିଳିଛି। ୟୁଟ୍ୟୁବ୍‌ରେ ପାଖାପାଖି ମୋର ୭୦ରୁ ଊର୍ଦ୍ଧ୍ୱ କମେଡି ଭିଡିଓ ରହିଛି।

**ଅଭିନୟ କରିବା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା?**

● ଜଣେ ଅଭିନେତ୍ରୀ ସବୁ ଚରିତ୍ର କରିପାରିବେ। କମେଡି ଶୋ କରିବା ସମୟରେ ପ୍ରଜ୍ଞାନ ଖଟୁଆ ମୋତେ ଗାଇଡ୍ କରୁଥିଲେ। ତାଙ୍କ ପାଇଁ ଆଜି ମୋର ପରିଚୟ। ବିନା ସ୍କ୍ରିପ୍ଟରେ କିପରି ସଂଳାପ କହିପାରିବି ସେ କୌଶଳ ତାଙ୍କଠୁ ଶିଖିଛି। ତେଣୁ ପ୍ରଥମେ ପ୍ରଥମେ କ୍ୟାମେରା ସାମ୍ନାରେ ମୁଁ କିଛି ଜାଣି ପାରିନଥିଲେ ବି ଅଭିନୟ କରିବା ସହଜ ହୋଇଥିଲା।

**ବଡ଼ ପରଦାରେ କାମ କରିବାକୁ କେମିତି ସୁଯୋଗ ମିଳିଲା?**



● ସୋନି ଲିଭ୍‌ରେ 'ଜେଙ୍ଗାବୁରୁ' ୱେବ୍ ସିରିଜ୍ ଅଡିସନ୍ ଦେବା ସମୟରେ ମୋତେ 'ହୁଙ୍କାର' ଓଡ଼ିଆ ସିନେମାରେ କାମ ମିଳିଥିଲା। ଏଥିରେ ମୁଁ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ସହିତ କାମ କରିଛି। ଖୁବ୍‌ଶୀଘ୍ର ଦର୍ଶକ ମୋତେ ଏକ ବଡ଼ ପ୍ରୋଜେକ୍ଟରେ ଦେଖିବାକୁ ପାଇବେ। ମୋର ସୌଭାଗ୍ୟ ଯେ, ଓଡ଼ିଶାର ସୁପରଷ୍ଟାର୍‌ଙ୍କ ସହିତ ମୋତେ କାମ କରିବାକୁ ସୁଯୋଗ ମିଳିଛି। ସେହିପରି ଦୀପକ ଜେନାଙ୍କ 'ମାଣିକ' ମଞ୍ଚନାଟକରେ ଅଭିନୟ କରିବାକୁ ସୁଯୋଗ ପାଇଛି। 'ସାଇ ତମେ ସତରେ ଈଶ୍ୱର', 'ସାଇ ନାମ' ଆଦି ମଞ୍ଚ ନାଟକ କରିଛି।

**ଅଭିନେତ୍ରୀ ହେବାକୁ କେତେ ସଂଘର୍ଷ କରିଛନ୍ତି?**

● ମୋ ପାଖେ ଶବ୍ଦ ନାହିଁ। ଅଭିନେତ୍ରୀ ସ୍ୱପ୍ନ ପୂରା କରିବାକୁ ଅନେକ ସଂଘର୍ଷ କରିଛି। ମାତ୍ର କେଇ ଟଙ୍କା ପାଇଁ ମୁଁ ବୈଶାଖ ମାସ ଖରାରେ ପଥପ୍ରାନ୍ତ ନାଟକ କରିଛି। ଜୁନିଅର କଳାକାର ଭାବେ କାମ କରିଛି। କାମ ଖଣ୍ଡେ ପାଇବାକୁ ଅନେକ ଜଣଙ୍କ ପାଖକୁ ଦୌଡ଼ିଛି ଆଉ ଲକ୍ଷ ବାର ଫୋନ୍ କରିଛି।

**ଓଡ଼ିଶୀ ନୃତ୍ୟ ଯୋଗୁଁ ଅଭିନୟ କରିବା ସହଜ ହୋଇଥିଲା କି?**

● ନିଶ୍ଚିତ। ଓଡ଼ିଶୀ ନୃତ୍ୟରେ ଅଙ୍ଗଭଙ୍ଗୀ ଆଉ ଚାହାଣୀ ଦୁଇଟି ଅଭିନୟରେ ଗୁରୁତ୍ୱ ବହନ କରେ। ଯାହାକି ଜଣେ କଳାକାର ପାଇଁ ମୁଖ୍ୟ ଅସ୍ତ୍ର।

**ଅଭିନୟକୁ କେତେ ଗୁରୁତ୍ୱ ଦିଅନ୍ତି?**

● ଅଭିନୟ ଶିଖିବାକୁ ବିଧିବଦ୍ଧ ତାଲିମ ନେଇ ନାହିଁ। ସମସ୍ତଙ୍କଠାରୁ ଅଭିନୟ ଶିଖେ। ଯେଉଁ ଚରିତ୍ର ମିଳେ, ମୁଁ ଚରିତ୍ରକୁ ଜୀବନ୍ତ କରିବାକୁ ଆପ୍ରାଣେ ଚେଷ୍ଟା କରେ। ଶିଖିବା ମନୋବୃତ୍ତି ମୋର ସର୍ବଦା ରହିବ।

**ଆଗାମୀ ଯୋଜନା?**

● ଭବିଷ୍ୟତରେ ଯାତ୍ରାରେ ଅଭିନୟ କରିବାକୁ ଯୋଜନା କରିଛି। ଏଥିପାଇଁ ପ୍ରସ୍ତୁତ କରୁଛି ମଧ୍ୟ।

**ଜୀବନର କିଛି ଅବସୋସ?**

● କମେଡିଠାରୁ ଆରମ୍ଭ କରି ଓଡ଼ିଆ ସିନେମାରେ କାମ କଲେ ବି ମୋତେ ଖୁସି ଦେବା ପରି ମନ ପସନ୍ଦର ଚରିତ୍ର ଆଜି ଯାଏଁ ମିଳି ନାହିଁ।

**ଅଭିନୟ ଜଗତକୁ ଆସୁଥିବା ଯୁବପିଢ଼ିଙ୍କୁ କ'ଣ କହିବେ?**

● ଅନ୍ୟମାନଙ୍କ ଉପରେ ଭରସା ନ କରି ନିଜ କାମକୁ ଗୁରୁତ୍ୱ ଦିଅନ୍ତୁ। ଯାହା ବି ଚରିତ୍ର ମିଳୁଛି, ତାକୁ କେମିତି ସଠିକ୍ ଭାବେ ତୁଲାଇବେ ସେ କଥାକୁ ଧ୍ୟାନ ଦିଅନ୍ତୁ। ଧୈର୍ଯ୍ୟ ରଖି କାମ କଲେ ଫଳ ନିଶ୍ଚୟ ମିଳିବ। ■

ଇନ୍ଦୋରରେ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ଆଜି

# ଭାରତର ସିରିଜ୍ ଟାର୍ଗେଟ୍, ଇତିହାସ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

ଇନ୍ଦୋର,୧୭।୧(ଏଜେନ୍ସି):

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମୁକାବିଲା ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ରେ ଆସନ୍ତାକାଲି ଅନୁଷ୍ଠିତ ହେବ। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ସମାନ ସ୍ଥିତିରେ ରହିଛନ୍ତି। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିରିଜ୍ ଜିତିବ। ଭାରତରେ ଖେଳିଥିବା ଗତ ୭ଟି ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇନାହିଁ। ଏଠାରେ ଯଦି ନ୍ୟୁଜିଲାଣ୍ଡ ବିଜୟୀ ହୁଏ, ତେବେ ଭାରତୀୟ ମାଟିରେ ୮ମ ଗସ୍ତରୁ ପ୍ରଥମଥର ସିରିଜ୍ ଜିତି ଇତିହାସ ସୃଷ୍ଟି କରିବ। ଏଣୁ ଉଭୟ ଦଳ ନିକଟରେ ସମ୍ମାନ ରଖିବା ଓ ରେକର୍ଡ କରିବାର ସୁଯୋଗ ରହିଛି। ଭାରତ ବିଜୟୀ ହେଲେ ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ମାଟିରେ ସିରିଜ୍‌ରେ ଅପରାଜେୟ ରହିବ।



ଭାରତ ଗସ୍ତରେ ଆସିଥିବା ବର୍ତ୍ତମାନର ଦଳକୁ ନ୍ୟୁଜିଲାଣ୍ଡର 'ବି' ଟିମ୍ କୁହାଯାଉଛି। ଦଳର ଅଧିନାୟକଙ୍କ ସମେତ ୬ଜଣ ନିୟମିତ ଖେଳାଳି ଭିନ୍ନ କାରଣ ଲାଗି ଆସିନାହାନ୍ତି। କିନ୍ତୁ ଡଗ୍ ବ୍ରେସ୍‌ୱେଲଙ୍କ ନେତୃତ୍ୱରେ ଗଠିତ ଦଳ ଭାରତକୁ ନାକେଦମ କରିବା ସହ ସିରିଜ୍ ଜିତି ଇତିହାସ ସୃଷ୍ଟି କରିବାର ଦ୍ୱାରଦେଶରେ ପହଞ୍ଚିଛି। ଏପରିକି ଦଳର ଦୁଇ ଖେଳାଳି ଡାରିଲ ମିଚେଲ ଓ କାଏଲ ଜାମିସନ ଭାରତୀୟଙ୍କୁ ଆଖିରୁ ନିଦ ହଜାଇ ଦେଇଛନ୍ତି। ଏପରିକି ଗତ ମୁକାବିଲାରେ ଡେବ୍ୟୁ କରିଥିବା ୩୧ ବର୍ଷୀୟ ସ୍ପିନର ଜେଡେନ ଲେନକ୍ସଙ୍କ ବୋଲିଂ ପୁଣିଥରେ ଭାରତୀୟ ବ୍ୟାଟରଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଛି। ତେବେ ଇନ୍ଦୋରରେ ଭାରତ କିପରି ଖେଳିବ ତାହା ଉପରେ ଇତିହାସ ସୃଷ୍ଟି ହେବାର ସୁଯୋଗ ରହିବ।

ଭାରତୀୟ ଦଳର ପ୍ରଦର୍ଶନ ଯୋଗୁଁ ଚୂଡ଼ାନ୍ତ ଏକାଦଶରେ କାହାକୁ ଖେଳାଇବେ କି ନ ଖେଳାଇବେ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଦଳରେ ଦୁଇ ଖେଳାଳିଙ୍କ ସ୍ଥାନ ବଦଳିବାର ସମ୍ଭାବନା ରହିଛି। ଅଲ୍‌ରାଉଣ୍ଡର ନୀତୀଶ ରେଡ୍ଡୀଙ୍କ ସ୍ଥାନରେ ଆୟୁଷ ବଦୋନୀ କିମ୍ବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଅର୍ଶଦୀପ ସିଂହ ସାମିଲ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଦଳରେ ସେପରି କିଛି ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି।

**ଆରମ୍ଭ: ଅପରାହ୍ଣ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ଇନ୍ଦୋରରେ ଛୋଟ ବାଉଣ୍ଡାରୀ, ରନ୍ ବର୍ଷା ସମ୍ଭାବନା

ଆସନ୍ତାକାଲି ଖେଳାଯିବାକୁ ଥିବା ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ର ପିଚ୍ ବ୍ୟାଟରଙ୍କୁ ଅତ୍ୟଧିକ ସୁହାଇଥାଏ। ଏଠାରେ ବାଉଣ୍ଡାରୀ ଛୋଟ ହୋଇଥିବାରୁ ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ରନ୍ ବର୍ଷା ହୋଇଥାଏ। ଏଠାରେ ୧୪ ବର୍ଷ ପୂର୍ବେ ବୀରେନ୍ଦ୍ର ସେହ୍ୱାଗ ୨୧୯ ରନ୍ କରିଥିଲାବେଳେ ଭାରତ ୫ ୱିକେଟରେ ୪୧୮ ରନ୍ କରିଥିଲା। ଏଠାରେ ଖେଳାଯାଇଥିବା ଗତ ଦୁଇଟି ମ୍ୟାଚ୍‌ରେ ଭାରତ ଯଥାକ୍ରମେ ୩୯୯ ଓ ୩୮୫ ରନ୍ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷଥର ଭାରତ ୩୮୫ ରନ୍‌ରେ ଆଉଟ ହୋଇଥିଲା। ଏଣୁ ଏଠାରେ ଛୋଟିଆ ବାଉଣ୍ଡାରୀ ହୋଇଥିବାରୁ ଉଭୟ ଦଳ ବ୍ୟାଟରଙ୍କ ଉପରେ ଏହି ମ୍ୟାଚ୍ ନିର୍ଭର କରିବ। ଭାରତୀୟ ଦଳରେ ଏକାଧିକ ଷ୍ଟ୍ରୋକ୍ ମେକର ଥିବାରୁ ଲଢ଼େ ରୋମାଞ୍ଚକ ହେବ ବୋଲି ଆଶା କରିବା ସ୍ୱାଭାବିକ।

ବିଶ୍ୱକପ୍ ପରମ୍ପରା ଭାଙ୍ଗିଲା

## ହାତ ମିଳାଇଲେ ନାହିଁ ଭାରତ-ବାଂଲା ଅଧିନାୟକ

ବୁଲାୱାୟୋ,୧୭।୧(ଏଜେନ୍ସି): ଏସିଆ କପ୍‌ର ପରମ୍ପରାର ଝଲକ ଆଜି ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ମୁକାବିଲାରେ ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ର ଟସ୍ ପଡ଼ିଲାବେଳକୁ ଉଭୟ ଦଳର ଅଧିନାୟକ ପଡ଼ିଆରେ ରହିଥିଲେ। କିନ୍ତୁ ବାଂଲାଦେଶର କାମଚଳା ଅଧିନାୟକ ଜୱାଦ୍ ଆବ୍ରାର ଟସ୍ ଜିତିବା ପରେ ସାକ୍ଷାତକାର ଦେଇଥିଲେ। ପରେ ଭାରତୀୟ ଅଧିନାୟକ ଆୟୁଷ ମାହତ୍ରେ ମଧ୍ୟ ସାକ୍ଷାତକାର ଦେଇ ପାଭିଲିୟନ ଫେରିଥିଲେ। କିନ୍ତୁ ଟସ୍ ପରେ ପାରମ୍ପରିକ ହ୍ୟାଣ୍ଡସେକ୍ କେହି କରି ନ ଥିଲେ।

ପୂର୍ବରୁ ପହଲଗାମ ଆକ୍ରମଣର ବିରୋଧ କରି ଏସିଆ କପ୍‌ରେ ପାକିସ୍ତାନ ଅଧିନାୟକଙ୍କ ସହ ଭାରତୀୟ ଅଧିନାୟକ ହ୍ୟାଣ୍ଡସେକ୍ କରି ନ ଥିଲେ। ଏପରିକି ଭାରତ ଚାମ୍ପିଅନ ହୋଇଥିଲେ ମଧ୍ୟ ଏସିଆ କ୍ରିକେଟ କାଉନ୍ସିଲର ଅଧ୍ୟକ୍ଷ ଥିବା ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏବେ ମଧ୍ୟ ନକ୍‌ଭୀଙ୍କ କବ୍‌ଜାରେ ଏସିଆ କପ୍ ଟ୍ରଫି ରହିଛି। ସେହିପରି ଦିନିକିଆ ମହିଳା ବିଶ୍ୱକପ୍‌ରେ ମଧ୍ୟ ଉଭୟ ଦେଶର ଅଧିନାୟିକା ହ୍ୟାଣ୍ଡସେକ୍ କରି ନ ଥିଲେ। ଏହି ହ୍ୟାଣ୍ଡସେକ୍ ଡ୍ରାମା ଏବେ ୧୯ ବର୍ଷରୁ କମ୍ ଟିମ୍‌କୁ ବ୍ୟାପିଛି।

## ବିଶ୍ୱକପ୍‌ରେ ଅର୍ଦ୍ଧଶତକ: ସୂର୍ଯ୍ୟବଂଶୀ ସର୍ବକନିଷ୍ଠ

ବୁଲାୱାୟୋ: ଭାରତୀୟ କ୍ରିକେଟର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଯେତେ ମ୍ୟାଚ୍ ଖେଳୁଛନ୍ତି ସେଥିରେ କିଛି ନ କିଛି ରେକର୍ଡ କରୁଛନ୍ତି। ଆଜି ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ସେ ୭୨ ରନ୍ କରିଥିଲେ। ଏହା ଫଳରେ ସେ ୧୪ ବର୍ଷ ୨୯୬ ଦିନରେ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱକପ୍‌ରେ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଥିଲେ। ଏହି ସ୍କୋର ବଳରେ ଏଠାରେ ସୂର୍ଯ୍ୟବଂଶୀ ମଧ୍ୟ ୭ମ ଭାରତୀୟ ଖେଳାଳି ଭାବେ ୟୁଥ୍ ଦିନିକିଆରେ ୧,୦୦୦ ରନ୍ ପୂରଣ କରିଛନ୍ତି। ସୂର୍ଯ୍ୟବଂଶୀଙ୍କ ୭୨ ଓ ଅଭିଜ୍ଞାନ କୁଣ୍ଡୁଙ୍କ ୮୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୮.୪ ଓଭରରେ ୨୩୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ବାଂଲାଦେଶ ୧୭.୨ ଓଭରରେ ୨ ୱିକେଟ ହରାଇ ୯୦ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଖେଳ ସ୍ଥଗିତ ରହିଛି। ଏହି ସମୟରେ ଖେଳ ବାତିଲ ହେଲେ ଉଭୟ ଦଳ ପଏଣ୍ଟ ଭାଗ କରିବେ। କିନ୍ତୁ ମ୍ୟାଚ୍ ୨୦ ଓଭର ବିଶିଷ୍ଟ ହୋଇପାରିଲେ ଡିଆର୍‌ଏସ୍‌ରେ ବାଂଲାଦେଶ ବିଜୟୀ ହେବ।

ପ୍ରଥମଶ୍ରେଣୀ କ୍ରିକେଟ

## ୨୩୨ ବର୍ଷର ରେକର୍ଡ ଭାଙ୍ଗିଲା ପାକିସ୍ତାନ ଟିଭି

କରାଚି,୧୭।୧(ଏଜେନ୍ସି): ଏଠାରେ ଆଜି ଖେଳାଯାଇଥିବା ପାକିସ୍ତାନର ପ୍ରଥମଶ୍ରେଣୀ କ୍ରିକେଟ ପ୍ରେସିଡେଣ୍ଟ ଟ୍ରଫିରେ ଏକ ବିରଳ ରେକର୍ଡ ହୋଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଟିଭି ଏକାଦଶ ମାତ୍ର ୪୦ ରନ୍‌ର ଟାର୍ଗେଟ୍‌କୁ ଡିଫେଣ୍ଡ କରିଛି। ଏହି ମ୍ୟାଚ୍ ଜିତିବାକୁ ପ୍ରତିପକ୍ଷ ସୁଇ ନଦର୍ଣ୍ଣ ଆଗରେ ୪୦ ରନ୍ ଟାର୍ଗେଟ ରହିଥିଲା। ଏହି ଲକ୍ଷ୍ୟକୁ ପିଛା କରି ସୁଇ ନଦର୍ଣ୍ଣ ୩୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ପାକିସ୍ତାନ ଟିଭି ୨ ରନ୍‌ରେ ବିସ୍ମୟକର ତଥା ଅବିଶ୍ୱସନୀୟ ବିଜୟ ହାସଲ କରିଛି। ଏହା ଫଳରେ ପ୍ରଥମଶ୍ରେଣୀ କ୍ରିକେଟର ୨୩୨ ରନର ରେକର୍ଡ ଭାଙ୍ଗିଯାଇଛି। ପୂର୍ବରୁ ଏହି ରେକର୍ଡ ୧୭୯୪ରେ ଇଂଲଣ୍ଡର ଓଲ୍ଡ ଫିଲ୍ଡ ନାମରେ ରହିଥିଲା। ଏମ୍‌ସିସି ବିପକ୍ଷ ମ୍ୟାଚ୍‌ରେ ୪୧ ରନ୍‌ର ସ୍କୋରକୁ ଡିଫେଣ୍ଡ କରି ଓଲ୍ଡଫିଲ୍ଡ ନାମରେ ଏହି ରେକର୍ଡ ୨୩୨ ବର୍ଷ ହେଲା ରହିଥିଲା।

## ରାଜ୍ୟ ଲନ୍‌ବଲ୍ ଚାମ୍ପିଅନ୍‌ସିପ୍‌ରେ ବଲାଙ୍ଗିର, ସମ୍ବଲପୁରର ପ୍ରାଧାନ୍ୟ

ଭୁବନେଶ୍ୱର,୧୭।୧(ସମିସ): ଏଠାରେ ଅନୁଷ୍ଠିତ ତୃତୀୟ ରାଜ୍ୟ ଲନ୍‌ବଲ ଚାମ୍ପିଅନସିପ୍‌ରେ ବଲାଙ୍ଗିର ଜିଲ୍ଲା ପ୍ରାଧାନ୍ୟ ବିସ୍ତାର କରିଛି। ଆଜି ଶେଷ ହୋଇଥିବା ବରିଷ୍ଠ ଫୌଶ ଇଭେଣ୍ଟରେ ବଲାଙ୍ଗିର ସ୍ୱର୍ଣ୍ଣ ଓ ରୌପ୍ୟ, ମହିଳା ଇଭେଣ୍ଟରେ ସମ୍ବଲପୁରକୁ ସ୍ୱର୍ଣ୍ଣ ଓ ବଲାଙ୍ଗିରକୁ ରୌପ୍ୟ ପଦକ ମିଳିଛି। ମହିଳା ଏକକରେ ବଲାଙ୍ଗୀରକୁ ସ୍ୱର୍ଣ୍ଣ ଓ ସମ୍ବଲପୁରକୁ ରୌପ୍ୟ, ପୁରୁଷ ଏକକରେ ଢେଙ୍କାନାଳ ସ୍ୱର୍ଣ୍ଣ ଓ ସମ୍ବଲପୁର ରୌପ୍ୟ ପଦକ ବିଜୟୀ ହୋଇଛି। ବଲାଙ୍ଗିର ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପୁଇଁତଲା ତହସିଲଦାର ଗୌରବ କୁମାର ବର୍ଗେ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଟି-୨୦ ବିଶ୍ୱକପ୍: ବାଂଲାର ପ୍ରସ୍ତାବ

## ଆୟର୍ଲାଣ୍ଡ ସହ ଆମ ଗ୍ରୁପ୍ ବଦଳାଅ

ଢାକା, ୧୭।୧ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ କରିବାକୁ ଆଇସିସିକୁ ଏକ ନୂଆ ପ୍ରସ୍ତାବ ଦେଇଛି। ଆଜି ଆଇସିସିର ଏକ ପ୍ରତିନିଧି ଦଳ ବାଂଲାଦେଶ ସରକାର ଓ ବୋର୍ଡ ପ୍ରତିନିଧିଙ୍କ ସହ ମୁହାଁମୁହିଁ ଆଲୋଚନା କରିଥିଲେ। ଟି-୨୦ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ, ଭାରତ ଯିବ ନାହିଁ ବୋଲି ବାଂଲାର ପ୍ରତିନିଧି ସ୍ପଷ୍ଟ କରିଥିଲେ। ଏଭଳି ଅଚଳାବସ୍ଥାକୁ ଦୂର କରିବା ଲାଗି ବାଂଲାଦେଶ ପକ୍ଷରୁ ଆୟର୍ଲାଣ୍ଡ ସହ ତାଙ୍କ ଗ୍ରୁପ୍ ବଦଳାଇବାକୁ ପ୍ରସ୍ତାବ ଦେଇଛି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ବାଂଲାଦେଶ ତାହାର ସମସ୍ତ ମ୍ୟାଚ୍ ଭାରତରେ ଖେଳିବ। ଆୟର୍ଲାଣ୍ଡ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ।

ମହିଳା ପ୍ରିମିୟର ଲିଗ୍

## ୟୁପି ୱାରିୟର୍ଜର ଦ୍ୱିତୀୟ ବିଜୟ

ନଭି ମୁମ୍ବାଇ,୧୭।୧ (ଏଜେନ୍ସି): ୩୨ ବର୍ଷୀୟା ଅଧିନାୟିକା ମେଗ୍ ଲାନିଂଙ୍କ ୪୫ ବଲ୍‌ରେ ୭୦ ଓ ୨୨ ବର୍ଷୀୟା ଫୋଏବି ଲିଚ୍‌ଫିଲ୍ଡଙ୍କ ୩୭ ବଲ୍‌ରେ ୬୧ ରନ୍ ସହାୟତାରେ ଏଠାରେ ଶନିବାର ଅନୁଷ୍ଠିତ ମୁକାବିଲାରେ ୟୁପି ୱାରିୟର୍ଜ ୨୨ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ୫ମ ମୁକାବିଲା ପରେ ଉଭୟ ଦଳ ୨ଟି ଲେଖାଏଁ ବିଜୟ ହାସଲ କରିଥିଲାବେଳେ ୩ଟି ଲେଖାଏଁ ପରାଜୟ ବରଣ କରିଛନ୍ତି। ଆଜି ରାତିରେ ଆର୍‌ସିବି ଓ ଦିଲ୍ଲୀ କ୍ୟାପିଟାଲ୍ସ ମୁକାବିଲା ସହ ନଭି ମୁମ୍ବାଇ ଲେଗ୍‌ରୁ ମୁକାବିଲା ଶେଷ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁପି ୮ ୱିକେଟରେ ୧୮୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ଆମେଲିଆ କେରଙ୍କ ଅପରାଜିତ ୪୯ ଓ ଅମନଜୋତ କୌରଙ୍କ ୨୪ ବଲ୍‌ରେ ୪୧ ରନ୍ ସତ୍ତ୍ୱେ ଦଳ ୬ ୱିକେଟରେ ୧୬୫ ରନ୍ କରିଥିଲା।

ସେହିପରି ଆଜି ଖେଳାଯାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଶେଫାଳି ବର୍ମାଙ୍କ ୪୧ ବଲ୍‌ରେ ୬୨, ଲୁସି ହାମିଲଟନଙ୍କ ୧୯ ବଲ୍‌ରେ ୩୬ ଓ ସ୍ନେହ ରାଣାଙ୍କ ୨୨ ବଲ୍‌ରେ ୨୨ ରନ୍ ଫଳରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୧୬୬ ରନ୍‌ରେ ଅଲଆଉଟ ହୋଇଛି। ବେଙ୍ଗାଲୁରୁ ପକ୍ଷରୁ ବୋଲିଂ ଓପନ କରିଥିବା ଲୌରେନ୍ ବେଲ ଓ ସାୟାଲି ସାତଘରେ ୩ଟି ଲେଖାଏଁ, ପ୍ରେମା ରାୱତ ୨ଟି ୱିକେଟ ନେଇଥିଲେ। ଦିଲ୍ଲୀର ଲିଜେଲେ ଲୀ ୪, ଲୌରା ୱଲଭାର୍ଟ ୦, ଅଧିନାୟିକା ଜେମିମା ରୋଡ୍ରିଗ୍ସେଜ୍ ୪ ଓ ମାରିଜାନ କାପ୍ ୦ ରନ୍ କରି ଆଉଟ ହୋଇଥିଲେ।



ଆଜିଠୁ ଅଷ୍ଟ୍ରେଲିଆନ ଓପନ୍

## ପୁରସ୍କାର ବାବଦକୁ ଦିଆଯିବ ୬୮୦ କୋଟି ଟଙ୍କା

ମେଲବୋର୍ଣ୍ଣ, ୧୭ ।୧ (ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ ରବିବାରଠାରୁ ସ୍ଥାନୀୟ ମେଲବୋର୍ଣ୍ଣ ପାର୍କରେ ଆରମ୍ଭ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଏହା ହେବ ୧୧୪ତମ ସଂସ୍କରଣ। ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଇଭେଣ୍ଟ ଅନେକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱବହନ କରୁଛି। ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାମ୍ପିଅନ ହୋଇ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି। ତେଣୁ ଜୋକୋଭିଚଙ୍କ ନିକଟରେ ବିଶ୍ୱରେକର୍ଡ ୨୫ତମ ଟାଇଟଲ୍ ଜିତିବାର ସୁଯୋଗ ରହିଛି। ଜୋକୋଭିଚ୍ ତାଙ୍କ ଶେଷ ଗ୍ରାଣ୍ଡସ୍ଲାମ ଟ୍ରଫି ୨୦୨୩ରେ ୟୁଏସ୍ ଓପନରେ ହାସଲ କରିଥିଲେ। ଏହାପରଠାରୁ ସେ ବଡ଼ ସଫଳତା ଭାବେ ୨୦୨୪ରେ ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କିନ୍ତୁ ୨୫ ମାସରୁ ଊର୍ଦ୍ଧ୍ୱ ସମୟ ହେବ କୌଣସି ଗ୍ରାଣ୍ଡସ୍ଲାମରେ ଚାମ୍ପିଅନ ହୋଇନାହାନ୍ତି। ତେଣୁ ତାଙ୍କର ୨୫ତମ ଗ୍ରାଣ୍ଡସ୍ଲାମ ସ୍ୱପ୍ନ ଏଠାରେ ପୂରଣ ହେଉଛି କି ନାହିଁ ତାହା ଆସନ୍ତା ଦୁଇ ସପ୍ତାହରେ ଜଣାପଡ଼ିଯିବ।

ସ୍ପେନର କାର୍ଲୋସ ଆଲକାରାଜ ଓ ଇଟାଲୀର ଜାନିକ ସିନ୍ନର ଚଳିତ ଅଷ୍ଟ୍ରେଲିଆନ୍ ଓପନରେ ପୁରୁଷ ବିଭାଗରେ ଯଥାକ୍ରମେ ଟପ୍ ସିଡ୍ ଓ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଛନ୍ତି। ଆଲେକ୍ସଜାଣ୍ଡର ଜ୍ୱେରେଭ ୩ୟ ଓ ଜୋକୋଭିଚ୍ ୪ର୍ଥ ସିଡ୍‌ରେ ରହିଛନ୍ତି। ସେହିଭଳି ମହିଳା ବିଭାଗରେ ବେଲାରୁଷ ତାରକା ଆରିନା ସାବାଲେଙ୍କାଙ୍କୁ ଟପ୍ ସିଡ୍ ମାନ୍ୟତା ମିଳିଛି। ଗତବର୍ଷ ସିନର ଓ ମାଡିସନ କିଜ୍ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହୋଇଥିଲେ। ଏଥର ଅଷ୍ଟ୍ରେଲିଆନ୍ ଓପନରେ ରେକର୍ଡ ୭୫ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଭାରତୀୟ ମୁଦ୍ରାରେ ୬୮୦.୩୨ କୋଟି ଟଙ୍କା ହେବ। ଗତ ସଂସ୍କରଣଠାରୁ ଏଥର ୧୬ ପ୍ରତିଶତ ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳିଙ୍କୁ ୨୫.୩୦ କୋଟି ଟଙ୍କା ପ୍ରଦାନ କରାଯିବ।

**ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଲକ୍ଷ୍ୟରେ ଜୋକୋଭିଚ୍**

ବିଜୟ ହଜାରେ ଟ୍ରଫି ଫାଇନାଲ ଆଜି

## ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ବିଦର୍ଭ

ବେଙ୍ଗାଲୁରୁ, ୧୭ ।୧ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ଚଳିତ ୩୩ତମ ସଂସ୍କରଣର ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ସଂସ୍କରଣର ଉପବିଜେତା ବିଦର୍ଭ ଓ ସୌରାଷ୍ଟ୍ର ମଧ୍ୟରେ ଟାଇଟଲ୍ ଲଢ଼େଇ ମୁକାବିଲା ବେଙ୍ଗାଲୁରୁରେ ଖେଳାଯିବ। ଗତ ବର୍ଷ ଫାଇନାଲରେ କର୍ଣ୍ଣାଟକ ନିକଟରୁ ହାରି ରନର୍ସଅପ୍ ହୋଇଥିବା ବିଦର୍ଭ ଏଥର ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି। ହର୍ଷ ଦୁବେଙ୍କ ନେତୃତ୍ୱାଧୀନ ବିଦର୍ଭ ଚଳିତ ସିଜନରେ ବେଶ୍ ଭଲ ଫର୍ମରେ ରହିଛି। ବିଦର୍ଭ ସେମିଫାଇନାଲରେ କର୍ଣ୍ଣାଟକକୁ ମାତ୍ ଦେଇ ଫାଇନାଲକୁ ପ୍ରବେଶ କରିଛି। ଯଦି ବିଦର୍ଭ ଚାମ୍ପିଅନ ହୁଏ ତେବେ ପ୍ରଥମଥର ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିବ। ଦଳରେ ଅମନ ମୋଖାଡେ, ଧ୍ରୁବ ସୋରେ, ରବି କୁମାର ସମର୍ଥଙ୍କ ଭଳି ଦକ୍ଷ ବ୍ୟାଟର୍ ରହିଛନ୍ତି। ବୋଲିଂରେ ଦର୍ଶନ ନାଲକାନ୍ଦେ, ନଚିକେତ ଭୁତେ, ଯଶ ଠାକୁର ପ୍ରମୁଖ ସୌରାଷ୍ଟ୍ର ବ୍ୟାଟରଙ୍କୁ ଅଡୁଆରେ ପକାଇବାର ସାମର୍ଥ୍ୟ ରଖୁଛନ୍ତି। ଅପରପକ୍ଷରେ ସୌରାଷ୍ଟ୍ର ଉଭୟ ବ୍ୟାଟିଂ ଓ ବୋଲିଂରେ ବେଶ୍ ଶକ୍ତିଶାଳୀ ରହିଛି। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ୯ ୱିକେଟରେ ପଞ୍ଜାବକୁ ବଡ଼ ବ୍ୟବଧାନରେ ପରାସ୍ତ କରି ସୌରାଷ୍ଟ୍ର ଫାଇନାଲ ଟିକଟ୍ ହାସଲ କରିଥିଲା। ଓପନର୍ ବୈଶବରାଜ ଜାଡେଜା ପଞ୍ଜାବ ବିପକ୍ଷରେ ୧୬୫ ରନର ମାରାଥନ ଶତକୀୟ ପାଳି ଖେଳି ଫାଇନାଲ ପୂର୍ବରୁ ଦଳର ମନୋବଳ ବଢ଼ାଇଛନ୍ତି। ସୌରାଷ୍ଟ୍ର ପୂର୍ବରୁ ୨୦୦୭ ଓ ୨୦୨୨ରେ ଚାମ୍ପିଅନ ହୋଇଥିଲା। ତେଣୁ ଦଳ ନିକଟରେ ୩ୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାର ସୁଯୋଗ ରହିଛି।

ହକି ଇଣ୍ଡିଆ ଲିଗ୍: ଭୁବନେଶ୍ୱର ଲେଗ୍ ଆରମ୍ଭ

# 'କଳିଙ୍ଗ'ରେ ଲାନ୍ସର୍ସର ବୃହତ୍ ବିଜୟ

ଭୁବନେଶ୍ୱର, ୧୭ ।୧ (ସମିସ):

ଚଳିତ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍) ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଶନିବାରଠାରୁ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏଠାରେ ଘରୋଇ କଳିଙ୍ଗ ଲାନ୍ସର୍ସ ଓ ହାଇଦରାବାଦ୍ ବୃହତ୍ ବିଜୟ ହାସଲ କରିଛନ୍ତି। ଆଜିର ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ୬-୧ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରି କ୍ରମାଗତ ୫ମ ବିଜୟ ସହ ପ୍ଲେ ଅଫ୍ ପ୍ରବେଶ କରିବା ରାସ୍ତା ପରିଷ୍କାର କରିନେଇଛି। ଆଜିର ମ୍ୟାଚ୍‌ରେ କୁପର ବର୍ଣ୍ଣସ ଓ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ୨ଟି ଲେଖାଏଁ, କ୍ରେଗ୍ ମାରାଇସ୍, ଅଙ୍ଗଦବୀର ସିଂହ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଆସନ୍ତାକାଲି ଦଳ ତାମିଲନାଡୁ ଡ୍ରାଗନ୍ସ ସହ କଳିଙ୍ଗ ଷଷ୍ଠ ଲିଗ୍ ମ୍ୟାଚ୍ ଖେଳିବ। ସେହିପରି ପ୍ରଥମ ମ୍ୟାଚ୍‌ରେ ହାଇଦରାବାଦ୍ ତୁଫାନ୍ସ ୬-୦ ଗୋଲରେ ଶାରଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରି ସର୍ବବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି।



**ଆଜିର ମ୍ୟାଚ୍**
**ସନ୍ଧ୍ୟା ୫ଟା: ଏସ୍‌ଜି ପାଇପର୍ସ ବନାମ ବେଙ୍ଗଲ ଟାଇଗର୍ସ**
**ରାତି ୭ଟା ୩୦: କଳିଙ୍ଗ ଲାନ୍ସର୍ସ ବନାମ ତାମିଲନାଡୁ ଡ୍ରାଗନ୍ସ**

ଦିବସର ପ୍ରଥମ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ଓ ଶାରଚି ବେଙ୍ଗଲ ଟାଇଗର୍ସ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ହାଇଦରାବାଦ୍ ଗୋଲ୍ ବର୍ଷା କରି ଏକପାଖିଆ ଭାବେ ୬-୦ ଗୋଲରେ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଜାଚାରୀ ୱାଲାସି ଓ ଟିମ୍ ବ୍ରାଣ୍ଡ ହ୍ୟାଟ୍ରିକ ଗୋଲ୍‌ସ୍କୋର କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୁମିତ୍‌ଙ୍କ ନେତୃତ୍ୱାଧୀନ ତୁଫାନ୍ସର ଏହା ୬ଷ୍ଠ ମ୍ୟାଚରୁ ୪ର୍ଥ ବିଜୟ ଥିଲା। ହାଇଦରାବାଦ୍ ଏଥିସହ ୮ ପଏଣ୍ଟ ପାଇ ୪ ଦଳୀୟ ଟେବଲ୍ ତାଲିକାର ୪ର୍ଥ ସ୍ଥାନକୁ ଉଠିଛି। ହାଇଦରାବାଦ୍ ତୁଫାନ୍ସ ଏହାର ପରବର୍ତ୍ତୀ ମ୍ୟାଚରେ ଜାନୁଆରୀ ୨୦ରେ ଏଚଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ (ଜିସି)କୁ ଭେଟିବ। ଅପରପକ୍ଷରେ ବେଙ୍ଗଲ ଟାଇଗର୍ସ ୬ଷ୍ଠ ମୁକାବିଲାରୁ ୪ର୍ଥ ପରାଜୟବରଣ କରି ୬ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।

### ୱାଲାସି ଓ ବ୍ରାଣ୍ଡଙ୍କ ହ୍ୟାଟ୍ରିକ; ତୁଫାନ୍ସର ଗୋଲ୍ ବର୍ଷା

ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ହାଇଦରାବାଦ୍ ୪ଟି ଗୋଲ୍ ଦେଇ ବେଙ୍ଗଲକୁ ଏକପ୍ରକାର ବ୍ୟାକଫୁଟକୁ ଠେଲି ଦେଇଥିଲା। ମ୍ୟାଚର ୨ୟ ମିନିଟରେ ଇଂଲିଶ ମିଡଫିଲ୍ଡର ଜାଚାରୀ ୱାଲାସି ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ତୁଫାନ୍ସର ଗୋଲ୍ ଖାତା ଖୋଲିଥିଲେ। ଏହାପରେ ୧୨ତମ ମିନିଟରେ ଅଷ୍ଟ୍ରେଲୀୟ ଫରୱାର୍ଡ ଟିମ୍ ବ୍ରାଣ୍ଡଙ୍କ ଯାଦୁ ଦେଖିବାକୁ ମିଳିଥିଲା। ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ହାଇଦରାବାଦ୍‌ର ଅଗ୍ରଣୀକୁ ବ୍ରାଣ୍ଡ ଦ୍ୱିଗୁଣିତ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ତଥା ପରବର୍ତ୍ତୀ ୧୫ ମିନିଟରେ ୱାଲାସି ଆଉ ୨ଟି ଗୋଲ୍ ଦେଇ ନିଜର ହ୍ୟାଟ୍ରିକ ପୂରଣ କରିଥିଲେ। ସେ ୧୭ତମ ଓ ୩୦ତମ ମିନିଟରେ ଫିଲ୍ଡ ଗୋଲ୍‌ରୁ ଏହି ଦୁଇଟି ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧରେ ହାଇଦରାବାଦ ୪-୦ରେ ଆଗୁଆ ରହିଥିଲା। କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା, ଆଡିସନାଲ ସେକ୍ରେଟାରୀ ବିଜୟ କୁମାର ସ୍ୱାଇଁ, ଅଲିମ୍ପିଆନ ଲିଲିମା ମିଞ୍ଜ, ହକି ଇଣ୍ଡିଆର କୋଷାଧ୍ୟକ୍ଷ ଶେଖର ମନୋହରନ ଏହି ମ୍ୟାଚରେ ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS